# ଯାଅ, କୁହ

...ସାକ୍ଷ୍ୟ ଦିଅନ୍ତୁ, ଏବଂ ପଛରେ ସେଠାରେ ଥିବା ସେହି ସାନ ଭଉଣୀ, ମୁଁ ଭାବୁଛି ଏହା ସେହି ଗୀତଟିକୁ ବ୍ୟକ୍ତ କରେ:

> ଓଃ, ପରମେଶ୍ୱରଙ୍କ ପ୍ରେମ, କେତେ ସମୃଦ୍ଧ ଏବଂ ଶୁଦ୍ଧ!
> କେତେ ଅତଳସ୍ପର୍ଶୀ ଏବଂ ଶକ୍ତିଶାଳୀ!

ଏହା ଆମ ପାଇଁ ଏକ କିପ୍ରକାର ଦିନ ଅଟେ! ଆସନ୍ତୁ ଆମେମାନେ କେବଳ ନିରବ ରହି, ନିଜର ମସ୍ତକଗୁଡିକୁ ବର୍ତ୍ତମାନ ନତ କରି, ପ୍ରାର୍ଥନା କରିବା ପୂର୍ବରୁ ପ୍ରଭୁଙ୍କ ନିକଟରେ ତାହା ଗାନ କରୁ । ଟେଡି, କେବଳ, ଯଦି ତୁମେ ଚାହଁ, ତାହାହେଲେ ଆମ ପାଇଁ ଟିକିଏ ସ୍ୱର ତରଙ୍ଗ ଦିଅ । ଏବଂ ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରି, ନିଜର ଆଖିକୁ ବନ୍ଦ କରି,...ଠିକ୍ ପ୍ରାର୍ଥନା ପୂର୍ବରୁ, ଏହି ଗୀତକୁ ଗାଉ ।

> ଓଃ, ପରମେଶ୍ୱରଙ୍କ ପ୍ରେମ, କେତେ ସମୃଦ୍ଧ ଏବଂ ଶୁଦ୍ଧ!
> କେତେ ମାପହୀନ ଏବଂ ଶକ୍ତିଶାଳୀ!
> ଏହା ଚିରକାଳ ପାଇଁ ରହିବ...[ଟେପ୍‌ରେ ଖାଲି ସ୍ଥାନ—ସମ୍ପା ।]

2 ଯଦି ସ୍ୟାହୀ, ସମସ୍ତ ଜଳ ଯଦି ସ୍ୟାହୀରେ ପରିଣତ ହୋଇଥାଆନ୍ତା, ଏବଂ ସମସ୍ତ ଆକାଶ ଯଦି ଲେଖକର ପଟା ହୋଇଥାଆନ୍ତା, ଏବଂ ପୃଥିବୀର ପ୍ରତ୍ୟେକ ଡାଳ ଯଦି ଏକ ଏକ କଲମ ହୋଇଥାଆନ୍ତା, ଏବଂ ପ୍ରତ୍ୟେକ ବ୍ୟକ୍ତି ଯଦି ଜଣେ ଲେଖକ ହୁଅନ୍ତି, ତଥାପି ଏହା ଆଦମଙ୍କ ପତିତ ଜାତି ପାଇଁ ପରମେଶ୍ୱରଙ୍କ ପ୍ରେମକୁ ପ୍ରକାଶ କରିପାରିବେ ନାହିଁ । ହେ ପିତା, ଆମେ ତୁମକୁ, ପ୍ରଭୁ ଯୀଶୁଙ୍କ ସେହି ମୂଲ୍ୟବାନ ରକ୍ତ ପାଇଁ, ଏବଂ ପୁନରୁତ୍ଥାନର ସେହି ସ୍ମୃତିମୟ ସକାଳ ପାଇଁ ଧନ୍ୟବାଦ ଦେଉଅଛୁ, ଏବଂ ତୁମର ମୁକ୍ତକାରୀ ପ୍ରେମ ପାଇଁ ଯାହାକି ଆଜି ଆମ ହୃଦୟଗୁଡିକରେ, ପବିତ୍ରଆତ୍ମାଙ୍କ ଦ୍ୱାରା ଢଳା ଯାଇଅଛି । ଆମକୁ ତାହାଙ୍କ, ଅର୍ଥାତ୍ ସେହି ସ୍ୱର୍ଗୀୟ ବ୍ୟକ୍ତିଜଣକ, ସେହି ସୃଷ୍ଟିକର୍ତ୍ତାଙ୍କ ସହିତ, ଏକ ସହଭାଗିତାକୁ ନେଇ ଆସ । ପୃଥିବୀରେ, ଆମକୁ ଏକ ଭାତୃଭାବ ଭିତରକୁ ନେଇ ଆସ, ଯାହାକି କେବେ ବି ଅତିକ୍ରମ କରାଯାଇ ନାହିଁ । କୌଣସି ବସାଗୃହ, କୌଣସି ଶପଥ, କେବେବି, କେବେବି ସେହି ନୂତନ-ଜନ୍ମ ପ୍ରାପ୍ତ ପୁରୁଷ ଏବଂ ମହିଳାଙ୍କ ଭାଇଚାରା ସହିତ ତୁଳନା କରିପାରିବ ନାହିଁ । ଏବଂ ସଦାକାଳ ପାଇଁ ସାଧୁ ଓ ଦୂତଗଣର ଗୀତ ହେବ!

3 ଆମେ ଆଜି ପ୍ରାର୍ଥନା କରୁଅଛୁ ଯେ ତୁମେ ସେସମସ୍ତ ବିଷୟଗୁଡିକୁ ଆଶୀର୍ବାଦ କରିବ ଯାହାକି ଆମେ ନିଜ ହୃଦୟରେ ଥିବା ତୁମ ପ୍ରତି, ଆମର—ଆମର କୃତଜ୍ଞତାକୁ ବ୍ୟକ୍ତ କରିବା ନିମନ୍ତେ ଚେଷ୍ଟା କରୁଅଛୁ, ପୁଣି ସେସବୁ ବିଷୟ ନିମନ୍ତେ ଯାହାକି ତୁମେ ଆମ ପାଇଁ କରିଅଛ । ଏବଂ ଏହା ଜାଣିବା ହେତୁ ଯେ ସେହି ଦିନ ସକାଳେ କେବଳ ଶିଷ୍ୟମାନଙ୍କର, ମରିୟମ

ଏବଂ ମଗଦଲିନୀ ମରିୟମଙ୍କ ହୃଦୟ ଖୁସି କରାହୋଇ ନ ଥିଲା, ମାତ୍ର ଆମ୍ଭେମାନେ ମଧ୍ୟ, ଆଜି ତୁମ୍ଭର ଶିଷ୍ୟମାନେ, ଆମର ହୃଦୟଗୁଡିକୁ ମଧ୍ୟ ସେହି ଘଟିକା ନିମନ୍ତେ ଆନନ୍ଦିତ କରାହୋଇଛି ଯେତେବେଳେକି ଆମେ ଏହା ପାଉ ଯେ ସେ ମରି ନାହାଁନ୍ତି, କିନ୍ତୁ ଜୀବିତ ଅଟନ୍ତି। ଏହା ହେଉ ଯେ ସେ ଆମମାନଙ୍କ ହୃଦୟଗୁଡିକରେ, ଆମମାନଙ୍କ ମଧ୍ୟରେ ସର୍ବଦା ଜୀବନ୍ତ ରୁହନ୍ତୁ। ଆମେ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

ଏପରି କେହି ବି ହୋଇପାରିବେ ନାହିଁ ଯିଏକି କେବେ ପୁନରୁତ୍ଥାନକୁ ପ୍ରକାଶ ବା ବ୍ୟକ୍ତ କରିପାରିବେ!

4 ବର୍ତ୍ତମାନ, ଏହି ପୁନରୁତ୍ଥାନ ସକାଳେ, ମଣ୍ଡଳୀରେ ଛୋଟ ଛୋଟ ଘଟଣାମାନ ଘଟିବା ପାଇଁ ଏହା ଏକ ଅତ୍ୟନ୍ତ ଅଦ୍ଭୁତ ସମୟ ଅଟେ, ଯାହା ହେଉଛି, ମାଆମାନେ ସେମାନଙ୍କର ଶିଶୁମାନଙ୍କୁ ଉତ୍ସର୍ଗ କରୁଛନ୍ତି। ଏହା କିଛି ଏକ ନୂଆ ବିଷୟ ଅଟେ, କିଛି ଗୋଟାଏ ବିଷୟ ସେମାନଙ୍କ ଘରେ ଯୋଗ କରାଯାଇଛି। ସେମାନଙ୍କ ନିକଟକୁ କିଛି ନୂତନ ଆଶୀର୍ବାଦ ଆସିଛି। ଏବଂ ସେମାନେ ଏହାର ପ୍ରତିବଦଳରେ, ପରମେଶ୍ବରଙ୍କୁ, ଏହା ଦେଇ ଦେବାକୁ ଚାହାଁନ୍ତି।

5 ଏବଂ ସେହି—ସେହି ସକାଳର ବାର୍ତ୍ତା ପରେ, ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ, ଯେପରିକି ଆପଣମାନେ ନିଜର ଅସୁସ୍ଥତାରୁ ପୁନରୁତ୍ଥିତ କରା ହୋଇ, ନୂତନ ସ୍ୱାସ୍ଥ୍ୟକୁ ଅଣା ଯିବେ। ତେବେ ତାହାର ତତକ୍ଷଣାତ୍ ପରେ, ସେମାନଙ୍କ ପାଇଁ ଯେଉଁମାନେକି ବାପ୍ତିଜିତ ହୋଇନାହାଁନ୍ତି, ଆମ ପାଖରେ ତାହାର ଏକ ପୁନରୁତ୍ଥାନ ହେବାକୁ ଯାଉଅଛି; ଜଳରେ ସମାଧିପ୍ରାପ୍ତ ହୁଅନ୍ତି, ଯେପରିକି ଜୀବନର ନୂତନତାରେ ଉତଥିତ ହୁଅନ୍ତି। ଆଜି ସକାଳେ ଏହା ସଂପୂର୍ଣ୍ଣ ଭାବରେ ପୁନରୁତ୍ଥାନ ଅଟେ, ପୁନରୁତ୍ଥାନ! ଆମର ହୃଦୟଗୁଡିକ ଖୁସି ଏବଂ ଉଶ୍ୱାସ କରା ହୋଇଅଛି, ଯେତେବେଳେକି ଆମେ ଏହି ଚମତ୍କାର ପୁନରୁତ୍ଥାନ ସକାଳର, ଏହି ଗୀତଗୁଡିକୁ ଗାଉଥାଉ ଏବଂ ଅନ୍ୟମାନଙ୍କର ସାକ୍ଷ୍ୟଗୁଡିକୁ ଶୁଣୁଥାଉ। ଏବଂ ଆମେ ବାହାରକୁ ଦେଖୁ ଏବଂ ଦେଖୁ ଯେ ପରମେଶ୍ୱର ଏହା ବିଷୟରେ ଖୁସି ଅଟନ୍ତି, ଗଛଗୁଡ଼ିକ ପୁନରୁତ୍ଥିତ ହେଉଛନ୍ତି।

6 କିଛି ସମୟ ପୂର୍ବରୁ, ତଳେ କେଣ୍ଟକିରେ, ଶ୍ରୀମାନ ଉଡ୍ ଏବଂ ମୁଁ ଗୁଣ୍ଡୁଚିମୂଷା ଶିକାର କରୁଥିଲୁ, ଏବଂ ଆମେ ଜଣେ ବ୍ୟକ୍ତିଙ୍କ ସ୍ଥାନକୁ ଯାଇଥିଲୁ। ଯେତେସବୁ ମୁଁ ଜାଣେ, ସେହି ବ୍ୟକ୍ତିଜଣକ ବର୍ତ୍ତମାନ ଠିକ ଉପସ୍ଥିତ ରହି ବସି ଥାଇପାରନ୍ତି। ଏବଂ ସମ୍ଭବତଃ ସେ ଜଣେ ବିଧର୍ମୀ ଥିଲେ। ଏବଂ ଭାଇ ଉଡ୍ ତାଙ୍କୁ ପଚାରିଲେ, "କଅଣ ମୁଁ ଆପଣଙ୍କ ସ୍ଥାନରେ ଗୁଣ୍ଡୁଚିମୂଷା ଶିକାର କରିପାରେ କି?"

ସେ କହିଲେ, "ହଁ, ଉଡ୍, ତୁମେ ଗୁଣ୍ଡୁଚିମୂଷା ଶିକାର କରିପାର। ପଛ ଆଡକୁ ଯାଅ।"

ଭାଇ ଉଡ୍ କହିଲେ, "ତେବେ, ମୁଁ ମୋର ପାଷ୍ଟରଙ୍କୁ ସଙ୍ଗରେ ଆଣିଅଛି।"

7 ଏବଂ ସେ କହିଲେ, "ଉଡ୍, ତୁମର ମୋତେ କହିବାର ଏହା ଅଭିପ୍ରାୟ ନୁହେଁ ଯେ ତୁମେ ଏତେ ନିମ୍ନ ହୋଇ ଯାଇଅଛ ଯେ ତୁମକୁ ନିଜ ସଙ୍ଗରେ ସବୁବେଳେ ଜଣେ ପ୍ରଚାରକଙ୍କୁ

ନେବାକୁ ପଡୁଅଛି!"

8 ଏବଂ ତେଣୁକରି ସେ ମୋତେ ପରିଚିତ କରାଇବା ପାଇଁ—ପାଇଁ ମୋତେ ସେଠାକୁ
ଡାକିଲେ । ଏବଂ ସେହି ବ୍ୟକ୍ତି କହିଥିଲେ ଯେ ସେ ଏକ ପ୍ରକାରରେ ଜଣେ କଠିନ ବ୍ୟକ୍ତି ଥିଲେ ।
ତାହା, ତାଙ୍କୁ ଅନ୍ୟମାନେ କହିଥିଲେ, କିନ୍ତୁ ସେ ତାଙ୍କୁ ବିଶ୍ୱାସ କରାଇବା ହେତୁ କିଛି ଦେଖି ପାରି
ନ ଥିଲେ ।

9 ଏବଂ ସେଠାରେ ଗୋଟିଏ ସେଓ ଗଛ ରହିଥିଲା ଯେଉଁଥିରୁ ପଡ଼ି ଯାଇଥିବା ଗୋଟିଏ
ସେଓକୁ ମୁଁ ଗୋଟାଇ ନେଇଥିଲି । ଏହା ଅଗଷ୍ଟ ମାସରେ ଥିଲା । ଏବଂ ମୁଁ ସେହି ଭଦ୍ରଲୋକଙ୍କୁ
କହିଲି, ମୁଁ କହିଲି, "ସେହି ଗଛର ବୟସ କେତେ?"

10 ଏବଂ ସେ କହିଲେ, "ପ୍ରାୟଃ ତିରିଶ ବର୍ଷ," ସେପରି କିଛି ଗୋଟାଏ ବା ଅନ୍ୟକିଛି । ସେ
ଏହାକୁ ରୋପଣ କରିଥିଲେ ।

11 ଏବଂ ମୁଁ କହିଲି, "କଅଣ ଆପଣ ଏହି ସେଓଗୁଡିକ ଫଳିବା ସମୟ ଠାରୁ ଏହାକୁ ଭୋଜନ
କରୁଛନ୍ତି କି?"

ହଁ, ଆଜ୍ଞା ।

12 ମୁଁ କହିଲି, "ସେହି ଗଛ ସହିତ କଅଣ ହୁଏ? ଯଦି ଆପଣ ଏହାକୁ ଦେଖିବେ, ଏହା
ବର୍ତ୍ତମାନ ଅଗଷ୍ଟ ମାସ ଅଟେ, ସମସ୍ତ ପାଗ ସାରା ଗରମ ରହି ଆସିଛି; କିନ୍ତୁ ବର୍ତ୍ତମାନ
ପତ୍ରଗୁଡ଼ିକ ସେହି ଗଛରୁ ଖସିପଡୁଛି, ଏବଂ ରସ ଶାଖାସବୁକୁ ଛାଡି, ତଳକୁ ଚେରଗୁଡିକ
ମଧ୍ୟକୁ ଯାଉଅଛି । ଯଦି ଏହା ଏଠାରେ ଶୀତ ଋତୁ ସାରା ରହିବ, ସେହି ଗଛ ଆଉ ରହିବ ନାହିଁ;
କିନ୍ତୁ ଏହା ନିଜକୁ ଥଣ୍ଡା ପବନରୁ ଲୁଚାଇ ରଖିବା ପାଇଁ, ତଳେ ମାଟି ଭିତରକୁ ଚାଲିଯାଏ । ଯଦି
ଏହା ଏଠାରେ ଉପରେ ରହିବ, ତେବେ ଏହା ମରିଯିବ, ଏହା ଆଉ ଅଧିକ ସେଓଗୁଡିକୁ ଧାରଣ
କରିବ ନାହିଁ । କିନ୍ତୁ ଏହା ନିଜକୁ ଚେରଗୁଡିକ ମଧ୍ୟରେ ଲୁଚାଇବା ପାଇଁ ଚାଲିଯାଏ, ଯେପରିକି
ଆପଣଙ୍କ ନିମନ୍ତେ କୌଣସି ସ୍ଥାନରୁ କିଛି ସେଓ, ଏବଂ କିଛି ପତ୍ରକୁ ଆଣିବା ନିମନ୍ତେ, ଆସନ୍ତା
ବର୍ଷ ଫେରି ଆସେ ।"

13 ଏବଂ ମୁଁ କହିଲି, "ତେବେ, ମହାଶୟ, ମୁଁ—ମୁଁ ନିବେଦନ କରୁଛି ଯେ କଅଣ ଆପଣ
ମୋତେ କହିବେ ଯେ କେଉଁ ବୁଦ୍ଧିମତା କୌଣସି ଥଣ୍ଡା ପାଗ ହେବା ପୂର୍ବରୁ ସେହି ରସକୁ ଗଛ
ଛାଡିବା ପାଇଁ ବାଧ୍ୟ କରିଥାଏ, ଏବଂ ଲୁଚିବା ପାଇଁ ଚେରଗୁଡିକ ମଧ୍ୟକୁ ଚାଲି ଯାଇଥାଏ?
ଯଦି ଆପଣ ମୋତେ କହିପାରିବେ ଯେ କେଉଁ ବିଷୟ ତାହା କରିଥାଏ, ଏବଂ ମୋତେ
ତାହା ବୁଝାଇପାରିବେ, ଯେ କେଉଁ ବିଷୟ ଏହାକୁ କରିଥାଏ, ତାହାପରେ ମୁଁ ଆପଣଙ୍କୁ
ପରମେଶ୍ୱରଙ୍କ ଉପରେ ଆପଣଙ୍କର ହାତକୁ ରଖିବାକୁ ଦେବି ।" ମୁଁ କହିଲି, "ଆପଣ ଗୋଟିଏ
ଖୁଣ୍ଟରେ ପାଣି ରଖନ୍ତୁ ଏବଂ ଦେଖନ୍ତୁ ଯେ ଯଦି ଏହା କରିବ କି ନାହିଁ, ଦେଖନ୍ତୁ ଯଦି ସେହି ଋତୁର
ପରିବର୍ତ୍ତନ ଏହା କରିବ କି । ସେଠାରେ କିଛି ଗୋଟାଏ ମହାନ ବୁଦ୍ଧିମତା ଅଛି ଯାହାକି ସେହି

ରସକୁ ତଳେ ଗଛର ମୂଳକୁ ପଠାଇ ଦେଇଥାଏ, ଏବଂ ତାହାପରେ ଏହାକୁ ନୂତନ ଜୀବନ ସହିତ ପୁନର୍ବାର ଫେରାଇ ଆଣିଥାଏ । ତାହା ହେଉଛନ୍ତି ପରମେଶ୍ୱର ।"

14 ଏବଂ ସେ କହିଲେ, "ମୁଁ କଦାପି ସେତେ ଅଧିକ ମଣ୍ଡଳୀକୁ ଯାଇ ନାହିଁ ।" ସେ କହିଲେ, "କିନ୍ତୁ ଥରେ, ଜଣେ ପ୍ରଚାରକ, ଏଠାରେ ଆକ୍ଟନ୍‌କୁ ଆସିଥିଲେ, ଏବଂ ଏକ ନିର୍ଦ୍ଦିଷ୍ଟ ମହିଳାଙ୍କୁ, ଯିଏକି ପାହାଡ ଉପରେ ରହୁଥିଲେ, କହିଲେ ଯେ ତାଙ୍କ ଭଉଣୀ ସେହି ରାତି ସେହି ସଭାରେ ଥିଲେ, ଏବଂ ତାଙ୍କୁ କହିଥିଲେ ଯେ ସେ କର୍କଟ ରୋଗରେ ପୀଡିତ ଥିବା ଜଣେ ଭଉଣୀଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି ।" ଏବଂ କହିଲେ, "ପତ୍ନୀ ଏବଂ ମୁଁ ତାଙ୍କୁ ସାହାଯ୍ୟ କରିବା ପାଇଁ ସେଠାରେ ରହିଥିଲୁ ।" ଏବଂ କହିଲେ, "ସେ ଏତେ ଅଧିକ ପେଟର କର୍କଟ ରୋଗରେ, ପୀଡିତ ଥିଲେ, ଏପରିକି ଯେ ତାଙ୍କୁ ଏକ ଚାଦର ସାହାଯ୍ୟରେ ସେମାନଙ୍କୁ ଶଯ୍ୟାରେ ବୁଲାଇବାକୁ ପଡୁଥିଲା, ଏବଂ ପ୍ରଭୃତି ସବୁ । ତାଙ୍କ ଭଉଣୀ ରୁମାଲକୁ ଫେରାଇ ଆଣିଲେ," କହିଲେ, "ସେହି ଲୋକଟି ତାଙ୍କୁ ତାର ଅବସ୍ଥା ଏବଂ ସମସ୍ତ ବିଷୟରେ କହିସାରିବା ପରେ, କହିଲେ 'ସେହି ରୁମାଲଟି ତାଙ୍କ ଉପରେ ରଖିଦେବେ ।'" ଏବଂ କହିଲେ, "ସେ ଆଜି ଭଲ ଅଛନ୍ତି ।"

15 "ଏବଂ ଏହା କେବଳ ଦର୍ଶାଇବାକୁ ଯାଏ," ମୁଁ କହିଲି, "ସେହି ସମାନ ବୁଦ୍ଧିମତା ଯାହାକି ଗଛରେ ଥିବା ସେହି ରସକୁ କହିଥିଲା, ଯେ ଠିକ୍ ଆପଣଙ୍କ ଆଖି ସମ୍ମୁଖରେ, ବର୍ଷକୁ ବର୍ଷ, ତଳେ ମୂଳକୁ ଯାଇ ଲୁଚି ଯିବାକୁ, ସେହି ସମାନ ବୁଦ୍ଧିମତା ଥିଲା ଯାହାକି ମୋତେ କହିଥିଲା ଯେ ସେହି ସ୍ତ୍ରୀଲୋକଟି ସୁସ୍ଥ ହେବେ ଯେତେବେଳେ ସେ ଏହାକୁ ରଖନ୍ତି…" ମୁଁ କହିଲି, "ତାହା ଏତେ—ଏତେ ରହସ୍ୟମୟ ନୁହେଁ । ଆପଣ ତ ନିଜ ସମ୍ମୁଖ ଅଗଣାରେ ଏକ ଅଧିକ ଉତ୍ତମ ପ୍ରଚାରକ ଛିଡା ହୋଇଥିବାର ପାଇଛନ୍ତି, ଅର୍ଥାତ୍ ସେହି ଗଛ, ଯାହା ଆପଣଙ୍କୁ ବର୍ଷକୁ ବର୍ଷ କହିଥାଏ ।"

16 ଯଦି ଆମେ କେବଳ ଚାରିପାଖକୁ ଅନାଇବା, ତାହାହେଲେ ଆମେ ପରମେଶ୍ୱରଙ୍କୁ ସବୁଠାରେ ଦେଖିବା। ସେ ପ୍ରତ୍ୟେକ ଗଛରେ, ଘାସର ପ୍ରତ୍ୟେକ ପତ୍ରରେ ଅଛନ୍ତି। ପରମେଶ୍ୱର ବ୍ୟତୀତ ଆଉ କେହି ଏହାକୁ ଉତ୍ପନ୍ନ କରିପାରନ୍ତି ନାହିଁ। ଆମେ ଏହାପରି ଦେଖା ଯାଉଥିବା କିଛି ବିଷୟକୁ ଉତ୍ପନ୍ନ କରିପାରୁ; କିନ୍ତୁ ସେହି ଜୀବନକୁ ନୁହେଁ, ଏହା ତ ପରମେଶ୍ୱର ଅଟନ୍ତି ।

17 ତେବେ, ଏଠାରେ କିଛି ଘରେ ଘାସର ଏକ ଛୋଟ ପତ୍ରକୁ ଯୋଗ କରାଯାଇଛି, ଏବଂ ଆମେ ଏହି ଛୋଟ ଶିଶୁମାନଙ୍କୁ ପ୍ରଭୁଙ୍କ ନିକଟରେ ଉତ୍ସର୍ଗ କରିବାକୁ ଚାହୁଁଛୁ । ଟେଡି, ଆମର ଏଠାରେ ଏକ ଛୋଟ ଗୀତ ଅଛି ଯାହାକୁ ଆମେ ଗାଇଥାଉ, *ସେମାନଙ୍କୁ ଭିତରକୁ ଆଣ,* କଅଣ ତୁମେ କେବଳ ସେହି ଗୀତଟିକୁ ବଜାଇବ କି ଯେତେବେଳେ ମାଆମାନେ ସେମାନଙ୍କର ଶିଶୁମାନଙ୍କୁ ଉତ୍ସର୍ଗୀକୃତ କରାଇବାକୁ ଚାହାଁନ୍ତି, ଏବଂ ପିତାମାନେ, ସେମାନେ ସେମାନଙ୍କର ଛୋଟ ପିଲାମାନଙ୍କୁ ଏଠାରେ ବେଦୀ ନିକଟକୁ ଆଣିବେ ।

18 ଏବଂ ଆଜି ସକାଳେ ଆମର ବେଦୀ ଉପରେ ଆମେ ବହୁତ ଛୋଟ ଛୋଟ ଇଷ୍ଟର

ଫୁଲଗୁଡିକ ପାଇଛୁ, କଅଣ ନୁହେଁ କି? ମୋର, ମୋର ପ୍ରଭୁ! ମୁଁ କଳ୍ପନା କରୁଛି ଯେ ଏଠାରେ ଛୋଟ ମରିୟମ, ରୁତ, ରିବିକା, ଛୋଟ ଯାକୁବ, ପାଉଲ, ଏବଂ ଯୋହନ, ସମସ୍ତେ ଏଠାରେ ରହିଛନ୍ତି, ଅନ୍ୟ ପିଢି ପାଇଁ ଛୋଟ ଛୋଟ ଇଷ୍ଟର ଫୁଲଗୁଡିକ।

19 ଏହା ଠିକ୍, ଠିକ୍ ସେଠାରେ ଅଛି। ମୁଁ ବିଶ୍ୱାସ କରେ ଯେ ଭାଇ ବିଲର୍ ଏଠାରେ ଛିଡା ହୋଇଥିବା ଏହି—ଏହି ସାନ ବ୍ୟକ୍ତିର ଏହି ଫୋଟୋଚିତ୍ର ତୋଳିବାକୁ ଚାହାଁନ୍ତି, ଏହା—ଏହା ହେଉଛି ଭାଇ ଉଡଙ୍କର ନାତି, ଭଉଣୀ ଉଡ୍ ଏଠାରେ ଅଛନ୍ତି। ଏବଂ ଅନ୍ୟମାନେ ବର୍ତ୍ତମାନ ସେମାନଙ୍କର ଛୋଟ ପିଲାମାନଙ୍କ ସହିତ ଆସୁଛନ୍ତି। ସାଥୀଗଣ, ଠିକ ଆଗକୁ ଆସନ୍ତୁ। ତାହା ଠିକ୍ ଅଛି। ଭାଇ ନେୱିଲ୍।

20 ପବିତ୍ର ବିବାହର ମିଳନ ମହାନ ଅଟେ, ଏହା ପରମେଶ୍ୱରଙ୍କ ଦ୍ୱାରା ନିରୂପିତ ଅଟେ। ଏବଂ ପବିତ୍ର ବିବାହ ମାଧ୍ୟମରେ ଏହି ପ୍ରିୟ ଛୋଟ ଛୋଟ ଛୁଆମାନେ ଜନ୍ମ ହୋଇଅଛନ୍ତି।

21 ଆପଣଙ୍କୁ ଠିକ ବର୍ତ୍ତମାନ ହିଁ ମୋତେ ଏଠାରେ ଏହାର ନାମ କହିବାକୁ ହେବ। ବ୍ରେଣ୍ଡା ସୁ। ହେ ଝିଅ, ତୁମେ ତ ତାହାଠାରୁ ବହୁତ ଅଲଗା ଦେଖାଯାଉଛ, ଯାହା ମୁଁ ତୁମକୁ ପ୍ରଥମେ ଦେଖିଥିଲି। ତେବେ, ଏଠାରେ ଛୋଟ ବ୍ରେଣ୍ଡା ସୁ ଉଡ୍ ଅଛି, ପ୍ରକୃତରେ ଆମ ସମସ୍ତଙ୍କ ହୃଦୟ ପାଇଁ ଏକ ମୂଲ୍ୟବାନ ଛୋଟ ଧନ, ଏବଂ ବିଶେଷକରି ଏହି ଯୁବା ମାତା ଏବଂ ପିତାଙ୍କ ପାଇଁ।

22 ଏବଂ ବାଇବଲ ସମୟରେ, ଅନେକ ଲୋକ ଏହି ସାନ ଶିଶୁମାନଙ୍କୁ ଛିଞ୍ଚଣ କରିଥିଲେ, କିନ୍ତୁ ଆମେ ବାଇବଲର ଧାରାକୁ ଯଥା ସମ୍ଭବ ଅନୁସରଣ କରିବାକୁ ଚେଷ୍ଟା କରୁ, ଆମେମାନେ କେବେହେଲେ ବାଇବଲରେ, କୌଣସିଠାରେ ଏହା ଦେଖିନାହୁଁ ଯେ ସେମାନେ କେବେ ଛିଞ୍ଚଣ କରିଥିଲେ, ମାତ୍ର ସେମାନଙ୍କୁ ପ୍ରଭୁ ଯୀଶୁଙ୍କ ନିକଟକୁ ଅଣାଯାଇଥିଲା ଏବଂ ସେ ସେମାନଙ୍କୁ ଆଶୀର୍ବାଦ କରିଥିଲେ। ଏବଂ ଆମେମାନେ, ତାହାଙ୍କର ସେବକ ଭାବରେ ସେମାନଙ୍କୁ ଗ୍ରହଣ କରୁ, ଏବଂ ସେମାନଙ୍କୁ ତାହାଙ୍କ ନିକଟରେ ଉଠାଇଥାଉ।

23 ମୁଁ ବିଶ୍ୱାସ କରେ ଯେ ତୁମେ ଜାଣିଛ ଯେ ଜେଜେବାପା କେତେ ଗର୍ବିତ ଅଟନ୍ତି, ଆପଣ ଜାଣନ୍ତି। ତେଣୁକରି ଆସନ୍ତୁ ଆମେମାନେ କିଛି ସମୟ ପାଇଁ ମସ୍ତକଗୁଡିକ ନତ କରିବା।

24 ପ୍ରଭୁ ଯୀଶୁ, ପରମେଶ୍ୱରଙ୍କ ସେହି ସନ୍ତାନ, ଯିଏକି ଆମର ଅପରାଧ ପାଇଁ ଦାନ କରା ଯାଇଥିଲେ। ଏବଂ ଛୋଟ ସନ୍ତାନମାନଙ୍କୁ ଆପଣଙ୍କ ପାଖକୁ ଅଣାଯିବାର ଦେଖିବାଟା ଏତେ ମୂଲ୍ୟବାନ ବିଷୟ ଅଟେ, ତାହାର ସ୍ମୃତିରେ ଯାହାକି ବହୁ ବର୍ଷ ପୂର୍ବେ ଘଟିଥିଲା, ଯେତେବେଳେ ମାତା ଏବଂ ପିତାମାନେ ସେମାନଙ୍କର ସାନ ସନ୍ତାନମାନଙ୍କୁ ଆପଣଙ୍କ ନିକଟକୁ ଆଣିଥିଲେ। ଆଜି, ଆମେ ତୁମ ଆଗରେ, ବିଶ୍ୱାସର ବାହୁରେ, ଛୋଟ ବ୍ରେଣ୍ଡା ସୁ ଉଡକୁ ଧରିଅଛୁ, ଯାହାକୁ ଆମ ଭାଇ ଡେଭିଡ୍ ଏବଂ ତାଙ୍କ ମୂଲ୍ୟବାନ ପତ୍ନୀଙ୍କ ପରିବାର ମଧ୍ୟକୁ ପଠାଯାଇଛି। ହେ ପିତା ପରମେଶ୍ୱର, ଏହି ସନ୍ତାନଟିକୁ ଆଶୀର୍ବାଦ କର।

25 ସେମାନେ ତୁମ ଉପରେ ସେମାନଙ୍କର ବିଶ୍ୱାସକୁ ସ୍ୱୀକାର କରୁଅଛନ୍ତି, ଯେତେବେଳେ ସେମାନେ ସେମାନଙ୍କର ମିଳନର ସନ୍ତାନଟିକୁ ଉପସ୍ଥାପନ କରୁଛନ୍ତି। ଏବଂ ଆମେମାନେ

ପ୍ରାର୍ଥନା କରୁଛୁ ଯେ ତୁମେ ସେମାନଙ୍କୁ ଆଶୀର୍ବାଦ କରିବ । ଏବଂ ସେମାନଙ୍କର ହୃଦୟଗୁଡିକ ପବିତ୍ରଆତ୍ମା ଦ୍ୱାରା ଉଷ୍ମତା ଲାଭ କରୁ, ଯେ ସେମାନେ ଏପରି ଈଶ୍ୱରପରାୟଣ, ଉତ୍ସର୍ଗୀକୃତ ଜୀବନ ଯାପନ କରନ୍ତି, ଯେ ଏହି ଶିଶୁଟି ଖ୍ରୀଷ୍ଟିଆନ ଘରେ ଲାଳିତ ପାଳିତ ହେବ, ପରମେଶ୍ୱରଙ୍କ ଚେତନାରେ ପାଳିତ ହେବ, ଏବଂ ଏଠାରେ ପୃଥିବୀରେ ଏକ ଦୀର୍ଘ, ସୁଖମୟ ଜୀବନ ଯାପନ କରିବ, ଏବଂ ନିଜର ଜୀବନସାରା ତୁମ୍ଭର ସେବା କରିବ । ଏବଂ ଗୌରବରେ, ଯେଉଁଠାରେ ପରିବାରମାନେ ଏକତ୍ରିତ ହୁଅନ୍ତି, ଏହା ହେଉ ଯେ ସାନ ବ୍ରେଣ୍ଡା ସୁ ଏବଂ ତାଙ୍କର ବାପା ଓ ମାଆ, ଏବଂ ସେମାନଙ୍କର ସମସ୍ତ ଲୋକମାନେ, ଖ୍ରୀଷ୍ଟଙ୍କ ଅନୁଗ୍ରହ ଦ୍ୱାରା ମୁକ୍ତ ହୋଇ, ପରମେଶ୍ୱରଙ୍କ ସିଂହାସନ ଚାରିପାଖରେ ଏକତ୍ରିତ ହେଉନ୍ତୁ, ଯାହା ପାଇଁ ଆମେ ତାଙ୍କୁ ବର୍ତ୍ତମାନ ତାହାଙ୍କ ନିକଟକୁ ଉଠାଉଅଛୁ ।

26 ମୋର ସାନ ଭଉଣୀ, ମୁଁ ବର୍ତ୍ତମାନ ତୁମକୁ ତାହାଙ୍କ ସେବାରେ ଏକ ଜୀବନ ପାଇଁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଦେଉଅଛି, ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

27 ପରମେଶ୍ୱରଙ୍କ ଆପଣମାନଙ୍କୁ, ମାରିଲିନ୍, ଡେଭିଡ୍, ଅନେକ ସୁଖ ଏବଂ ସଫଳତା ଆଶୀର୍ବାଦ କରନ୍ତୁ । ଏହା ହେଉ ଯେ ସେହି ଛୋଟ ପିଲାଟି ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ ବଞ୍ଚି ରହୁ ।

28 ବର୍ତ୍ତମାନ, ଏଠାରେ ଜଣେ ଉତ୍ତମ ବାଳକ ଅଛି, ତାର ମୁହଁରେ ଏକ ବହୁତ ବଡ ହସ । ତାର ନାମ କଅଣ? [ମାତା ଉତ୍ତର ଦିଅନ୍ତି । ଟେପ୍‌ରେ ଖାଲି ସ୍ଥାନ—ସମ୍ପା ।]

ଶାରୋନ୍ ରୋଜ୍...[ମାଆ କୁହନ୍ତି, “ଶାରନ୍ ଡଲଟନ୍ ।”—ସମ୍ପା ।] ଡଲଟନ୍ । ଡଲଟନ୍ । କଅଣ ଏହା ଭାଇ ଏଡର ଶିଶୁ କି? ତେବେ, ମୋଟାମୋଟି, ପ୍ରାୟଃ ବାଇ-ଶି ବର୍ଷ ପୂର୍ବେ, ପରମେଶ୍ୱର ମୋ ବାହୁରୁ ଏକ ଛୋଟ ଶାରନ୍ ରୋଜକୁ ନେଇ ଯାଇଥିଲେ, ଯିଏକି ଆଜି, ସ୍ୱର୍ଗରେ ଅଛି । ଏବଂ ବର୍ତ୍ତମାନ, ତାହାଙ୍କ ନିକଟରେ, ଛୋଟ ଶାରନ୍ ରୋଜ୍ ଡଲଟନ୍‌କୁ ଉତ୍ସର୍ଗ କରୁଅଛି । ଆମେମାନେ ଏଠାରେ, ଭାଇ ଏଡ୍ ଏବଂ ଭଉଣୀ ଡଲଟନ୍‌କୁ, ଆମର ମୂଲ୍ୟବାନ ବନ୍ଧୁ ଭାବରେ ଜାଣୁ । କି ଏକ ପ୍ରିୟ ଶିଶୁଟିଏ!

ଆମର ସ୍ୱର୍ଗୀୟ ପିତା, ଆମେମାନେ ଏହି ଛୋଟ ଶାରନ୍ ରୋଜ୍ କୁ ଆପଣଙ୍କ ନିକଟକୁ ଆଣୁଅଛୁ । ସେହି ମହାନ ପ୍ରଭୁ ଯୀଶୁଙ୍କ ସ୍ମୃତିରେ, ଯିଏକି ପୃଥିବୀରେ ଛିଡା ହୋଇଥିଲେ, ଏବଂ ସେମାନେ ଏହିପରି ସାନ ଝିଅମାନଙ୍କୁ ତାହାଙ୍କ ନିକଟକୁ ଆଣିଥିଲେ, ପ୍ରଭୁ, ମୁଁ ଏହି ଶିଶୁ ପାଇଁ ପ୍ରାର୍ଥନା କରୁଛି । ଏହା ହେଉ ଯେ ସେହି ଶିଶୁଟି ବଞ୍ଚି ରହୁ ଏବଂ ଶକ୍ତିଶାଳୀ ଏବଂ ସୁସ୍ଥ ରହୁ । ଏହା ହେଉ ଯେ ସେ ପରମେଶ୍ୱରଙ୍କ ଗୌରବ ପାଇଁ ବଞ୍ଚି ରହୁ । ଏହାର ପିତା ଏବଂ ମାତାଙ୍କୁ ଆଶୀର୍ବାଦ କର । ସେ ପରମେଶ୍ୱରଙ୍କ ଚେତନାରେ ପ୍ରତିପାଳିତ ହେଉ । ସେମାନେ ତୁମଠାରେ ସେମାନଙ୍କର ବିଶ୍ୱାସକୁ ସ୍ୱୀକାର କରୁଛନ୍ତି ଯେତେବେଳେ ସେମାନେ ସେମାନଙ୍କର ଶିଶୁକୁ ତୁମ ନିକଟରେ ଉପସ୍ଥାପନ କରନ୍ତି । ପ୍ରଭୁ, ବର୍ତ୍ତମାନ ଆମେମାନେ ଛୋଟ ଶାରନ୍ ରୋଜ୍ ଡଲଟନ୍‌କୁ ତୁମଠାରେ ଦେଉଅଛୁ, ଯେ ତୁମେ ତାର ଜୀବନକୁ

ଆଶୀର୍ବାଦ କରିବ । ମୁଁ ତାକୁ, ତାର ମାତା ଏବଂ ପିତାଙ୍କ କୋଳରୁ ନେଇ, ତୁମ ଠାରେ, ମୋର ପ୍ରଭୁ ଏବଂ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ, ତାହାଙ୍କ ଗୌରବ ନିମନ୍ତେ ଉପସ୍ଥାପନ କରେ । ଆମେନ୍ ।

ପରମେଶ୍ୱର ଭଉଣୀ, ଆପଣଙ୍କୁ, ଓ ଭାଇ, ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ଓଃ, ମୋର ପ୍ରଭୁ! ଏକ ଛୋଟ, ଅସୁସ୍ଥ ବାଳକ । ତାର ଅସୁବିଧା କଅଣ? [ମାଆ କୁହନ୍ତି, "ତାର ମୁଣ୍ଡ ବହୁତ ବଡ ହୋଇ ଯାଉଅଛି ।" ଟେପ୍‌ରେ ଖାଲି ସ୍ଥାନ—ସମ୍ପା ।] ...କିଛି ଗୋଟାଏ ଭିନ୍ନ । ମୁଁ ତାହାଙ୍କୁ ବିଶ୍ୱାସ କରେ ।

ପ୍ରଭୁ, ପରମେଶ୍ୱର, ମୁଁ ତୁମ୍ଭ ନିକଟରେ ଛୋଟ ମେସନ୍‌କୁ ଧରିଅଛି । ପ୍ରଭୁ ଯୀଶୁ, ମୁଁ ପ୍ରାର୍ଥନା କରୁଛି, ଯେ ତୁମେ ଏହି ଶିଶୁକୁ ଗ୍ରହଣ କରିବ ଯାହାକୁ ମୁଁ ତୁମ ଠାରେ ଉତ୍ସର୍ଗ କରିବା ପାଇଁ, ଏଠାରେ ମୋ କୋଳରେ ଧରିଅଛି । ମୁଁ ତା ଉପରେ ଥିବା ଏହି ଦୁଃଖ ବା ଯନ୍ତ୍ରଣାକୁ ଭର୍ତ୍ସନା କରୁଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ହେ ପ୍ରଭୁ, ଏହା ହେଉ ଯେ ଛୋଟ ମେସନ୍‌କୁ ତୁମ କୋଳରେ ଦେଉ, ଏବଂ କଷ୍ଟ ତାକୁ ଛାଡି ଚାଲିଯାଉ । ଏହା ହେଉ ଯେ ସେହି ଶିଶୁଟି ପରମେଶ୍ୱରଙ୍କ ସମ୍ମାନ ଏବଂ ଗୌରବ ପାଇଁ ବଞ୍ଚି ରହୁ । ପିତାମାତାମାନେ ସେମାନଙ୍କର ବିଶ୍ୱାସ ପ୍ରକାଶ କରୁଛନ୍ତି ଯେତେବେଳେ ତାକୁ ଆଣୁଥାଆନ୍ତି । ତୁମେ ପିଲାଟିକୁ ସୁସ୍ଥ କର ଏବଂ ତାକୁ ଭଲ କରିଦିଅ । ଏହା ହେଉ ଯେ ସେ ତୁମର ସେବା କରିବା ପାଇଁ, ପରମେଶ୍ୱରଙ୍କ ଗୌରବ ପ୍ରତି ବଞ୍ଚି ରହୁ । ପ୍ରଭୁ ପରମେଶ୍ୱର, ମୁଁ ତୁମ ନିକଟରେ ଛୋଟ ମେସନ୍‌କୁ, ତାର ଜୀବନ ଏବଂ ତାର ଆରୋଗ୍ୟତା ପାଇଁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଦେଉଅଛି । ଆମେନ୍ ।

[ଟେପ୍‌ରେ ଖାଲି ସ୍ଥାନ—ସମ୍ପା ।] କେବଳ ନିଜର ହୃଦୟ ସହିତରେ ବିଶ୍ୱାସ କରନ୍ତୁ ।

ଓଃ, ଆହୁରି ମଧ୍ୟ, ଏକ ସାନ ଝିଅ? ତେବେ, ତାହା ଭଲ ଅଟେ । ହେ ସାନ ସାଥୀ, ଏଠାକୁ ଉପରକୁ ଆସ । ଠିକ ଏଠାରେ ଛିଡା ହୁଅ । ତୁମର ନାମ ହେଉଛି...? [ବାପା କୁହନ୍ତି, "ସମ୍‌ନର୍ ।"—ସମ୍ପା ।] ସମ୍‌ନର୍ । ଭାଇ ଏବଂ ଭଉଣୀ ସମ୍‌ନର୍ । ମୁଁ ବିଶ୍ୱାସ କରେ ଯେ ତୁମେ ଜର୍ଜିଆରୁ ଅଟ, କଅଣ ତୁମେ ନୁହଁ କି? ମୁଁ ଭାବିଲି ମୋର ପ୍ରାର୍ଥନା ମନେ ଅଛି । ସେଠାରେ ତଳେ ବହୁତ ଲୋକ ଅଛନ୍ତି । ଏହା ହିଁ... ["ଲାଟ୍ରେଲ ।"] ଲାଟ୍ରେଲ୍ । ["ଡ୍ୱାଇଟ୍"] ଡ୍ୱାଇଟ୍ । ["ଡେଭିଡ୍ ।"] ଏବଂ ଡେଭିଡ୍ । ଆପଣ ସେମାନଙ୍କର ନାମ ଶୁଣିଛନ୍ତି । ଏହା ହେଉ ଯେ ପରମେଶ୍ୱର ସେମାନଙ୍କ ନାମଗୁଡିକୁ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖନ୍ତୁ ।

ଆମର ସ୍ୱର୍ଗୀୟ ପିତା, ଆମେ ଆଜି ସକାଳେ ଏହି ଛୋଟ ପ୍ରିୟମାନଙ୍କୁ ତୁମ ନିକଟକୁ ଆଣୁଅଛୁ, ଯେତେବେଳେ ମୁଁ ସେମାନଙ୍କ ମୁଣ୍ଡରେ ଥିବା ଛୋଟ ବେଣୀଗୁଡିକ ଉପରେ ଓ ଏହି ବାଳକମାନଙ୍କ ଛୋଟ ନରମ କେଶ ଉପରେ ହାତ ରଖେ । ହେ ପ୍ରଭୁ, ସେମାନଙ୍କୁ ଆଶୀର୍ବାଦ କର । ସେମାନଙ୍କର ପିତାମାତାମାନେ ସେମାନଙ୍କର ପିଲାମାନଙ୍କୁ ଉପସ୍ଥାପନ କରିବା ଦ୍ୱାରା ତୁମ ଉପରେ ସେମାନଙ୍କର ପ୍ରେମ ଏବଂ ବିଶ୍ୱାସକୁ ବ୍ୟକ୍ତ କରିଛନ୍ତି । ଏବଂ ଆମେ ସେମାନଙ୍କୁ ତୁମ ନିକଟରେ ସମର୍ପିତ କରୁଅଛୁ, ପ୍ରଭୁ, ଯେତେବେଳେ ସେମାନେ ପିତାମାତାଙ୍କ କୋଳରୁ

ନିଆଯାଇଥାନ୍ତି, ଯେପରିକି ପରମେଶ୍ୱରଙ୍କ ନିକଟରେ ଜୀବନଗୁଡିକୁ ଉତ୍ସର୍ଗ କରିବା ପାଇଁ, ଆଜି ସକାଳେ ଏହି ବେଦୀ ଉପରେ ଠିଆ ହେବେ । ପିତା, ସେମାନଙ୍କୁ ଆଶୀର୍ବାଦ କର । ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ସେମାନଙ୍କୁ ସେମାନଙ୍କର ଜୀବନର ସମସ୍ତ ଦିନ, ଖୁସିରେ ଜୀବନ ଯାପନ କରିବାକୁ ଦେବ, ପୁଣି ଆସିବାକୁ ଥିବା ଜଗତରେ ଅନନ୍ତ ଜୀବନ ଦେବ । ଏହା ହେଉ ଯେ ସେମାନେ ପରମେଶ୍ୱରଙ୍କ ଚେତନାରେ, ଏକ ଖ୍ରୀଷ୍ଟିଆନ ଘରେ ବଢନ୍ତୁ ।

ତେବେ, ଯୀଶୁ ଖ୍ରୀଷ୍ଟଙ୍କ ପ୍ରତ୍ୟାଦେଶ ଦ୍ୱାରା, ତାଙ୍କର ସେବକମାନଙ୍କୁ ଏକ ଉଦାହରଣ ଦିଆ ଯାଇଅଛି, ଯେପରିକି ସେମାନେ ତାହା ଅନୁଗମନ କରନ୍ତୁ ଯାହା ସେ କରିଛନ୍ତି, ମୁଁ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଉପସ୍ଥାପନ କରେ । ଆମେନ୍ ।

[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

ସୁଦୂର ଜର୍ଜିଆର ସୂର୍ଯ୍ୟାଲୋକ ରାଜ୍ୟରେ, ଏହି ଶିଶୁଟି ତାଙ୍କ ସ୍ନେହୀ ପିତା ଏବଂ ତାଙ୍କ ମାତାଙ୍କ ଦ୍ୱାରା ଏଠାକୁ ଅଣା ଯାଇଥିଲା, ଯେପରିକି ଏହି ସ୍ମରଣୀୟ ପ୍ରାତଃରେ ତୁମ ନିକଟରେ ଉତ୍ସର୍ଗୀକୃତ କରା ହେବ । ଏହା ସେମାନଙ୍କ ପରିବାରରେ ତୁମର ଅନୁଗ୍ରହର ଏକ ପୁରସ୍କାର ଅଟେ । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଛୋଟ ରେନି, ତାଙ୍କ ମାଆ ଏବଂ ପିତାଙ୍କୁ ଆଶୀର୍ବାଦ କର । ଏବଂ ସେମାନେ ପିଲାଟିକୁ ଆଣି, ଏହା ଉପରେ ତୁମର ଆଶୀର୍ବାଦକୁ ଚାହିଁବା ଦ୍ୱାରା, ତୁମ ଉପରେ ସେମାନଙ୍କର ବିଶ୍ୱାସକୁ ବ୍ୟକ୍ତ କରୁଛନ୍ତି । ଏବଂ ଏହା ହେଉ ଯେ ସେ ତାର ଜୀବନସାରା ବଞ୍ଚି ରହୁ, ଏବଂ ଜଣେ ଶକ୍ତିଶାଳୀ, ସୁଖୀ ଖ୍ରୀଷ୍ଟିଆନ ହୋଇଥାଉ; ଏବଂ ଭବିଷ୍ୟତରେ, ଆସନ୍ତା ସଂସାରରେ ଅନନ୍ତ ଜୀବନ ପ୍ରାପ୍ତ ହେଉ । ପିତା, ଏହାକୁ ପ୍ରଦାନ କର । ଯେତେବେଳେ ତୁମେ ନିଜ ବାହୁରେ, ଏପରି ମଧୁର ଛୋଟ ବସ୍ତୁଗୁଡିକୁ, ଯେପରିକି ଏହି ପିଲାମାନେ ଆଜି ସକାଳେ ଅଟନ୍ତି, ଉଠାଇଅଛ, ସେହି ପରିବାରମାନେ ସେମାନଙ୍କୁ ତୁମ ସେବକମାନଙ୍କ ନିକଟକୁ ଆଣି, ତୁମ ଉପରେ ସେମାନଙ୍କର ବିଶ୍ୱାସକୁ ପ୍ରକାଶ କରିଅଛନ୍ତି । ଏବଂ ଆମେ ଛୋଟ ରେନିକୁ ଆଶୀର୍ବାଦ କରୁଅଛୁ ଏବଂ ତାକୁ ତାର ପିତାମାତାଙ୍କ କୋଳରୁ, ତୁମକୁ ଦେଉଅଛୁ; ତୁମକୁ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମେ ତାକୁ ଆଶୀର୍ବାଦ କର । ଆମେନ୍ ।

ଭାଇ, ତୁମ ପ୍ରତି ଆଶୀର୍ବାଦ ହେଉ । ରେନି, ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ ।

ଆସନ୍ତୁ ଆମେମାନେ ଏହାର କେବଳ ଗୋଟିଏ ଛୋଟ ପଦ ଗାଇବା ।

ସେମାନଙ୍କୁ ଭିତରକୁ ଆଣ, ସେମାନଙ୍କୁ ଭିତରକୁ ଆଣ,
ସେମାନଙ୍କୁ ପାପ କ୍ଷେତ୍ରରୁ ଭିତରକୁ ଆଣ;
ସେମାନଙ୍କୁ ଭିତରକୁ ଆଣ, ସେମାନଙ୍କୁ ଭିତରକୁ ଆଣ,
ଛୋଟ ପିଲାମାନଙ୍କୁ ଯୀଶୁଙ୍କ ନିକଟକୁ ଆଣ ।

29 ଓଃ, ମୁଁ କିପରି ଧାଡିରେ ଛିଡା ହୋଇ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଛୋଟ ସାଥୀମାନଙ୍କ ବିଷୟରେ କଥାବାର୍ତ୍ତା କରିବାକୁ ଭଲ ପାଇଥାଏ, କିନ୍ତୁ ମୁଁ ଯେକୌଣସି ପ୍ରକାରେ ବି,

ଅତ୍ୟନ୍ତ ଧୀର ଅଟେ, ଏବଂ ଲୋକମାନେ ଛିଡା ହୋଇଛନ୍ତି। ଭାଇ ଉଡ୍ ଆଜି ସକାଳେ ମୋତେ କହିଥିଲେ, କହିଲେ ଯେ ତାଙ୍କ ପିଠିଟି ଠିକ ଛିଡା ହୋଇଥିବାରୁ, ଯନ୍ତ୍ରଣା ଅନୁଭବ କରୁଛି। ଆପଣ ଜାଣନ୍ତି ନାହିଁ ଯେ ମୁଁ କେତେ ଆପଣମାନଙ୍କର ଛିଡା ହୋଇ ଅପେକ୍ଷା କରୁଥିବାର ବିଷୟକୁ ପ୍ରଶଂସା କରେ! ଏବଂ ମୁଁ ଯଥାସମ୍ଭବ, ବାର୍ତ୍ତା ସହିତ ଶୀଘ୍ର କରିବି। ଏବଂ ଆପଣମାନେ ପ୍ରକୃତରେ ଧ୍ୟାନ ସହକାରେ ଶୁଣନ୍ତୁ।

30 ମୋ ପାଖରେ ଆଜି ସକାଳେ ଏହି ସେବା ନିମନ୍ତେ, କିମ୍ଵା ଆଜି ସକାଳର ଏହି ବାର୍ତ୍ତା ପ୍ରସ୍ତୁତ କରିବା ନିମନ୍ତେ, ଗୋଟିଏ କ୍ଷଣର ବି ସମୟ ନ ଥିଲା। ମୁଁ ଏକ ପାଠକୁ ନେଲି ଏବଂ ଏପରି କିଛି ଯାହାକି ଅଲଗା ଥିଲା।

31 ଏବଂ ଗତ ଇଷ୍ଟର୍ ରେ ମୁଁ ଏହି ବିଷୟ ଉପରେ ପ୍ରଚାର କଲି: "*ବଞ୍ଚିରହି,* ସେ ମୋତେ ପ୍ରେମ କଲେ। *ମରି,* ସେ ମୋତେ ରକ୍ଷା କଲେ। *କବରପ୍ରାପ୍ତ ହୋଇ*, ସେ ମୋର ପାପକୁ ବହୁ ଦୂରକୁ ନେଇଗଲେ। *ଉତ୍ଥିତ ହୋଇ*, ସେ ସବୁଦିନ ପାଇଁ ବିନାମୂଲ୍ୟରେ ଧାର୍ମିକ କଲେ। କୌଣସି ଦିନେ ସେ *ଆସୁଅଛନ୍ତି*, ଓଃ, ଗୌରବମୟ ଦିନ!"

ଏବଂ ତାହାପରେ ଆଜି ସକାଳେ ଆମେ ଏହି ବିଷୟ ଉପରେ ପ୍ରଚାର କରିଥିଲୁ: *ମୁଁ ଜାଣେ।*

32 ଏବଂ ବର୍ତ୍ତମାନ, ଯଦି ପ୍ରଭୁ ଇଚ୍ଛା କରନ୍ତି, ମୁଁ ସାଧୁ ମାର୍କର ଅଧ୍ୟାୟରୁ ପଢିବାକୁ ଚାହେଁ। ଏବଂ ଆପଣମାନେ ବର୍ତ୍ତମାନ ମୋ ସହିତ ପ୍ରାର୍ଥନା କରନ୍ତୁ।

33 ଏବଂ ଏହା ପରେ ତୁରନ୍ତ ହିଁ ତାହା ଆରୋଗ୍ୟର ସେବା ହେବ। ଏବଂ ତାହାପରେ ଆରୋଗ୍ୟ ସେବା ଉତ୍ତାରେ ବାପ୍ତିସ୍ମ ସେବା ହେବ। ଏବଂ ତାହାପରେ ଆଜି ରାତି ସେବାଗୁଡିକ ସାତଟା-ତିରିଶରେ ହେବ।

34 ବର୍ତ୍ତମାନ ମାର୍କ 16।

> *ଏବଂ ବିଶ୍ରାମବାର ଗତ ହେଲା ଉତ୍ତାରେ, ମଗ୍ଦଲୀନୀ ମରିୟମ,…ଯୀଶୁଙ୍କ ମାତା ମରିୟମ, ଏବଂ ଶଲୋମୀ, ସୁଗନ୍ଧୀ ଦ୍ରବ୍ୟ ଆଣିଲେ, ଯେପରି ସେମାନେ ଯାଇ ତାହାଙ୍କୁ ମଖାଇଦେଇ ପାରନ୍ତି।*
>
> *…ସପ୍ତାହର ପ୍ରଥମ ଦିବସର ଅତି ପ୍ରତ୍ୟୁଷରେ, ସେମାନେ ସମାଧି ନିକଟକୁ ଆସିଲେ।*
>
> *ସେମାନେ ପରସ୍ପର କୁହାକହି ହେଉଥିଲେ, କିଏ ଆମ୍ଭମାନଙ୍କ ପାଇଁ ସମାଧି ଦ୍ୱାରରୁ ପଥର ଗଡାଇଦେବ?*
>
> *କାରଣ ତାହା ଅତି ବୃହତ ଥିଲା: ଏପରି ସମୟରେ ସେମାନେ ଚାହିଁ ଦେଖିଲେ, ଯେ ପଥରଟି ଗଡାଇ ଦିଆଯାଇଛି।*

*ଆଉ ସେମାନେ ସମାଧି ମଧ୍ୟରେ ପ୍ରବେଶ କରି, ଶୁକ୍ଳବସ୍ତ୍ର ପରିହିତ ଜଣେ ଯୁବକକୁ, ଡାହାଣ ପାର୍ଶ୍ଵରେ ବସିଥିବା ଦେଖି; ଅତିଶୟ ବିସ୍ମୟାନ୍ୱିତ ହେଲେ ।*

*ସେଥିରେ ସେ ସେମାନଙ୍କୁ କହିଲେ…ସେଥିରେ ସେ ସେମାନଙ୍କୁ କହିଲେ, ଭୟ କର ନାହିଁ : ତୁମ୍ଭମାନେ କ୍ରୁଶରେ ହତ, ନାଜରିତୀୟ ଯୀଶୁଙ୍କର ଅନ୍ୱେଷଣ କରୁଅଛ; ସେ ଉଠିଅଛନ୍ତି; ସେ ଏଠାରେ ନାହାଁନ୍ତି: ଦେଖ ଏହି ସ୍ଥାନରେ ସେମାନେ ତାହାଙ୍କୁ ରଖିଥିଲେ ।*

*କିନ୍ତୁ ତୁମ୍ଭେମାନେ ଯାଇ ତାହାଙ୍କ ଶିଷ୍ୟମାନଙ୍କୁ ଓ ପିତରଙ୍କୁ କୁହ, ସେ ତୁମ ଆଗରେ ଗାଲିଲୀକୁ ଯାଉଅଛନ୍ତି: ସେ ତୁମ୍ଭମାନଙ୍କୁ ଯେପରି କହିଥିଲେ, ସେପରି ତୁମ୍ଭେମାନେ ତାହାଙ୍କୁ ସେଠାରେ ଦେଖିବ ।*

*ସେଥିରେ ସେମାନେ ଶୀଘ୍ର ବାହାରି ଗଲେ, ଓ ସମାଧି ନିକଟରୁ ପଳାଇଲେ; କାରଣ ସେମାନେ ଭୟରେ କମ୍ପୁଥିଲେ ଓ ବିସ୍ମୟରେ ଅଭିଭୂତ ହୋଇଥିଲେ: ପୁଣି କାହାକୁ କିଛି କହିଲେ ନାହିଁ, ଯେଣୁ ସେମାନେ ଭୀତ ହୋଇଥିଲେ ।*

*ତେବେ ସପ୍ତାହର ପ୍ରଥମ ଦିବସ ପ୍ରତ୍ୟୁଷରେ ଯେତେବେଳେ ଯୀଶୁ ପୁନରୁତ୍‌ଥିତ ହେଲେ, ସେ ପ୍ରଥମେ ମଗ୍ଦଲୀନୀ ମରିୟମଙ୍କୁ ଦର୍ଶନ ଦେଲେ ।*

*ଏବଂ ସେ ଯାଇ ଯେଉଁମାନେ ତାଙ୍କ ସଙ୍ଗୀ ହୋଇଥିଲେ, ସେମାନଙ୍କୁ ସମ୍ବାଦ ଦେଲେ ଯେତେବେଳେ…କି ସେମାନେ ଶୋକ ଓ ରୋଦନ କରୁଥିଲେ ।*

35 ଆପଣ ଦେଖନ୍ତୁ, ସେମାନେ ମଧ୍ୟ, ପାଉଁଶ ଗଦା ଉପରେ ଥିଲେ ।

*ସେ ଯେ ଜୀବିତ ଅଛନ୍ତି, ଓ ତାଙ୍କୁ ଦର୍ଶନ ଦେଇଅଛନ୍ତି, ଏହା ଶୁଣି, ସେମାନେ ବିଶ୍ୱାସ କଲେ ନାହିଁ ।*

36 ପରମେଶ୍ୱରଙ୍କ ବାକ୍ୟସବୁ କେତେ ରହସ୍ୟମୟ!

*ଏହି ସମସ୍ତ ଘଟଣା ଉତ୍ତାରେ, ସେମାନଙ୍କ ମଧ୍ୟରୁ ଦୁଇଜଣ ଗୋଟିଏ ପଲ୍ଲୀଗ୍ରାମକୁ ଯାଉଥିବା ସମୟରେ, ସେ ଅନ୍ୟ ରୂପରେ ସେମାନଙ୍କୁ…ଦେଖା ଦେଲେ ।*

*ପୁଣି ଯେତେବେଳେ…ଏବଂ ସେମାନେ ଯାଇ ଅନ୍ୟମାନଙ୍କୁ ସମ୍ବାଦ ଦେଲେ: କିନ୍ତୁ ସେମାନଙ୍କ କଥା ସୁଦ୍ଧା ସେମାନେ ବିଶ୍ୱାସ କଲେ ନାହିଁ ।*

*ଏଥିଉତ୍ତାରେ ଏକାଦଶ ଶିଷ୍ୟ ଭୋଜନରେ ବସିଥିବା ସମୟରେ ସେ ସେମାନଙ୍କୁ ଦର୍ଶନ ଦେଲେ, ଏବଂ ସେମାନଙ୍କର ଅବିଶ୍ୱାସ ଓ ହୃଦୟର କଠି-… କଠିନତା ହେତୁ—ହେତୁ ସେମାନଙ୍କୁ ଅନୁଯୋଗ କଲେ, କାରଣ ଯେଉଁମାନେ ତାହାଙ୍କୁ ପୁନରୁତ୍‌ଥିତ ଦେଖିଥିଲେ ସେମାନଙ୍କ କଥା ସେମାନେ ବିଶ୍ୱାସ କରି ନ ଥିଲେ ।*

*ପୁଣି ଯୀଶୁ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଅ,… ପ୍ରତ୍ୟେକ ପ୍ରାଣୀଙ୍କ ନିକଟରେ ସୁସମାଚାର ପ୍ରଚାର କର ।*

*ଯେଉଁ ଲୋକ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ସେ ଉଦ୍ଧାର ପାଇବ;… କିନ୍ତୁ ଯେଉଁ ଲୋକ ବିଶ୍ୱାସ କରେ ନାହିଁ ସେ ଦଣ୍ଡାଜ୍ଞା ପାଇବ ।*

*ଆଉ ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ: ସେମାନେ ମୋ ନାମରେ ଭୂତମାନଙ୍କୁ ତଡ଼ି ଦେବେ; ସେମାନେ ନୂତନ ନୂତନ ଭାଷାରେ କଥା କହିବେ;*

*ସେମାନେ ହସ୍ତରେ ସର୍ପ ଧରିବେ;… ପୁଣି ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ, ସେମାନଙ୍କର କିଛି କ୍ଷତି ହେବ ନାହିଁ; ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ,… ସେମାନେ ସୁସ୍ଥ ହେବେ ।*

*ଏହିରୂପେ ପ୍ରଭୁ ଯୀଶୁ ସେମାନଙ୍କ ସହିତ କଥା ହେବା ପରେ, ସେ ସ୍ୱର୍ଗରେ ଗୃହିତ ହୋଇ, ପରମେଶ୍ୱରଙ୍କ ଡାହାଣ ପାଖରେ ବସିଲେ ।*

*ଏବଂ ସେମାନେ ପ୍ରସ୍ଥାନ କରି, ସର୍ବତ୍ର ପ୍ରଚାର କଲେ, ଆଉ ପ୍ରଭୁ ସେମାନଙ୍କ ସହକର୍ମୀ ହୋଇ, ଅନୁବର୍ତ୍ତୀ ଚିହ୍ନଗୁଡିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ । ଆମେନ୍ ।*

37 ମୁଁ ଦୁଇଟି ଶବ୍ଦରୁ ଏକ ପାଠ ନେବାକୁ ଚାହେଁ: *ଯାଅ, କୁହ ।*

38 ଆପଣ ଜାଣନ୍ତି, ଯଦି ଆପଣଙ୍କ ପାଖରେ କିଛି କହିବାକୁ ନାହିଁ ତାହାହେଲେ ଯିବା ବହୁତ ଲାଭଜନକ ନୁହେଁ । ମୁଁ ଭାବୁଛି ଯେ ତାହା ଆଜିର ଏକ ସର୍ବମୋଟ ସମସ୍ୟା ଅଟେ । ଆମେ କହିବାକୁ ଯାଇଥାଉ, ଆମେ ଯାଇଥାଉ କିନ୍ତୁ କହିବାକୁ କିଛି ନ ଥାଏ, କୌଣସି ଲାଭ ବିଷୟ ନ ଥାଏ, ଏପରି କିଛି ନ ଥାଏ ଯାହା ଲୋକଙ୍କୁ ସାହାଯ୍ୟ କରିବ ।

39 କିନ୍ତୁ ଯଦି ଆମେମାନେ ଏହି ଶିଷ୍ୟମାନଙ୍କ ଭଳି ନିର୍ଦ୍ଦେଶଗୁଡିକୁ ପାଳନ କରିବା ଯେଉଁମାନେକି ସେବାଭାର ପାଇଥିଲେ, ତାହାହେଲେ ଆମ ପାଖରେ ବି ସେହି ସମାନ ସେବାଭାର ରହିବ, "ଯାଅ, ମୋର ଶିଷ୍ୟମାନଙ୍କୁ କୁହ ଯେ ମୁଁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛି ।" ଯାଅ, ଏହା କୁହ!

40 ତାହାପରେ ସେ କୁହନ୍ତି, "ଯାଅ, ଏହାକୁ ପ୍ରଚାର କର, ଏବଂ ଏହି ଚିହ୍ନଗୁଡ଼ିକୁ ଦେଖାଅ ଯେ ମୁଁ ମୃତ୍ୟୁରୁ ଜୀବିତ ହୋଇଅଛି ।" କି ଏକ ବାର୍ତ୍ତା! "ଯାଇ, କୁହ ଏବଂ ଯାଅ, ମୋର ଶିଷ୍ୟମାନଙ୍କୁ ଏହିସବୁ ବିଷୟ ଦେଖାଅ ଯାହା ତୁମେ ଦେଖିଅଛ, ଯେ ମୁଁ ମୃତ ନୁହେଁ, ମାତ୍ର ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛି ।"

41 ଆଜି ସକାଳେ ଏହି ପ୍ରାତଃ କାଳର ବାର୍ତ୍ତାରେ, ଆମେମାନେ ପାଇଲୁ ଯେ ଆମ ସମସ୍ତଙ୍କର ସମସ୍ୟାମାନର ଏବଂ ପରୀକ୍ଷାର ଏକ ଛୋଟ ପାଉଁଶ ଗଦା ଅଛି ଯାହା ଉପରେ

କି ଆମେମାନେ ବସି ରହିଛୁ, ବେଳେ ବେଳେ, ଆରାମ ପାଇଁ ଅପେକ୍ଷା କରି ରହିଛୁ । ଆମେ ଜାଣିଲୁ ଯେ ସେହି ମହାନ ପିତୃପୁରୁଷ ଆୟୁବ ଏକ ଦର୍ଶନ ପାଇଥିଲେ, କାରଣ ସେମାନଙ୍କର ଏପର୍ଯ୍ୟନ୍ତ ଏକ ଇଷ୍ଟର ଆସି ନ ଥିଲା, ମାତ୍ର ସେ ଚାରି ହଜାର ବର୍ଷ ପୂର୍ବରେ ଆଜିର ଏହି ସକାଳକୁ ଦେଖିଥିଲେ । ସେ ଚାରି ହଜାର ବର୍ଷ ପୂର୍ବରେ, ଏକ ଇଷ୍ଟରକୁ ଦେଖିଲେ, ଏବଂ ତାଙ୍କ ଦୂର୍ଦ୍ଦଶାରେ, ଚିତ୍କାର କରି କହି ଉଠିଲେ, "ମୁଁ ଜାଣେ ମୋର ମୁକ୍ତିକର୍ତ୍ତା ଜୀବିତ! ଶେଷ ଦିନରେ, ସେ ପୃଥିବୀ ଉପରେ ଠିଆ ହେବେ । ଯଦିଓ ଚର୍ମପୋକ ଏହି ଶରୀରକୁ ନଷ୍ଟ କରିଦିଏ, ତଥାପି ମୋ ଶରୀରରେ ମୁଁ ପରମେଶ୍ୱରଙ୍କୁ ଦେଖିବି ।"

42 ତେବେ, ଇଷ୍ଟର ପରେ, ଆମେ ଜାଣୁ ଯେ ପରମେଶ୍ୱର ମନୁଷ୍ୟକୁ ଏକ ସେବାଭାର ଦେଇଛନ୍ତି, "ଯାଇ, କୁହ! ଏବଂ ଯଦି ତୁମେ କହିବ, ତେବେ *ଏହା* ତୁମକୁ ଅନୁସରଣ କରିବ । ଯାଅ ଏବଂ କୁହ!"

43 ବର୍ତ୍ତମାନ, ଏହା କିଛି ଲାଭଜନକ ହୁଏ ନାହିଁ, ଯେପରିକି ମୁଁ କହିଅଛି, ଯିବାକୁ, ଯିବାକୁ, ଯେପର୍ଯ୍ୟନ୍ତକି ଆପଣଙ୍କ ପାଖରେ କିଛି କହିବା ପାଇଁ ବିଷୟ ନାହିଁ । ଏବଂ ଯଦି ଆପଣଙ୍କ ପାଖରେ କହିବା ହେତୁ ଭୁଲ ବାର୍ତ୍ତା ଅଛି, ତାହାହେଲେ ଏହା କୌଣସି ଲାଭ ବିଷୟ କରିବ ନାହିଁ । ଆପଣଙ୍କୁ ତ ତାହା କହିବାକୁ ଅଛି ଯେ ରହସ୍ୟଟି କଅଣ ଅଟେ ।

44 କିଛି ସମୟ ପୂର୍ବରୁ ମୁଁ ଏକ ଛୋଟ ପିଲାଟିର, ଏକ ବହିରେ ପଢୁଥିଲି ଯିଏକି…ଏକ ପ୍ରତିଯୋଗିତାରେ ଭାଗ ନେଇଥିଲା । ଏବଂ ଏହି ପ୍ରତିଯୋଗିତାରେ ତାକୁ ନିଜ ପାଇଁ ଏକ ପ୍ରସିଦ୍ଧ ନାମ କରିବାକୁ ଥିଲା । ଯେକୌଣସି ସାନ ପିଲା ଯିଏକି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପର୍ଯ୍ୟନ୍ତ ତାର ମନରେ ସେହି ସଂକେତ-ଚିହ୍ନ (ପାସୱାର୍ଡ)କୁ ସ୍ମରଣରେ ରଖି ପାରିବ, ଏବଂ ସେ ଏହି ପାସୱାର୍ଡ (ସଂକେତ-ଚିହ୍ନ)କୁ କହିବ, ଏବଂ ଦ୍ୱାରରକ୍ଷୀ ତାକୁ ଯିବା ପାଇଁ ଅନୁମତି ଦେବେ । ତାହା ଥିଲା ସେହି ଶିଶୁର ବୁଦ୍ଧି ପ୍ରବୀଣତା (IQ) ପରୀକ୍ଷା କରିବା । ଏବଂ ଯେତେବେଳେ ସେ ସେହି ସ୍ଥାନକୁ ପହଞ୍ଚିବ, ପୁଣି ତାକୁ ଦିଆଯାଇଥିବା ପାସୱାର୍ଡଗୁଡ଼ିକୁ କହିବ, ତେବେ ଯାଇ ସେହି ଫାଟକଟି ଖୋଲିବ ଏବଂ ସେ ଏକ ବଡ ସମ୍ମାନ ଜିତିବ ।

45 ଗୋଟିଏ ସାନ ପିଲା, ଅତି ଦ୍ରୁତ-ଗାମୀ, ଏବଂ ସେ ଭଲ ଓ ଉତ୍ତମ ଭାବରେ ଜାଣିଥିଲା ଯେ ସେ ପ୍ରତିଯୋଗିତାରେ ଥିବା ବାକି ସମସ୍ତ ପିଲାମାନଙ୍କୁ ଅତିକ୍ରମ କରିପାରେ, କିଅବା ସେ ଭାବିଥିଲା ଯେ ସେ ପାରିବ । ସେ ଦିନକୁ ଦିନ, ଦୌଡିବାର ଅଭ୍ୟାସ କଲା । ସେ କିପରି ନିଜର ଛୋଟ ଫୁସଫୁସକୁ ବାୟୁ ପ୍ରବାହ କରାଇଲା ବା ଫୁଲେଇଲା, ତାର ଭୌତିକ ଦେହକୁ ସଜାଡିଲା, ଯେପରିକି ସେ ଦୌଡ଼ିବା ସମୟରେ ଥକି ଯିବ ନାହିଁ । ଏବଂ ସେ ତାହା ଅଭ୍ୟାସ କଲା ଯେ କିପରି ତାର ପାଦରୁ ଆରମ୍ଭ କରିବ, ଏବଂ ବାକି ପିଲାମାନଙ୍କ ଠାରୁ କିପରି ମୁଣ୍ଡଟିକୁ ଆଗରେ ରଖିବ । ଏବଂ ସେ ଦୌଡିବା ସମୟରେ କିପରି ନିଶ୍ୱାସ ନେବାକୁ ପଡିବ, ଯେପରିକି ତାର ଶରୀରକୁ ଆସିଥିବା ଅମ୍ଳଜାନକୁ ଧରି ରଖିବ, ଓ ତାକୁ ପ୍ରବାହିତ କରାଇ ଶକ୍ତି ପ୍ରଦାନ କରିବ, ଯାହା ଦ୍ୱାରା ଏହା ତାର ହୃଦୟକୁ ଅଧିକ ମନ୍ଥର କରି ନ ଦିଏ । ସେ ଏହାକୁ ପ୍ରତ୍ୟେକ

ଦିଗରୁ ଅଧ୍ୟୟନ କଲା ଯାହା ସେ କରି ପାରିଲା ।

46 ଏବଂ ସକାଳେ ଦୌଡ଼ ଆରମ୍ଭ ହେବା ସେହି ସକାଳରେ, ସେଠାରେ ଏକ ନିର୍ଦ୍ଦିଷ୍ଟ ବୟସର, ଏକ ଶହ ପଚାଶରୁ ଅଧିକ ସାନ ପିଲାମାନେ ଧାଡିରେ ରହିଥିଲେ । ଏହି ସାନ ପିଲାଟି ତାର ବୟସ ନିମନ୍ତେ, ଏକ ଭଲ-ଆକାରର ବାଳକ ଥିଲା । ଏବଂ ତାର ସମସ୍ତ ପ୍ରଶିକ୍ଷଣକୁ ମନେ ରଖିଥିଲା । ଏବଂ ସେ ପ୍ରସ୍ତୁତ ହେଲା । ସେମାନେ ଧାଡିରେ ପହଞ୍ଚିଲେ, ଏବଂ ସେମାନଙ୍କ ଆଗରେ ଥିବା ସେହି—ସେହି ଦଉଡିରେ ନିଜର ଛୋଟ ଛୋଟ ଚେହେରାକୁ ରଖିଲେ, ସେମାନଙ୍କର ଛୋଟ ଛୋଟ ନାକକୁ ତାର ନିକଟରେ ରଖିଲେ । ସେ ନିଜକୁ ପ୍ରସ୍ତୁତ କରିବା ପାଇଁ, ତାହାର ସମସ୍ତ ନିୟମକୁ ଅଧ୍ୟୟନ କରିଥିଲା ।

47 ଏବଂ ଯେତେବେଳେ ବନ୍ଧୁକର ଗୁଳି ଫୁଟିଲା, ଏବଂ ସେହି ଧାଡିଟି ଭାଙ୍ଗିଗଲା, ସେହି ସାନ ସାନ ପିଲାମାନେ ଆଗକୁ ଡେଇଁ ପଡିଲେ । ଏବଂ ଏହି ସାନ ପିଲାଟି ଶାରୀରିକ ଭାବରେ ଏତେ ଫିଟ୍ ଥିଲା ଯେ ଏପରିକି ସେ ଅନ୍ୟ ସମସ୍ତଙ୍କ ଅପେକ୍ଷା ବହୁତ ଆଗକୁ ହୋଇ ରହିଲା । ଏବଂ ସେହି ଦୌଡିବା ମାର୍ଗ ଟ୍ରାକରେ ସେ ଅତି ଭୟଙ୍କର ଗତି ସହିତ ଦୌଡି ଯାଇଥିଲା, ଉତ୍ତମ ତାଲିମପ୍ରାପ୍ତ ଥିଲା, ଏପରିକି ସେହି ଦୌଡ଼ରେ ଥିବା ପ୍ରତ୍ୟେକ ବାଳକକୁ ସେ ପଛରେ ପକାଇ ପାରିବ । ଏବଂ ସେ ସେଠାରେ ଥିଲା, ଓଃ, ବହୁତ ସମୟ ଧରି, ବୋଧହୁଏ ଗୋଟିଏ ମିନିଟ୍ କିମ୍ବା ଅଧିକ, ଏହା ପୂର୍ବେକି ଅନ୍ୟ ଦୌଡାଳୀମାନଙ୍କ ମଧ୍ୟରୁ ସର୍ବୋତ୍ତମ ବାଳକ ସେହି ସ୍ଥାନରେ ପହଞ୍ଚନ୍ତେ ।

48 ମାତ୍ର, ତାର ସମସ୍ତ ଶାରୀରିକ ତାଲିମରେ, ସେ ସେହି ପାସୱାର୍ଡକୁ ଭୁଲି ଯାଇଥିଲା । ସେ ଠିକ ସେହି ମୂଳ କଥାକୁ ହିଁ ଭୁଲି ଯାଇଥିଲା ଯାହାକି ତାକୁ କହିବାକୁ ଥିଲା, ଯେପରିକି ତାକୁ ଫାଟକ ଭିତରକୁ ଯିବାକୁ ଅନୁମତି ଦିଆଯାଏ । ଏବଂ ସେ ପାହୁଣ୍ଡେ ଆଗ ପଛକୁ ହେଲା, ଏବଂ ଏହାକୁ ଭାବିଲା, ଏବଂ ନିଜ ମନ ଏହାକୁ ଖୋଜିଲା । ସେ ନିଜ ଶରୀରର ପ୍ରାକୃତିକ, ଶାରୀରିକ ଅବସ୍ଥା ପ୍ରତି ଏତେ ଆଗ୍ରହୀ ଥିଲା, ଏପରିକି ସେ ସେହି ମୁଖ୍ୟ କଥାଟିକୁ ଭୁଲି ଯାଇଥିଲା । ଏବଂ ଧାଡ଼ିରେ ରହିଥିବା, କେତେକ ପିଲାମାନେ, ଯେଉଁମାନେକି ଏତେ ଦ୍ରୁତ ଗତିରେ ଦୌଡି ନ ଥିଲେ, ସେହି ପାସୱାର୍ଡକୁ ମନେ ରଖିଥିଲେ, ଏବଂ ଭିତରକୁ ପ୍ରବେଶ କରି ଗଲେ ।

49 ଠିକ୍ ଆଜି ମଧ୍ୟ ସେହିପରି ଅଟେ! ଆମେମାନେ ବଡ ବଡ ପବିତ୍ର ପୀଠ, ଗିର୍ଜାଘରମାନ ଏବଂ ଭବନମାନ, ଏବଂ ପ୍ରଭୃତିସବୁ ନିର୍ମାଣ କରିବାରେ ଏତେ ଆଗ୍ରହୀ ଅଟୁ, ଏବଂ ଆମର ମଣ୍ଡଳୀଗୁଡ଼ିକୁ ଭଲ ଭାବରେ ସଜାଡି ରଖିବାରେ, ଉତ୍ତମ ଭବନମାନ ଏବଂ ବସିବା ପାଇଁ ସୁନ୍ଦର ସୁନ୍ଦର ମଖମଲୀ ଗାଲିଚାମାନ ଓ ଅତି ସୂକ୍ଷ୍ମ ବାଦ୍ୟଯନ୍ତ୍ର ସବୁ ରଖିବାରେ ଅତ୍ୟଧିକ ଆଗ୍ରହୀ ଅଟୁ । ଆମର ସେବକମାନେ ଏତେ ଭଲ ତାଲିମପ୍ରାପ୍ତ…ସେମାନେ ଡକ୍ଟର୍ ଡିଏଲ୍., ପିଏଚ୍.ଡି., ଏଲ୍ଏଲ୍.ଡି ଉପାଧିମାନ ପାଇଛନ୍ତି, କିନ୍ତୁ ଆମେମାନେ ଯାହା ପାଇଁ ଦୌଡୁଅଛୁ ତାହା ଭୁଲିଯାଇଛୁ । ତାହାହିଁ ହେଉଛି ସମସ୍ୟା । "ଯାଅ, ମୋର ଶିଷ୍ୟମାନଙ୍କୁ କୁହ ଯେ ମୁଁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛି ଏବଂ ମୁଁ ସେମାନଙ୍କୁ ଗାଲିଲୀରେ ଭେଟିବି ।" ଆମେ ସେହି

ମୁଖ୍ୟଶବ୍ଦକୁ ଭୁଲିଯାଇଛୁ । ଆମେ ଅନ୍ୟାନ୍ୟ ବିଷୟଗୁଡ଼ିକରେ ଏତେ ବ୍ୟସ୍ତ ରହିଅଛୁ, ବଡ ବଡ ଗୀର୍ଜାଘରମାନ ଗଢ଼ିବାରେ, ବଡ ବଡ ନାମଧାରୀ ସଂସ୍ଥା ସବୁ ଗଠନ କରିବାରେ, ଏପରିକି ଆମେ ସେହି ଗୁପ୍ତଶବ୍ଦକୁ ଭୁଲିଯାଇଛୁ ।

50 ଆଗାମୀ ଘଟଣାଗୁଡ଼ିକ ନିମନ୍ତେ ପ୍ରସ୍ତୁତି ହେତୁ ଅନେକ ଜୀବନ ରକ୍ଷା ପାଇଅଛନ୍ତି । କିଛି ସମୟ ପୂର୍ବରୁ, ମୋତେ କୁହାଯାଇଥିଲା ଯେ ଫ୍ଲୋରିଡାରେ, ସେହି ଖବର ପଢ଼ିବାର ବ୍ୟକ୍ତି, ପାଣିପାଗ ବ୍ୟୁରୋ, ଏକ ସମ୍ବାଦ ପଠାଇଲେ ଯେ ସେଠାରେ ଏକ ବହୁତ ବଡ଼ ଝଡ ଆସୁଛି । ଆଉ ଜଣେ ବ୍ୟକ୍ତି କୁକୁଡ଼ା ପାଳନ କରୁଥିଲେ, ଏବଂ ସେ ନିଜର ପଡ଼ୋଶୀଙ୍କ ନିକଟକୁ ଯାଇ ତାଙ୍କୁ ଝଡ଼ ଆସୁଥିବାର ବିଷୟକୁ କହିଲେ । ସେ ଅଣଦେଖା କରି, କହିଲେ, "ନିର୍ବୋଧ!" ଏବଂ ସେ କେବଳ ନିଜ କାମରେ ଲାଗି ରହିଲେ । ସେ କଦାପି ନିଜର କୁକୁଡ଼ା ଚିଆଁମାନଙ୍କୁ ଉଚିତ ସ୍ଥାନରେ ରଖିଲେ ନାହିଁ । ସେ କେବେ ବି ଭୁତଳ ଘରକୁ ଗଲେ ନାହିଁ । ସେ କୌଣସି ବ୍ୟବସ୍ଥା କଲେ ନାହିଁ । ଏବଂ ତାଙ୍କ ପଡ଼ୋଶୀ ବ୍ୟବସ୍ଥାମାନ କଲେ । ମାତ୍ର ସେସମସ୍ତଙ୍କ, ମଧ୍ୟରୁ ଜଣେ ଯିଏକି ସେହି ଚେତାବନୀ ଗ୍ରହଣ କରି ନ ଥିଲେ, ତାଙ୍କର ସମସ୍ତ କୁକୁଡ଼ା ଚିଆଁକୁ ଉଡାଇ ନେଲା ଓ ମାରିଦେଲା, ତାଙ୍କ ଘରକୁ ଭାଙ୍ଗିଦେଲା, ତାର ଗୋଦାମ ନଷ୍ଟ ହୋଇଗଲା, ତାଙ୍କୁ ଡାକ୍ତରଖାନାକୁ ପଠାଗଲା । ଏହା ସବୁ ଏଥିପାଇଁ ହେଲା କାରଣ ସେ ସାବଧାନ ହେଲେ ନାହିଁ ଓ ଚେତାବନୀକୁ ଗ୍ରହଣ କଲେ ନାହିଁ! ସେ ଜାଣିଥିଲେ ଯେ ବାର୍ତ୍ତାଟି ଦିଆଯାଇଅଛି, ମାତ୍ର ସେ ସେହି ବାର୍ତ୍ତା ପ୍ରତି ଧ୍ୟାନ ଦେବାରେ ବିଫଳ ହୋଇଥିଲେ ।

51 ଏହା ଠିକ୍ ସେହିପରି ଭାବରେ ଆଜି, ଆମର ଅନେକ ଲୋକମାନଙ୍କ ସହିତରେ, ଆମର ଅନେକ ମଣ୍ଡଳୀଗୁଡିକ ସହିତରେ ଅଟେ । ଆମେ ଜାଣୁ ଯେ ବାଇବଲ ଶିକ୍ଷା ଦିଏ ଯେ ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ଆମେ ଜାଣୁ ଯେ ବାଇବଲ ଶିକ୍ଷା ଦିଏ, ଯୀଶୁ କହିଥିଲେ, ସାଧୁ ଯୋହନ 14:12 ରେ, "ଯିଏ ମୋ ଉପରେ ବିଶ୍ୱାସ କରେ, ଯଦିଓ, ସେହି କାର୍ଯ୍ୟ ଯାହା ମୁଁ କରେ ସେ ମଧ୍ୟ କରିବ; ବରଂ ସେ ଏହାଠାରୁ ଅଧିକ ମହତ୍ କାର୍ଯ୍ୟ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଛି ।" ତେବେ ଆମେମାନେ ତ ଅନ୍ୟ ଜିନିଷ ପ୍ରତି ଆଗ୍ରହୀ ହୋଇଅଛୁ, ଚେତାବନୀ ଗ୍ରହଣ କରୁ ନାହୁଁ, ମନୋଯୋଗ କରୁ ନାହୁଁ । ଆମେମାନେ ଦୌଡିଅଛୁ, କିନ୍ତୁ ବାର୍ତ୍ତା ପ୍ରତି ଧ୍ୟାନ ଦେଉ ନାହୁଁ । ଆମେମାନେ ଯାଇଅଛୁ, କିନ୍ତୁ ସେଠାରେ ପହଞ୍ଚିବା ପରେ କଅଣ କହିବୁ ତାହା ଜାଣିନାହୁଁ ।

52 କିଛି ଦିନ ପୂର୍ବରୁ ଯେତେବେଳେ ଏହି ଜଗତର ମଣ୍ଡଳୀଗୁଡ଼ିକ, ଯେତେବେଳେ ଖ୍ରୀଷ୍ଟିଆନ ମଣ୍ଡଳୀଗୁଡ଼ିku ଏକ ଲଜ୍ଜାଜନକ ଏବଂ ଅପମାନଜନକ ଅବସ୍ଥାକୁ ଅଣାଯାଇଥିଲେ, ଯେତେବେଳେ ସମ୍ମାନୀୟ ତଥା ଉଲ୍ଲେଖନୀୟ ତଥା ପରମେଶ୍ୱରଙ୍କୁ-ଭୟ କରୁଥିବା ସେବକ, ବିଲି ଗ୍ରାହାମଙ୍କୁ, ବାଇବଲ ସହିତ ମୁହାଁମୁହିଁ କରାଯାଇଥିଲା । ସେ ଦୌଡ଼ିଥିଲେ ସତ, କିନ୍ତୁ ସେହି ବାର୍ତ୍ତାଟିକୁ ଭୁଲି ଯାଇଥିଲେ; ଯେତେବେଳେ ସେହି ମହମ୍ମଦନ ତାଙ୍କ ସମ୍ମୁଖରେ ଠିଆ ହୋଇ ତାଙ୍କୁ କହିଲେ, "ଯଦି ଏହା ପରମେଶ୍ୱରଙ୍କ ବାକ୍ୟ, ତେବେ ତୁମେ ଏହାକୁ ପ୍ରକାଶ କରୁଥିବାର ଆମକୁ ଦେଖାଅ ।" ସେ ଭଲ ଭାବରେ ଦୌଡିଥିଲେ, ବଡ

ବଡ ଉଦ୍ଦୀପନାମାନ, ମହାନ ମହାନ ବିଷୟ ସବୁ କରିଥିଲେ । କିନ୍ତୁ, ଯେତେବେଳେ ଏହା ସେହି ସ୍ଥାନକୁ ଆସିଲା, ତାଙ୍କ ପାଖରେ ବାର୍ତ୍ତା ନ ଥିଲା ।

53 "ମୁଁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛି । ମୁଁ କାଲି, ଆଜି, ଏବଂ ଚିରଦିନ ସମାନ ଅଟେ ।" ଅତ୍ୟୁତ୍ତମ ମଣ୍ଡଳୀମାନେ, ଅନେକ ସଦସ୍ୟମାନେ, ମହାନ ସମ୍ପ୍ରଦାୟ ସବୁ କାର୍ଯ୍ୟ, ଶାରୀରିକ ଭାବେ ଦୌଡୁଛନ୍ତି, କିନ୍ତୁ ତାହା ମୂଖ୍ୟ ବିଷୟ ନୁହେଁ । ଦେଖନ୍ତୁ ଯେ କଅଣ ଅନୁବର୍ତ୍ତୀ ହୁଏ, "ଏବଂ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଏହି ଚିହ୍ନଗୁଡ଼ିକ ଅନୁବର୍ତ୍ତୀ ହେବ ।" ଯାଅ, କିନ୍ତୁ କଅଣ କହିବେ ଜାଣି ନ ଥିଲେ ।

54 ପରମେଶ୍ୱର କଦାପି ଜଣେ ମନୁଷ୍ୟକୁ ସେପର୍ଯ୍ୟନ୍ତ ପଠାନ୍ତି ନାହିଁ 'ଯେପର୍ଯ୍ୟନ୍ତକି ସେ ତାଙ୍କୁ କିଛି କହିବାକୁ ନ ଦିଅନ୍ତି । ପରମେଶ୍ୱର ସର୍ବଦା ତାହାଙ୍କର ବାକ୍ୟକୁ ସୁନିଶ୍ଚିତ କରନ୍ତି ।

55 ଯାଉଛନ୍ତି, କିନ୍ତୁ ଯେତେବେଳେ ସେଠାରେ ପହଞ୍ଚନ୍ତି ଆପଣ ତାହା କହିବାକୁ ସମର୍ଥ ନୁହଁନ୍ତି । ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣଙ୍କର ଉଦ୍ଦୀପନାମାନ କେତେ ବଡ, ଆପଣଙ୍କର ମଣ୍ଡଳୀ କେତେ ବଡ଼, କିମ୍ବା ଆପଣଙ୍କର ସମ୍ପ୍ରଦାୟ କେତେ ଅନ୍ୟମାନଙ୍କ ଉପରେ ପ୍ରାଧାନ୍ୟତା ବିସ୍ତାର କରିଥାଏ, ଯଦି ଆପଣଙ୍କ ପାଖରେ ସେମାନଙ୍କୁ କହିବା ପାଇଁ କିଛି ନାହିଁ, ତାହାହେଲେ ଆପଣଙ୍କ ପାଖରେ ଏକ ପାନ୍ଥଶାଳାରେ ଏକାଠି ହୋଇଥିବା ପରି ଲୋକମାନଙ୍କର ଏକ ସମୂହର କି ଲାଭ ଅଟେ?

56 ଆମ ପାଖରେ ଜଗତକୁ କହିବା ନିମନ୍ତେ ଏକ ବାର୍ତ୍ତା ରହିବାକୁ ଅଛି, "ଯୀଶୁ ଜୀବିତ! ସେ ମୃତ ନୁହଁନ୍ତି!" ବାର୍ତ୍ତା ପ୍ରତି ଧ୍ୟାନ ଦେଉନ୍ତୁ!

57 ଏହି ମହାନ ରାଷ୍ଟ୍ର, ଯୁକ୍ତରାଷ୍ଟ୍ର ଆମେରିକାରେ ଯେଉଁ ବିଷୟ ପାଇଁ ଆମେ ବର୍ତ୍ତମାନ ଧନ୍ୟବାଦୀ ଅଟୁ, ଏହାର ସମସ୍ତ ବିଶୃଙ୍ଖଳାରେ, ଏହାର ସମସ୍ତ ଅଶ୍ଳୀଳତାରେ, ଏହାର ସମସ୍ତ ଖରାପ ବିଷୟମାନରେ, ତଥାପି ସୁଦ୍ଧା ଏହା ଜଗତର ସର୍ବଶ୍ରେଷ୍ଠ ରାଷ୍ଟ୍ର ଅଟେ, ଏବଂ ଆରମ୍ଭରେ, ଯେହେତୁ ଏହା ସଠିକ୍ ଭାବରେ ବ୍ୟବସ୍ଥିତ କରା ହୋଇଥିଲା । ଏହା ବାର୍ତ୍ତାକୁ ଗ୍ରହଣ କରିନାହିଁ ।

58 ବହୁ ବର୍ଷ ପୂର୍ବେ, ଯେତେବେଳେ ଏହା ପ୍ରାରମ୍ଭିକ ଅବସ୍ଥାରେ ଥିଲା, ଏକ କାହାଣୀ ମୋର ମନେ ପଡେ, ଯେ ଇଂଗ୍ରେଜମାନେ ଏହି ଦେଶର ସ୍ୱାଧୀନତାକୁ ଲୁଟି ନେବାକୁ ଯାଉଥିଲେ । ଏବଂ ସେଠାରେ ଦଳେ ଲୋକମାନଙ୍କର ଏକ ଗୋଷ୍ଠୀ ରହିଥିଲେ ଯେଉଁମାନେକି ନିଜକୁ ଏକାଠି କରିଥିଲେ ଏବଂ ଜଗି ରହିବାର, କର୍ତ୍ତବ୍ୟ ନିର୍ବାହ କରୁଥିଲେ । ଏବଂ ସେଠାରେ ଏକ ଘୋଡା ଛିଡା ରହୁଥିଲା, ଏବଂ ଜଣେ ଆରୋହୀ ଯେକୌଣସି ମିନିଟରେ ଆରୋହଣ କରିବାକୁ ପ୍ରସ୍ତୁତ ରହୁଥିଲେ । ପ୍ରଥମ ବିଷୟ ସେ ଏକ ସଙ୍କେତ ପ୍ରାପ୍ତ କଲେ ଯେ ସେହି ଇଂଗ୍ରେଜମାନେ ଆସୁଛନ୍ତି, ଏବଂ ସେ ଘୋଡା ଚଢିବା ପାଇଁ ପ୍ରସ୍ତୁତ ହେଲେ । ସେହି ଘୋଡାକୁ ଘଉଡାଇବାର ତାଙ୍କୁ କି ଉପକାର କରିବ? ସେହି ଘୋଡାକୁ ପିଟିବା ଏବଂ ସେହି ମଣ୍ଡଳୀରୁ ବୋଷ୍ଟନ୍ ପର୍ଯ୍ୟନ୍ତ ଯିବାକୁ ଚେଷ୍ଟା କରିବାରେ, କି ଲାଭ ହେବ? ତାଙ୍କୁ ଏହା କରିବାରେ କି

ମଙ୍ଗଳ କରିବ ଯଦି ତାଙ୍କ ପାଖରେ ଲୋକମାନଙ୍କୁ ଜଣାଇବା ପାଇଁ ଏକ ବାର୍ତ୍ତା ନ ଥାଏ? ସେମାନେ ନିଜକୁ ପ୍ରସ୍ତୁତ କରିବାକୁ କିପରି ଜାଣିବେ?

59 ଆମର ଆଧୁନିକ ପଲ୍ ରେଭେର୍ସମାନେ ଉତ୍ତମ ଭାବରେ ଦୌଡିଛନ୍ତି, କିନ୍ତୁ, ସେମାନେ କେବଳ ଦୌଡୁଛନ୍ତି, କୌଣସି ବାର୍ତ୍ତା ନାହିଁ। ସେହି ଘଡି ଏଠାରେ ଅଛି, ଏକ ସଙ୍କଟ ଆରମ୍ଭ ହୋଇଛି! ସଂସାରଟି ତାର ଅନ୍ତିମ ଅବସ୍ଥାରେ ଅଛି! ମଣ୍ଡଳୀଗୁଡ଼ିକ ସେମାନଙ୍କର ଶେଷ ଦଶାରେ ପହଞ୍ଚି ଯାଇଛନ୍ତି। ରାଷ୍ଟ୍ରଗୁଡିକ ସେମାନଙ୍କର ଚରମ ସୀମାକୁ ପହଞ୍ଚି ଯାଇଛନ୍ତି। ମାନବ ଜୀବନ ଏହାର ଚରମ ସୀମାକୁ ପହଞ୍ଚି ଯାଇଛି। ବିଜ୍ଞାନ ତାହାର ଚରମ ସୀମାକୁ ଛୁଇଁସାରିଛି। ଆମେମାନେ ସଂଗଠିତ ହୋଇ ବଡ଼ ବଡ଼ ଗିର୍ଜାଘରଗୁଡିକୁ ନିର୍ମାଣ କରିଅଛୁ, ଆମର ପ୍ରଚାରକମାନଙ୍କୁ ମାର୍ଜିତ କରିଛୁ ଏବଂ ଶାରୀରିକ ଭାବରେ ସେମାନଙ୍କୁ ଏକତ୍ର କରି ସ୍ଥାପିତ କରିଅଛୁ, ଯେପରିକି ସେମାନେ ଏହା ଜାଣନ୍ତି ଯେ ସେମାନଙ୍କର କ୍ରିୟା ଏବଂ କ୍ରିୟା ବିଶେଷଣ ପ୍ରଭୃତି, ଏବଂ ସେମାନଙ୍କର ଧ୍ୱନି ସବୁ ଏବଂ—ଏବଂ ସେମାନଙ୍କର ସମସ୍ତ ସ୍ୱରବର୍ଣ୍ଣ ସବୁ, କିପରି ବ୍ୟବହାର କରାଯିବାକୁ ଅଛି, ଏବଂ ସବୁକିଛି ବିଷୟ ମାତ୍ର ଠିକ୍ ଭାବେ ମନୋବିଜ୍ଞାନରେ ରହିଛି, ଯେପରି ଲୋକମାନଙ୍କ ସହିତ ଯୋଗାଯୋଗ କରାଯାଏ। କିନ୍ତୁ ଏହା ତାହା ନ ଥିଲା ଯାହା ଯୀଶୁ କହିଥିଲେ!

60 "ମୋ ନାମରେ ସେମାନେ ଭୂତମାନଙ୍କୁ ବାହର କରିବେ। ସେମାନେ ନୂତନ ଭାଷାରେ କଥା କହିବେ। ଯଦି ଏକ ବିଷଧର ସର୍ପ ସେମାନଙ୍କୁ ଦଂଶନ କରେ, ତେବେ ଏହା ସେମାନଙ୍କର କିଛି କ୍ଷତି କରିବ ନାହିଁ। ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରକହିବେ, ସେମାନେ ସୁସ୍ଥ ହୋଇଯିବେ।" ଜଗତ ଏକ ବାର୍ତ୍ତା ସହ ଏକ ବାର୍ତ୍ତାବହ-ଦୂତଙ୍କୁ ଆବଶ୍ୟକ କରେ, ଯେ କିଛି ଗୋଟାଏ କୁହାଯାଏ, ଏବଂ ଏହା ଜଣାଯାଏ ଯେ ସେହି ବାର୍ତ୍ତା କେଉଁଠାରୁ ଆସିଛି ଏବଂ ଏହା କାହା ପାଖରୁ ଆସିଛି।

61 ପଲ୍ ରେଭେର୍, ଯେତେବେଳେ ସେ ନିଜ ଘୋଡା ଉପରେ ଚଢ଼ିଲେ, ଜଣେ ସାହାସୀ ବ୍ୟକ୍ତି, ଏପରି ଜଣେ ବ୍ୟକ୍ତି ଯିଏକି ଇତିହାସରେ ସେପର୍ଯ୍ୟନ୍ତ ରହିବେ ଯେପର୍ଯ୍ୟନ୍ତକି ଇତିହାସରେ ରହିବା ନିମନ୍ତେ ଏକ ରାଷ୍ଟ୍ର ରହିଥିବ। ସେ ଗୀର୍ଜାଘର ପାହାଚରୁ ସେହି ଉଲ୍ଲେଖନୀୟ ଯାତ୍ରା କରିଥିଲେ, ଏପରି ଏକ ବାର୍ତ୍ତା ସହିତରେ ଯାହାକି ଗରୀବରୁ ଧନୀ ପର୍ଯ୍ୟନ୍ତ, ସମସ୍ତଙ୍କୁ ସତର୍କିତ କରି ଦେଇଥିଲା, କୃଷକଠାରୁ ନେଇ ବ୍ୟବସାୟୀ ପର୍ଯ୍ୟନ୍ତ, "ଇଂଗ୍ରେଜମାନେ ଆସୁଛନ୍ତି!" ଏବଂ ଅସ୍ତ୍ରଶସ୍ତ୍ରଧାରୀ ଲୋକମାନେ ଏକ ଆକ୍ରମଣ ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ଏବଂ ଏହି ମହାନ ରାଷ୍ଟ୍ର ରକ୍ଷା ପାଇଥିଲା।

62 ଯଦି ପରମେଶ୍ୱରଙ୍କ ଏହି ଐତିହ, ଯଦି ଏହି ଲୋକମାନେ ଯେଉଁମାନଙ୍କ ପାଇଁ ପରମେଶ୍ୱର ମୃତ୍ୟୁବରଣ କରିଥିଲେ, ଯଦି ଏହି ମଣ୍ଡଳୀ ଯେଉଁମାନେକି ତାହାଙ୍କ ନାମରେ ଆହୁତ ଅଟନ୍ତି, କେବେ ରକ୍ଷା ପାଇବାକୁ ଅଛି, ତାହାହେଲେ ଏହି ଦିନର ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ, ଆମଠାରେ ସିଂହାସନରୁ ଏକ ବାର୍ତ୍ତା ସହିତ ଏକ ବାର୍ତ୍ତାବହ ରହିବାକୁ ଅଛି।

ସେଠାରେ ଏକ ଗଲିୟାତ୍ ଅଛି, କିନ୍ତୁ ପରମେଶ୍ୱରଙ୍କର ନିଶ୍ଚିତ ଭାବରେ କୌଣସି ନ କୌଣସି ସ୍ଥାନରେ ଏକ ଦାଉଦ ରହିଥିବେ। ଆମକୁ ସେହି ଯୋଗାଯୋଗକୁ ସ୍ଥାପନ କରିବାକୁ ଅଛି। ଆମ ପାଖରେ ଏକ ରହିବାକୁ ଅଛି...ଆମ ପାଖରେ ଏକ ବାର୍ତ୍ତା ରହିବାକୁ ଅଛି।

63 ଆମେମାନେ ଯାଉଅଛୁ, କିନ୍ତୁ କହିବା ହେତୁ କିଛି ବିଷୟ ନାହିଁ। ଏହା ତାହାକୁ ପ୍ରମାଣିତ କରେ, ଯେତେବେଳେ ଆମେମାନେ ଏପରି ଏକ ସ୍ଥାନକୁ ଆସୁ ଯେଉଁଠାରେକି ଏକ ରାଷ୍ଟ୍ର ବା ଏକ ଲୋକସମୂହ ଯିଏକି ଯୀଶୁ ଖ୍ରୀଷ୍ଟଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ଅସ୍ୱୀକାର କରନ୍ତି, ଏବଂ ଆଜିର ସବୁଠାରୁ ଅଧିକ ଭାରପ୍ରାପ୍ତ ସେବକମାନଙ୍କ ସମ୍ମୁଖରେ ଛିଡା ହୁଅନ୍ତି। ଏବଂ ତାହାପରେ ଆମର ମହାନ ମଣ୍ଡଳୀ ସଂଘରେ, ପ୍ରାୟଃ ତିରିଶ ଜଣ ସାମ୍ୟବାଦୀମାନଙ୍କୁ କୋଡ଼ିଏ କିମ୍ବା ତିରିଶ ବର୍ଷ ପାଇଁ କାଗଜପତ୍ର ଧରି ରହିଥିବାର ଦେଖୁ, ଯେ ଆମର ମିଳିତ ମଣ୍ଡଳୀସମୂହରେ, ସେମାନେ ସାମ୍ୟବାଦୀ ଦଳର ସଦସ୍ୟ ଅଟନ୍ତି। ଆମେ କଅଣ କରିପାରୁ? ଏହା ଦର୍ଶାଏ ଯେ ସେମାନେ ବିନା ଏକ ବାର୍ତ୍ତାରେ ଦୌଡ଼ିଛନ୍ତି; ଦେଶର ଜନ୍ମ ଅଧିକାରକୁ ବିକ୍ରୟ କରିଛନ୍ତି, ମଣ୍ଡଳୀର ନିୟମିତ ଜନ୍ମ ଅଧିକାର ବିକ୍ରୟ କରି ଦେଇଛନ୍ତି।

64 ଏହା ସବୁ ଏକ ଶେଷ ପ୍ରଗଟୀକରଣକୁ ଆସିଅଛି। ଏହା ଏପରି ଏକ ସ୍ଥାନକୁ ଆସିଅଛି ଯେଉଁଠାରେକି ସେହି ଛୋଟ ମଣ୍ଡଳୀଟି ଯାହାକି ବାର୍ତ୍ତାକୁ ବିଶ୍ୱାସ କରିଥିଲା, ଏବଂ ଉଭୟ ପାଦରେ ଛିଡା ହୋଇଥିଲା, ସେମାନଙ୍କର ଆଖିକୁ କ୍ରୁଶ ଉପରେ କେନ୍ଦ୍ରିତ କରି, ନିଜ ହୃଦୟରେ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ନିଆଁକୁ, ଜଳାଇଅଛି! ଏହା ଏପରି ଏକ ସ୍ଥାନକୁ ଆସିଅଛି ଯେଉଁଠାରେ ବିଭିନ୍ନ ରାଷ୍ଟ୍ରଗୁଡିକୁ ଏହାକୁ ଚିହ୍ନିବାକୁ ଅଛି। ଏହା ଏକ ଶେଷ ପ୍ରଗଟୀକରଣକୁ ଆସିଅଛି। ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ମଣ୍ଡଳୀଗୁଡ଼ିକ... ଯେତେବେଳେ ମଣ୍ଡଳୀମାନର ପରିସଂଘ, ଏହା ସାମ୍ୟବାଦୀମାନଙ୍କରେ ଏତେ ସଂଗଠିତ ହୋଇ ଯାଇଅଛି, ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ ସେହି ଅଲୌକିକ ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ ସ୍ୱର୍ଗୀୟ ଆରୋଗ୍ୟତାରେ ବିଶ୍ୱାସ କରିପାରନ୍ତି ନାହିଁ; ସେମାନଙ୍କର ନିଜର ହୃଦୟରେ କୌଣସି ବାର୍ତ୍ତା ନାହିଁ, ଏଥିରେ କିଛି ଯାଏଆସେ ନାହିଁ ଯେ ସେମାନେ କେତେ ଜୋରରେ ଦୌଡୁଅଛନ୍ତି।

65 ଯଦି ଜଣେ ମନୁଷ୍ୟର ହୃଦୟରେ ପବିତ୍ରଆତ୍ମା ଆସିଯାଆନ୍ତି, ତେବେ ସେ ବିଶ୍ୱାସ କରିବେ ଯେ ଯୀଶୁ ଖ୍ରୀଷ୍ଟ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି, ଏବଂ ସେ ତାଙ୍କଠାରେ ଜୀବିତ ଅଛନ୍ତି, ଯେପରିକି ସେହି କାର୍ଯ୍ୟକୁ କରନ୍ତି, ଏବଂ ସେହି ଇଚ୍ଛାକୁ ସଫଳ କରନ୍ତି ଯାହା କରିବା ପାଇଁ ସେ ଆସିଥିଲେ, ସେହି ଇଚ୍ଛା, ଅର୍ଥାତ୍ ପରମେଶ୍ୱରଙ୍କ ସେହି ଇଚ୍ଛାକୁ ଯାହା ମନୁଷ୍ୟର ଜୀବନ ମଧ୍ୟରେ ସଫଳ କରାଯାଏ।

66 କିନ୍ତୁ, ସମସ୍ୟାଟି ହେଲା, ଆମେ ଦୌଡିଥାଉ, ଆମେ ଏକ ବାର୍ତ୍ତା ବା ସନ୍ଦେଶ ବିନା ହିଁ ଦୌଡିଥାଉ। ଆମେ ପରମାର୍ଥବିଦ୍ୟା ସହିତ ଯାଇଥାଉ। ଆମେ ପବିତ୍ରଶାସ୍ତ୍ର ସମ୍ବନ୍ଧରେ କୌଣସି ଏକ ପ୍ରକାରର ମାଣ୍ଡଳିକ ବ୍ୟାଖ୍ୟା ସହିତ ଯାଇଥାଉ।

67 ଆମକୁ ତ ପୁନରୁତ୍ଥାନ ସହିତ ଯିବାକୁ ପଡିବ! "ଯାଅ, ମୋର ଶିଷ୍ୟମାନଙ୍କୁ କୁହ ଯେ ମୁଁ ଏକ ନୂତନ ମଣ୍ଡଳୀକୁ ସଂଗଠିତ କରିବି"? ନା, ମହାଶୟ! "ଯାଅ, ମୋର ଶିଷ୍ୟମାନଙ୍କୁ କୁହ ଯେ ମୁଁ ମୃତ୍ୟୁରୁ ପୁନରୁତ୍ଥିତ ହୋଇଅଛି, ଯେପରି ହେବ ବୋଲି ମୁଁ କହିଥିଲି।" ଆଜି ସକାଳେ ମଣ୍ଡଳୀ ପ୍ରତି ତାହା ହିଁ ସେହି ବାର୍ତ୍ତା ଅଟେ, ଯେ ଯୀଶୁ ମୃତ ନୁହଁନ୍ତି। ସେ ଜୀବିତ ଅଛନ୍ତି, ଏବଂ ଆଜି ମଧ୍ୟ ସେହିପରି ମହାନ ଓ ଶକ୍ତିଶାଳୀ ଅଛନ୍ତି ଯେପରିକି ସେ କଦାଚ ଥିଲେ।

68 ଆମ ପାଖରେ ଅନେକ ଚେତାବନୀମାନର ବାର୍ତ୍ତାମାନ ରହିଛି, ଯେପରି ପ୍ରସ୍ତୁତ ହେଉ, ପଲ୍ ରେଭର୍ ଏବଂ ଅନ୍ୟ ମହାନ ବ୍ୟକ୍ତିମାନେ, ଏବଂ ମହାନ ଯୁଦ୍ଧମାନ ଏବଂ ଝଡସବୁ, ଏବଂ ଏହିପରି ବିଷୟବସ୍ତୁ ରହିଛି।

69 ତାହାପରେ, ପରମେଶ୍ୱର ମଧ୍ୟ, ସାନ୍ତ୍ୱନାର ଏକ ବାର୍ତ୍ତା ପଠାନ୍ତି। ଏହା ଏକ ସାନ୍ତ୍ୱନା ବାର୍ତ୍ତା ଥିଲା।

70 କିଛି ସମୟ ପୂର୍ବରୁ, ଯେତେବେଳେ ଦକ୍ଷିଣରେ ସେମାନଙ୍କର ଦାସତ୍ୱ ପ୍ରଥା ଥିଲା, ବୋଅର୍ସ ଦକ୍ଷିଣ ଆଫ୍ରିକାରୁ ମୂଳ ଅଧିବାସୀକୁ ଆଣିଥିଲେ, ଯାହାକୁ ଆମେ ଆଜି, କହିଥାଉ, "ଅଶ୍ୱେତ ବ୍ୟକ୍ତି।" ଏବଂ ସେମାନେ ସେହି ଲୋକମାନଙ୍କୁ ଏଠାକୁ ଆଣି ଦକ୍ଷିଣରେ ଥିବା ଆମେରିକୀୟମାନଙ୍କୁ ବିକ୍ରୟ କରି ଦେଇଥିଲେ, ଯେପରିକି ସେମାନଙ୍କ ମଧ୍ୟରୁ ଦାସ କରାଯାଏ।

71 ଆଜି ଆଫ୍ରିକାରେ ଏହା ବିଷୟରେ ବଡ ବିଦ୍ରୋହ, ହତ୍ୟା, ଏବଂ ଇତ୍ୟାଦି ସବୁ, ଚାଲିଛି। ସେମାନେ ସେମାନଙ୍କର ସ୍ୱାଧୀନତା ପାଇଁ ସଂଗ୍ରାମ କରୁଛନ୍ତି। ସେମାନଙ୍କର ଏଥି ନିମନ୍ତେ ଲଢ଼ିବାକୁ ଏକ ଅଧିକାର ଅଛି। ପରମେଶ୍ୱର ମନୁଷ୍ୟକୁ ନିର୍ମାଣ କଲେ; ମନୁଷ୍ୟ ଦାସକୁ ନିର୍ମାଣ କଲା। ଏହା କଦାପି ଉଦ୍ଦେଶ୍ୟ ନ ଥିଲା।

72 କିଛି ବର୍ଷ ପୂର୍ବେ, ମୁଁ ଏକ କଲିଜିୟମ୍, କିମ୍ବା, ବରଂ ଏକ ବୃହତ ସଂଗ୍ରହାଳୟରେ ଥିଲି। ମୁଁ ଚାରିପାଖ ବୁଲୁଥିଲି, ବିଭିନ୍ନ ଚିତ୍ର ଏବଂ ଜିନିଷ ପ୍ରଭୃତି ଦେଖୁଥିଲି, କାରଣ ମୁଁ କଳାକୁ ପ୍ରଶଂସା କରେ। ମୁଁ ଭାବେ ପରମେଶ୍ୱର କଳାରେ ଅଛନ୍ତି। ଏବଂ ମୁଁ ଉପରକୁ ଗଲି, ଏବଂ ମୁଁ ଦେଖିଲି ଯେ ସେଠାରେ ଜଣେ ବୃଦ୍ଧ ନିଗ୍ରୋ ବ୍ୟକ୍ତି ଥିଲେ, ସେ ପ୍ରକୃତରେ ବୃଦ୍ଧ ଥିଲେ, ତାଙ୍କ କାନ୍ଧ ନଇଁ ପଡିଥିଲା, ତାଙ୍କ ମୁଣ୍ଡର ପଛ ପଟରେ କେଶର ଏକ ଘେରା ମାତ୍ର ଥିଲା। ସେ ତାଙ୍କର ଟୋପି ପିନ୍ଧି ଥିଲେ। ଏବଂ ସେ ଚାରିପାଖ ବୁଲୁଥିଲେ, ଏବଂ ସେହି ଭଳି କିଛି, ଚାରିପାଖକୁ ଅନାଉ ଥିଲେ, ସତେ ଯେପରି ସେ ସଂଗ୍ରହାଳୟରେ କିଛି ବିଷୟକୁ ଦେଖୁଥିଲେ କିମ୍ବା ଖୋଜୁଥିଲେ। ମୁଁ ପଛକୁ ଠିଆ ହୋଇ ତାଙ୍କୁ ଅଳ୍ପ କିଛି ସମୟ ଅନାଇଲି।

73 ଆଉ କିଛି ସମୟ ପରେ ସେ ସେଠାରେ ଏକ ନିର୍ଦ୍ଦିଷ୍ଟ ଛୋଟ ବାକ୍ସ ପାଖକୁ ଆସିଲେ। ଏବଂ ସେ ଏହା ଭିତରକୁ ଚାହିଁଲେ, ଓ ଆଶ୍ଚର୍ଯ୍ୟ ହୋଇଗଲେ, ଏବଂ ତାଙ୍କ ଆଖିଗୁଡିକ ଉଜ୍ଜ୍ୱଳ ହୋଇ ଉଠିଲା। ସେ ଗୋଟିଏ ମିନିଟ ପାଇଁ ସେହି ବାକ୍ସରୁ ପଛକୁ ଡେଇଁପଡ଼ିଲେ, ତାଙ୍କ ଛୋଟ ପ୍ଲଗ୍ ଟୋପିକୁ କାଢ଼ି, ହାତରେ ଧରିଲେ। ଏବଂ ମୁଁ ତାଙ୍କୁ ଅନାଉଥିଲି। ଏବଂ ଯେତେବେଳେ ସେହି

ଅଶ୍ଵେତ ବୃଦ୍ଧ ବ୍ୟକ୍ତି ନିଜର ମୁଣ୍ଡକୁ ନୁଆଁଇଲେ, ତାଙ୍କ ଗାଲରୁ ଲୁହ ଝରିବାକୁ ଲାଗିଲା । ଏବଂ ମୁଁ ଟିକିଏ ଆଶ୍ଚର୍ଯ୍ୟ ହୋଇ, ଅଳ୍ପ ସମୟ ପାଇଁ ତାଙ୍କୁ ଦେଖିଲି ।

74 ତାହାପରେ ମୁଁ ଭାବିଲି, "ମୁଁ ଖୋଜି ବାହାର କରିବି ଯେ ସେହି ବୃଦ୍ଧ ବ୍ୟକ୍ତିଟି କେଉଁ ବିଷୟକୁ ନେଇ ଏତେ ଉତ୍ସାହିତ ହୋଇଥିଲେ ।" ମୁଁ ଏହି ପାର୍ଶ୍ଵରେ ବୁଲିକରି ଗଲି, ଏବଂ ମୋତେ ସେଠାରେ ଏକ ପୋଷାକ ରହିଥିବା ପରି ଦେଖା ଯାଇଥିଲା ।

75 ଏବଂ ମୁଁ ସେଠାରେ ଛିଡା ହୋଇ ତାଙ୍କ ଆଡକୁ ଚାହିଁଲି । ଏବଂ ମୁଁ ତାଙ୍କ ପାଖକୁ ଗଲି, ମୁଁ କହିଲି, "ଅଙ୍କଲ, ଆପଣ କେମିତି ଅଛନ୍ତି?"

ଏବଂ ସେ କହିଲେ, "ଆପଣ କିପରି ଅଛନ୍ତି, ମହାଶୟ ।"

76 ଏବଂ ମୁଁ କହିଲି, "ମୁଁ ଜଣେ ସେବକ ଅଟେ । ଆପଣଙ୍କୁ ଏହି ସ୍ଥାନରେ ପ୍ରାର୍ଥନା ଅର୍ପଣ କରୁଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।" ମୁଁ କହିଲି, "ମୁଁ ବିଶ୍ଵାସ କରିବି ଯେ ଆପଣ ଜଣେ ଖ୍ରୀଷ୍ଟିଆନ ।"

ସେ କହିଲେ, "ମୁଁ ଅଟେ, ମହାଶୟ ।"

ଏବଂ ମୁଁ କହିଲି, "କେଉଁ ବିଷୟ ଆପଣଙ୍କୁ ଏତେ ଉତ୍ସାହିତ କଲା?"

77 ସେ କହିଲେ, "ଏଠାକୁ ଆସ ।" ଏବଂ ମୁଁ ସେହି ବୃଦ୍ଧ ବ୍ୟକ୍ତି ସହିତ ସେଠାକୁ ଗଲି । ସେ କହିଲେ, "କଅଣ ଆପଣ ସେହି ପୋଷାକକୁ ଦେଖୁଛନ୍ତି କି?"

ମୁଁ କହିଲି, "ହଁ, ଆଜ୍ଞା ।"

ସେ କହିଲେ, "କଅଣ ଆପଣ ସେହି ସ୍ଥାନରେ ସେହି ଦାଗକୁ ଦେଖୁଛନ୍ତି କି?"

ମୁଁ କହିଲି, "ହଁ ଆଜ୍ଞା ।"

କହିଲେ, "ମୋ ପାର୍ଶ୍ଵରେ ଆପଣଙ୍କର ହାତକୁ ଦିଅନ୍ତୁ ।"

ମୁଁ କହିଲି, "ସେହି କଠିନ ସ୍ଥାନଟି କଅଣ?"

78 ସେ କହିଲେ, "ଦିନେ, ସେଠାରେ ଏକ କ୍ରୀତଦାସର ବେଲ୍ଟ ବା ପଟୁକା ବନ୍ଧା ହୋଇ ରହୁଥିଲା । ଏବଂ *ତାହା* ହେଉଛି ଅବ୍ରହାମ ଲିଙ୍କନଙ୍କର ରକ୍ତ ।" ସେ କହିଲେ, "ତାଙ୍କ ରକ୍ତ ସେହି କ୍ରୀତଦାସର ବେଲ୍ଟକୁ ମୋ ପାଖରୁ ହଟାଇ ନେଲା ।" କହିଲେ, "କଅଣ ତାହା ଆପଣଙ୍କୁ ମଧ୍ୟ, ଉତ୍ସାହିତ କରିବ ନାହିଁ କି?"

79 ମୁଁ ସେଠାରେ ଆଶ୍ଚର୍ଯ୍ୟରେ ଛିଡା ହୋଇ ରହିଲି । ମୁଁ ଭାବିଲି, "ଯଦି ଅବ୍ରହାମ ଲିଙ୍କନଙ୍କର ରକ୍ତ ଜଣେ ଦାସକୁ ଏତେ ଉତ୍ତେଜିତ—ଉତ୍ସାହିତ କରିଥାଏ, ଏହି କାରଣରୁ ଯେ ଏହା ତାଙ୍କଠାରୁ ଏକ ଦାସତ୍ଵର ବେଲ୍ଟକୁ ହଟାଇ ନେଇଥିଲା, ତାହାହେଲେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଏଠାରେ ଥିବା ରୋଜେଲା ପରି ଲୋକମାନଙ୍କ ପାଇଁ କଅଣ କରିବା ଉଚିତ୍, ଯିଏକି ମଦ୍ୟପାନର ଏକ ଦାସ ଥିଲେ; ମୋ ପରି, ମରୁଥିବା, ଜଣେ ଦୟନୀୟ ଦୁର୍ଭାଗା ପ୍ରତି କଅଣ

କରିବା ଉଚିତ?" ସେ ତ ମୋ ହୃଦୟରୁ ପାପର ଦାସତ୍ୱ ବେଲ୍ଟକୁ ହଟାଇ ନେଇଥିଲେ। କଅଣ ତାହା ଜଣେ ମନୁଷ୍ୟକୁ ଉତ୍ସାହିତ କରିବା ଉଚିତ୍ ନୁହେଁ କି? କଅଣ ତାହା ତାଙ୍କୁ ଅଲଗା ଅନୁଭବ କରାଇବା ଉଚିତ୍ ନୁହେଁ କି? ଯେତେବେଳେ ସେ ଏହା ବିଷୟରେ ଭାବନ୍ତି କଅଣ ଏହା ତାଙ୍କୁ ଆଦର ଦେବା ନିମନ୍ତେ ପ୍ରବର୍ତ୍ତାଇବା ଉଚିତ୍ ନୁହେଁ କି? ଆପଣ ମୁଣ୍ଡ ନ ନୁଆଁଇ ଗୋଟିଏ ଗଛକୁ ଦେଖିପାରନ୍ତି ନାହିଁ, କ୍ୱଚିତ୍ ହିଁ, ଏହା ଜାଣି ଯେ ଯୀଶୁ ଆପଣଙ୍କର ଜୀବନକୁ ସେହି ବୃକ୍ଷ ଉପରେ ମୁକ୍ତ କରିଅଛନ୍ତି।

80 ଯେତେବେଳେକି ଆମେମାନେ, ଗୋଟିଏ ମୁହୂର୍ତ୍ତ ପାଇଁ, ସେହି କ୍ରୀତଦାସମାନଙ୍କ ସହିତରେ, ଏବଂ ଆମର ଚିନ୍ତାଧାରାକୁ ଜାରି ରଖୁ। ସେଠାରେ ଏକ ଘୋଷଣା ହୋଇଥିଲା, ମୁକ୍ତିର ଘୋଷଣା, ଯାହା ସ୍ୱାକ୍ଷରିତ ହୋଇଥିଲା, ଏବଂ କ୍ରୀତଦାସମାନେ ଏକ ନିର୍ଦ୍ଦିଷ୍ଟ ଦିନରେ ମୁକ୍ତ ହେବାକୁ ଯାଉଥିଲେ। ଆପଣ ଜାଣନ୍ତି ନାହିଁ, ଓଃ, ଯଦି ଆପଣ କେବେ ଖ୍ରୀଷ୍ଟଙ୍କୁ ଭେଟି ନାହାଁନ୍ତି, ତାହାହେଲେ ଆପଣ କଦାପି ଜାଣିବେ ନାହିଁ ଯେ ତାହା ସେହି କ୍ରୀତଦାସମାନଙ୍କ ପାଇଁ କଅଣ ଅର୍ଥ ଥିଲା? ଯେତେବେଳେ ସେହି ବାର୍ତ୍ତା ସମଗ୍ର ଦେଶରେ ବ୍ୟାପ୍ତ ହୋଇଗଲା, ଯେ, "ତୁମେ ଅମୁକ-ଓ-ଅମୁକ ଏପରି ଏକ ଦିନରେ, ଦିବାଲୋକରେ ମୁକ୍ତ ହେବାକୁ ଯାଉଛ। ତୁମେ ମୁକ୍ତ ହେବାକୁ ଯାଉଛ। ତୁମକୁ ଆଉ ଅଧିକ ଦାସତ୍ୱର ବେଲ୍ଟ ପିନ୍ଧିବାକୁ ପଡିବ ନାହିଁ, କିମ୍ବା ତୁମେ ଆଉ କେବେବି ଚାବୁକ ମାଡ ପାଇବ ନାହିଁ। ମାତ୍ର ତୁମେ ମୁକ୍ତ ଅଟ, ଏବଂ ତୁମେ ଏହି ମହାନ ଯୁକ୍ତରାଷ୍ଟ୍ରର ନାଗରିକ ଅଟ। ଏକ ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ସକାଳର ଦିବାଲୋକ ପରେ, ତୁମେ ଆଉ ଅଧିକ ଏକ ଦାସ ନୁହଁ।" ଓଃ, ସେହି ବଡ ଆଶା ସହିତ ସେମାନେ ଅପେକ୍ଷା କରିଥିଲେ।

81 ଯଦି ସେହି ପାପୀଜଣକ କେବଳ ତାହା ଦେଖିପାରନ୍ତା! ଯଦି ସେହି ପାପୀଜଣକ କେବଳ ପ୍ରକୃତ ସୁସମାଚାରକୁ ଶୁଣିଥାନ୍ତା! ଏକ ମଣ୍ଡଳୀରେ ଯୋଗଦାନ ନୁହେଁ, ମାତ୍ର ସୁସମାଚାରର ପ୍ରଚାର କରାଯିବା ଦ୍ୱାରା, ଯେ ଆପାଂ ପାପରୁ ମୁକ୍ତ ହୋଇପାରନ୍ତି, ଯେ ଆପଣ ନିଜର ଅସୁସ୍ଥତାରୁ ମୁକ୍ତ ହୋଇପାରନ୍ତି। "ଏକ ନିର୍ଦ୍ଦିଷ୍ଟ-ନିଶ୍ଚିତ ସମୟରେ," ତାହାହିଁ ସେହି ସମୟ ଯେତେବେଳେ ଆପଣ ବିଶ୍ୱାସ କଲେ।

82 ଆପଣ ଜାଣନ୍ତି, ସେହି ଦାସମାନେ ଏତେ ଉତ୍ସାହିତ ଥିଲେ ଏବଂ ଏତେ ଅତ୍ୟଧିକ ଆଶା ଅଧୀନରେ, ସେହି ଘଡି ପାଇଁ ଅପେକ୍ଷା କରି ରହିଥିଲେ ଯେ ସେମାନେ ମୁକ୍ତ ହେବେ, ଯେପର୍ଯ୍ୟନ୍ତକି, ସେମାନେ ମୋତେ କହି ନ ପକାଇଲେ, ଯେ ସେମାନେ ଏକ ପାହାଡ ତଳେ ଏକତ୍ରିତ ହେଲେ, ମାଆ ଏବଂ ଛୋଟ ପିଲାମାନେ, ସମସ୍ତେ ଏକତ୍ରିତ ହୋଇଥିଲେ, ଏବଂ କେତେ ବୃଦ୍ଧ ଲୋକମାନେ। ଏବଂ ସେମାନେ ପ୍ରାୟଃ ମଧ୍ୟରାତ୍ରିରେ, ପାହାଡର ଶିଖରକୁ ଚଢ଼ିଗଲେ। ସେମାନେ ଜାଣିଥିଲେ ଯେ ଯେତେବେଳେ ସକାଳ ହେବ ଏବଂ ସୂର୍ଯ୍ୟ ଉଦିତ ହେବ, ଯେ ସେମାନେ ମୁକ୍ତ ହୋଇଯିବେ। ପାହାଡର ଶିଖରରୁ ସୂର୍ଯ୍ୟ କିରଣକୁ ଉଦିତ ହେବା ନିମନ୍ତେ ଏହା ଅଧା ମିନିଟରୁ ଅଧିକ ସମୟ ଲାଗିବ ନାହିଁ, ମାତ୍ର ସେମାନଙ୍କ ମଧ୍ୟରୁ କେତେକ ପାହାଡ ଉପରେ ରହି, ଦେଖି ରହିଥିଲେ, ଅନାଇ ରହିଥିଲେ। "ଓଃ, ଯେତେବେଳେ ସୂର୍ଯ୍ୟ

ଉଦୟ ହୁଏ, ଆମେମାନେ ମୁକ୍ତ ହୋଇଯିବା ।" ତାହା ତ ପୁ-ତ୍ର (s-o-n) ଥିଲେ...କିମ୍ୱା, ସୂର୍ଯ୍ୟ (s-u-n) ଥିଲା ।

83 ମାତ୍ର ଯେତେବେଳେ ସେହି ପୁ-ତ୍ର (S-o-n) ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ ଉଠନ୍ତି! ଏବଂ ଯେତେବେଳେ ପ୍ରାୟଃ ଉନବିଂଶ ଶହ ବର୍ଷ ପୂର୍ବେ ସେହି ପୁ-ତ୍ର (S-o-n) ଉଠିଥିଲେ, ସେ ପ୍ରତ୍ୟେକ ଦାସତ୍ୱର ପଟୁକା ଭାଙ୍ଗି ଦେଇଥିଲେ, ସେ ପ୍ରତ୍ୟେକ ବନ୍ଦୀକୁ ମୁକ୍ତ କରିଥିଲେ, ସେ ପ୍ରତ୍ୟେକ ରୋଗକୁ ସୁସ୍ଥ କରିଥିଲେ, ସେ ସେମାନଙ୍କୁ ସ୍ୱାଧୀନତା ଦେଲେ ଯେଉଁମାନେକି ଦାସତ୍ୱର ବନ୍ଧନରେ ଅଛନ୍ତି । ତେବେ ଆମକୁ କେତେ ଉପରକୁ ଚଢ଼ି ଏହା ଦେଖିବା ଉଚିତ୍!

84 ଏବଂ ଯେତେବେଳେ ସୂର୍ଯ୍ୟ ଉଦୟ ହେଲା, ପ୍ରଥମେ, ସେହି ବ୍ୟକ୍ତି ଯିଏକି ସର୍ବୋଚ୍ଚ ସ୍ଥାନରେ ଥିଲା, ଏହାକୁ ଦେଖିଲା, ଏବଂ ସେ ତଳେ ପରବର୍ତ୍ତୀ ଲୋକକୁ ପାଟି କରି କହିଲା, "ଆମେ ମୁକ୍ତ ଅଟୁ!" ଏବଂ ପରବର୍ତ୍ତୀ ଲୋକ ପାହାଡ ତଳରେ ଥିବା ବ୍ୟକ୍ତିଙ୍କୁ ପାଟି କରି କହିଲା, "ଆମେ ମୁକ୍ତ!" ଏହି କ୍ରମ ସେପର୍ଯ୍ୟନ୍ତ ଚାଲିଲା ଯେପର୍ଯ୍ୟନ୍ତ କି ଏହି ସମାଚାର ଶିବିରକୁ ଆସି ନ ଗଲା, "ଆମେ ମୁକ୍ତ ଅଟୁ!" କାରଣ, ସୂର୍ଯ୍ୟ ଉଦୟ ହେଉଥିଲେ, ସେମାନେ ଅପେକ୍ଷା କରିଥିଲେ, ଅପେକ୍ଷା କରିଥିଲେ, ସେହି ଘଡିକୁ ଅପେକ୍ଷା କରିଥିଲେ ।

85 ତେବେ ଆଜି ଆମକୁ ପରମେଶ୍ୱରଙ୍କ ପୁ-ତ୍ର (S-o-n) ପାଇଁ, କେତେ ଅଧିକ ଅପେକ୍ଷା କରି ରହିବା ଉଚିତ୍ । ଆମେମାନେ ପାପରୁ ମୁକ୍ତ ଅଟୁ । ଆମେ ଶିକୁଳିରୁ ମୁକ୍ତ ଅଟୁ । ଆମେ ମନ୍ଦ ଅଭ୍ୟାସରୁ ମୁକ୍ତ ଅଟୁ । ଆମେ ଧୂମପାନ କରିବା, ମଦ ପିଇବା, ମୌଜ ମଜଲିସ ଭୋଜିଠାରୁ ମୁକ୍ତ ଅଟୁ, କାରଣ ପରମେଶ୍ୱରଙ୍କ ପୁ-ତ୍ର (S-o-n) କବରରୁ ଉଠି ଅଛନ୍ତି ଓ ପ୍ରତ୍ୟେକ ବନ୍ଧନକୁ ଭାଙ୍ଗି ଦେଇଅଛନ୍ତି । ସମସ୍ତ ଦୋଷାରୋପଣ ଦୂର ହୋଇଛି! ଋଣ ପରିଶୋଧ କରାଯାଇଅଛି । ସେହି ଜୋରିମାନା ମୂଲ୍ୟ ପରିଶୋଧ କରାଯାଇଛି । ପାପସବୁ ଧୋଇ ଦିଆଯାଇଛି, ଏବଂ ଆମେମାନେ ମୁକ୍ତ ଅଟୁ । ଓଃ, ଲୋକେ, ଆମେମାନେ ମୁକ୍ତ ଅଟୁ! ଦାସତ୍ୱ? ସ୍ୱାଧୀନତା, ଯେତେବେଳେ ପରମେଶ୍ୱରଙ୍କ ପୁତ୍ର ନିଜ ପକ୍ଷରେ ଆରୋଗ୍ୟତା ସହିତ ଉଠନ୍ତି!

86 କୌଣସି ଦିନେ ସେ ସିଂହାସନରୁ ଉଠି, ପୃଥିବୀ ପୃଷ୍ଠକୁ ଫେରିବେ । ଏବଂ ତାହାପରେ ଆମେମାନେ ସମସ୍ତକିଛି ଯନ୍ତ୍ରଣା ଏବଂ ସମସ୍ତ ପରୀକ୍ଷାରୁ ମୁକ୍ତ ହେବୁ, ସମସ୍ତ ମରଣଶୀଳ ଯନ୍ତ୍ରଣାରୁ ଏବଂ ମର୍ତ୍ତ୍ୟ ଜୀବନ ସହିତ ଯାହା ବି କିଛି ହୁଏ ସେସବୁରୁ ମୁକ୍ତ ହେବୁ, ଯେପରିକି ତାହାଙ୍କ ସହିତ ସବୁଦିନ ପାଇଁ ବଞ୍ଚି ରହିବୁ । ଆମେମାନେ ମୁକ୍ତ ହେବୁ । "ଯାଅ, କୁହ," ତାହା ହିଁ କରିବା ନିମନ୍ତେ ବିଷୟ ଅଟେ ।

87 ବାଇବଲର ସମୟରେ, ଏକ ଜୁବିଲି ବର୍ଷ ଆସୁଥିଲା । ଋଣ ନେଇଥିବା ଲୋକମାନଙ୍କୁ ଯେଉଁମାନେକି ଋଣ ପାଇଁ ବିକ୍ରୟ କରା ଯାଉଥିଲେ, ସେମାନେ ଏକ ଋଣ ନେଉଥିଲେ ଏବଂ ସେମାନେ ତାହା ଫେରାଇ ପାରୁ ନ ଥିଲେ, ତେଣୁ ସେମାନେ ଯାଇ ଦାସ ହେବା ପାଇଁ, ନିଜକୁ ବିକ୍ରୟ କରୁଥିଲେ । ଏବଂ ସେମାନକୁ ସେମାନଙ୍କର ଜୀବନସାରା, ସେମାନଙ୍କର

ଦାସ, ସେମାନଙ୍କର କ୍ରୀତଦାସ, ହେବାକୁ ପଡୁଥିଲା। ମାତ୍ର, ପ୍ରାୟଃତ ପ୍ରତ୍ୟେକ ସମୟରେ, ସେଠାରେ ଅନୁଗ୍ରହର ଏକ ଦିନ ଆସୁଥିଲା, ଯାହାକି ଜୁବିଲି ବର୍ଷ ଭାବରେ ପରିଚିତ ଥିଲା। ଏବଂ ଯେତେବେଳେ ଜୁବିଲି ବର୍ଷ ଆସୁଥିଲା, ସେତେବେଳେ ସେଠାରେ ଜଣେ ଯାଜକ ବାହାରକୁ ଯାଇ ଏକ ତୂରୀ ବଜାଉ ଥିଲେ। ଏବଂ ସେହି ତୂରୀଟି ପ୍ରତ୍ୟେକ ଦାସକୁ ସୂଚିତ କରୁଥିଲା, ଏଥିରେ କିଛି ଯାଏଆସେ ନାହିଁ ଯେ ସେ କେତେ ଦିନ ହେଲା ସେବା କରିଆସୁଥିଲା ଏବଂ ତାଙ୍କୁ ଆଉ କେତେ କାଳ ସେବା କରିବାକୁ ପଡୁଥିଲା, ଯେତେବେଳେ ସେହି ତୂରୀ ବଜା ଯାଉଥିଲା, ସେତେବେଳେ ସେହି ଦାସ ମୁକ୍ତ ହେଉଥିଲା। ସେ କୋଦାଳ ଥୋଇଦେଇ ନିଜର ପିଲାମାନଙ୍କୁ ପାଖକୁ ଘରକୁ ଯାଇପାରୁଥିଲା। ତାଙ୍କୁ ଆଉ ଅଧିକ କାମ କରିବାକୁ ପଡୁ ନ ଥିଲା, କାରଣ ସେ ମୁକ୍ତ ହୋଇଥିଲା ଯେତେବେଳେ ଜୁବିଲିର ଧ୍ୱନି ହୋଇଥିଲା। ସେହି ତୂରୀ ଏକ ଅନିଶ୍ଚିତ ଧ୍ୱନି ଦେଇ ନ ଥିଲା, ମାତ୍ର ଏହା ଏକ ନିର୍ଦ୍ଦିଷ୍ଟ ଧ୍ୱନି ଦେଇଥିଲା। ଏବଂ ସେହି ବ୍ୟକ୍ତି ନିଜର ଯନ୍ତ୍ରପାତି ରଖି, ଦାସତ୍ୱରୁ ମୁକ୍ତ ହୋଇ ଘରକୁ ଯାଇପାରୁଥିଲା।

88 ଆଜି ସକାଳେ, ବାଇବଲ କହେ, "ଏବଂ ଯଦି ତୂରୀ ଏକ ଅନିଶ୍ଚିତ ଧ୍ୱନି ଦିଏ, ତେବେ କିଏ ଜାଣିବ ଯେ କଅଣ କରିବାକୁ ଅଛି?" ଯଦି ବାଇବଲ ଏହା ପ୍ରଚାର କରିଅଛି ଯେ ଯୀଶୁ ଖ୍ରୀଷ୍ଟ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛନ୍ତି, ସେ ଗତକାଲି, ଆଜି ଏବଂ ଚିରକାଳ ସମାନ ଅଟନ୍ତି, ଏବଂ ଆଜି ଆମେ ଯେଉଁ ତୂରୀର ଶବ୍ଦଗୁଡିକ ଆମେମାନେ ଶୁଣୁଅଛୁ, ତାହା ଯଦି ଏହା କୁହେ, "ଚମତ୍କାର ଦିନଗୁଡିକ ଅତିବାହିତ ହୋଇଯାଇଛି, ସ୍ୱର୍ଗୀୟ ଆରୋଗ୍ୟତା ଭଳି କୌଣସି ବିଷୟ ନାହିଁ," ତେବେ କିଏ ଜାଣିବ ଯେ ନିଜକୁ କିପରି ପ୍ରସ୍ତୁତ କରିବାକୁ ଅଛି?

89 ଆଜି ଆମକୁ ଯାହା ପ୍ରୟୋଜନ ତାହା ହେଉଛି ପରମେଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଦୂତମାନ! "ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛନ୍ତି! ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି!" ତାହା ହେଉଛି ଏହି ଦିନର ବାର୍ତ୍ତା।

90 ଓଃ, ମହାନ ବାର୍ତ୍ତାମାନ ରହି ଆସିଛି, କିନ୍ତୁ ଇଷ୍ଟର ସେସମସ୍ତଙ୍କୁ ଢାଙ୍କି ଦେଇଥିଲା! ମହାନ ବାର୍ତ୍ତାମାନ; ଇଷ୍ଟର ଏହାର ସବୁକିଛି ଥିଲା! ଯେତେବେଳେ ସେହି ମୃତ...ପ୍ରସ୍ତୁତି କରାଯାଇଥିଲା ଯେ ସେହି ଶେଷ ଶତ୍ରୁ...ଆମେମାନେ ପୁରାତନ ନିୟମରେ ଅସୁସ୍ଥତା ଭଲ ହୋଇଥିବାର ଦେଖିଥିଲୁ। ଅମେମାନେ ପୁରାତନ ନିୟମରେ ଚମତ୍କାରଗୁଡିକ ସାଧନ ହେବାର ଦେଖିଥିଲୁ। ପୁରାତନ ନିୟମରେ ଦର୍ଶନମାନ ଆସୁଥିଲା। ମାତ୍ର ପ୍ରତ୍ୟେକ ଲୋକ ଠିକ କବର ମଧ୍ୟକୁ ଚାଲିଗଲେ, ଏହା ଚିନ୍ତା କରି ଯେ ସେ କଅଣ ପୁନର୍ବାର ଉଠିବେ କି। ମାତ୍ର ଇଷ୍ଟର ସକାଳେ, ଯେତେବେଳେ ଏହି ଶିଷ୍ୟମାନେ ସେହି ସର୍ବଶ୍ରେଷ୍ଠ ବାର୍ତ୍ତାକୁ ପାଇଲେ ଯାହାକି କୌଣସି ବ୍ୟକ୍ତି କଦାଚ ପାଇପାରିବେ, ସେମାନେ କଅଣ ପାଇଥିଲେ? "ଯାଅ, ମୋର ଶିଷ୍ୟମାନଙ୍କୁ କୁହ, ମୁଁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛି।" ମୃତ୍ୟୁକୁ ଜୟ କରାଯାଇଥିଲା!

91 ପୃଥିବୀରେ ଏପରି କଦାପି କେହି ନ ଥିଲେ, କୌଣସି ଭବିଷ୍ୟଦ୍‌ବକ୍ତା ନୁହଁନ୍ତି,

କୌଣସି ମହାନ ବ୍ୟକ୍ତି ନୁହଁନ୍ତି, କୌଣସି ସାଧୁ ବ୍ୟକ୍ତି କେବେବି ଜିତି ପାରି ନ ଥିଲେ... ସେମାନେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ରୋଗକୁ ଜୟପ୍ରାପ୍ତ କରିପାରିଥିଲେ । ସେମାନେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା, ସମୟକୁ ଜିତି କରିପାରୁଥିଲେ ଏବଂ ଆଗାମୀ ବିଷୟଗୁଡ଼ିକୁ ପୂର୍ବରୁ ଦେଖିପାରୁଥିଲେ । ସେମାନେ ତାହାକୁ ଜିତି ପାରୁଥିଲେ । କିନ୍ତୁ ଏପରି କେବେବି କୌଣସି ବ୍ୟକ୍ତି ନ ଥିଲେ ଯିଏକି ପରମେଶ୍ୱରଙ୍କ ଠାରୁ ଏପରି ଏକ ଅଭିଷେକ ପାଇଥିଲେ, ଯେ ଏହି ବିବୃତ୍ତିକୁ ଦେଇ ପାରିଥିଲେ, "ମୁଁ ଆପଣା ପ୍ରାଣକୁ ଦେଇପାରେ, ମୁଁ ଏହାକୁ ପୁନର୍ବାର ଉଠାଇ ନେଇପାରେ । ଏହି ଶରୀରକୁ ଭାଙ୍ଗିଦିଅ, ମୁଁ ଏହାକୁ ତୃତୀୟ ଦିନରେ ଉଠାଇବି ।" ସେଠାରେ ଏପରି କେବେବି କୌଣସି ବ୍ୟକ୍ତି ନ ଥିଲେ ଯିଏକି ତାହା ପରି ଏକ ବିବୃତ୍ତି ଦେଇ ପାରିଥିଲେ । ଏବଂ ଏହା ସେମାନଙ୍କ ହୃଦୟରେ ସନ୍ଦେହ ଉତ୍ପନ୍ନ କରିଥିଲା, ଯେ ଏହା ସତ ହେବ କି ନାହିଁ ।

92 କିନ୍ତୁ ଇଷ୍ଟର ସକାଳେ, ସେମାନଙ୍କର ଏକ ବାର୍ତ୍ତା ଥିଲା, "ତୁମେମାନେ ସମଗ୍ର ଜଗତକୁ ଯାଅ, ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର । ମୁଁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛି । ଦେଖ, ମୁଁ ତୁମ ସହିତ ସର୍ବଦା ଅଛି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ତୁମ ସଙ୍ଗରେ ଅଛି । ଯେଉଁ ଲୋକ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ସେ ଉଦ୍ଧାର ପାଇବ, ଯେଉଁ ଲୋକ ବିଶ୍ୱାସ କରେ ନାହିଁ, ସେ ଦୋଷୀ ହେବ । ଏବଂ ଏହି ଚିହ୍ନସବୁ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ: ମୋ ନାମରେ ସେମାନେ ଭୂତମାନଙ୍କୁ ଛଡାଇବେ; ସେମାନେ ନୂତନ ଭାଷାରେ କଥା କହିବେ; ଯଦି ସେମାନେ ବିଷଧର ସର୍ପ ଧରନ୍ତି କିମ୍ବା ପ୍ରାଣନାଶକ ପଦାର୍ଥ ପାନ କରନ୍ତି, ଏହା ସେମାନଙ୍କର କୌଣସି କ୍ଷତି କରିବ ନାହିଁ; ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖନ୍ତି, ସେମାନେ ସୁସ୍ଥ ହେବେ ।" *ସେହି ଇଷ୍ଟର ବାର୍ତ୍ତା*, ଏହା ସେଠାରେ ଥିବା ଉଲ୍ଲେଖନୀୟ ବାର୍ତ୍ତାଗୁଡ଼ିକ ମଧ୍ୟରୁ ଅନ୍ୟତମ ଅଟେ । ମୃତ୍ୟୁ ପରାଜିତ କରାଯାଇଅଛି!

93 ଆମେ ଜଣେ ବିଜେତା ବିଷୟରେ ଭାବୁ । ନେପୋଲିଅନ୍, ଟେ-ତିରିଶ ବର୍ଷ ବୟସରେ, ଜଗତକୁ ଜୟ କରିଥିଲେ । ସେ ଜଗତକୁ ଜୟ କଲେ, ସେ ପ୍ରତ୍ୟେକ ଦେଶକୁ ଉଜାଡି ପକାଇଲେ ଯେଉଁମାନଙ୍କୁ ଉଜାଡ କରିବାକୁ ଥିଲା । ଏବଂ ଯୁଦ୍ଧ କରିବା ନିମନ୍ତେ ଆଉ କେହି ନ ଥିବାରୁ ସେ ଏତେ ନିରାଶ ହୋଇ ପଡିଥିଲେ, ଯେ ସେ ବସିପଡିଲେ ଓ କାନ୍ଦିଲେ । ଯୁଦ୍ଧ କରିବାକୁ ଆଉ କେହି ନ ଥିଲେ, ମାତ୍ର ସେ ଖେଳର ନିୟମଗୁଡ଼ିକୁ ଅନ୍ୟାୟ ଭାବରେ କରିଥିଲେ । ହଜାର ହଜାର ବେଶ୍ୟାମାନେ ତାଙ୍କ ସୈନ୍ୟବାହିନୀକୁ ଅନୁସରଣ କରିଥିଲେ, ସେ ଏକ ବନ୍ଧୁକ ଓ ଏକ ଖଣ୍ଡା ଧରି ଗଲେ । ତେ-ତିରିଶ ବର୍ଷ ବୟସରେ, ସେ ଜଗତକୁ ଜୟ କରି ସାରିଥିଲେ । ମାତ୍ର ସେ ଥରେ ଏକ ମଦ୍ୟନିଷେଧାକାରୀ ଥିଲେ, ଏବଂ ଜଣେ ଅତ୍ୟଧିକ ମଦ୍ୟପ ବ୍ୟକ୍ତି ସଦୃଶ ମୃତ୍ୟୁବରଣ କଲେ, କାରଣ ସେ ଖେଳର ନିୟମକୁ ଅନ୍ୟାୟ ଭାବରେ କରିଥିଲେ । ସେ ବାର୍ତ୍ତାଟିକୁ ଭୁଲି ଯାଇଥିଲେ । ସେ ଜୟ କରିଥିଲେ, ମାତ୍ର ସେ ବାର୍ତ୍ତାଟିକୁ ଭୁଲି ଯାଇଥିଲେ । ସେ ଯାଇଥିଲେ, କିନ୍ତୁ ସେ କଅଣ ପାଇଁ ଯାଇଥିଲେ ତାହା ଭୁଲିଗଲେ ।

94 ଯେପରିକି ସେହି ସାନ ପିଲାଟି ଯିଏ ଦୌଡ-ପ୍ରତିଯୋଗିତାରେ ଦୌଡିଥିଲା, ଯେପରିକି ଆଜି ମଣ୍ଡଳୀ ଦୌଡୁଅଛି, ଯେପରିକି ଲୋକମାନେ ଯେଉଁମାନେ ଦୌଡୁଛନ୍ତି, ଯେପରିକି ଦେଶ ଦୌଡୁଅଛି! ଆମର ଆଶ୍ରୟ ପରମାଣୁ ବୋମା ନୁହେଁ, ଆମର ଆଶ୍ରୟ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ ଏବଂ ତାହାଙ୍କ ପୁନରୁତ୍ଥାନ ।

95 ନେପୋଲିଅନ୍ ମୁଖ୍ୟ ବିଷୟକୁ ଭୁଲି ଯାଇଥିଲେ । ତାଙ୍କ ସହିତ କଅଣ ଘଟିଲା? ସେ ସମ୍ପୂର୍ଣ୍ଣରୂପେ ପରାଜିତ ହୋଇ, ଏକ ମଦ୍ୟପ ରୂପେ ମରିଥିଲେ । କାହିଁକି? ସେ ଖେଳକୁ ଠିକ୍ ଭାବରେ ଖେଳି ନ ଥିଲେ, ଯଦିଓ ସେ ଶାରୀରିକ ଭାବରେ, ଜଗତକୁ ଜୟ କରିଥିଲେ । ସେ ଏକ ସୈନ୍ୟବାହିନୀ ପ୍ରସ୍ତୁତ କରିଥିଲେ । ସେ ଜଣେ ସାମରିକ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ, ସେ ପ୍ରତ୍ୟେକ ରାଷ୍ଟ୍ରକୁ ଅଧିକାର କରିଥିଲେ ଓ ସେହି ବିଷୟଗୁଡିକୁ କରିଥିଲେ (ଯାହାକି ସେ) ଯାହାକି ଅନ୍ୟ କୌଣସି ବ୍ୟକ୍ତି ତାଙ୍କ ପରି, କେବେବି କରି ପାରିବେ ନାହିଁ କିମ୍ବା କରିପାରି ନ ଥିଲେ, କିନ୍ତୁ ପ୍ରକୃତ ବାର୍ତ୍ତା କଅଣ ଥିଲା ତାହା ସେ ଭୁଲି ଯାଇଥିଲେ । ସେ ଏହାକୁ ନେଇଥିଲେ, ଏବଂ ତାଙ୍କ ପାଖରେ ସାମରିକ ଶକ୍ତି ରହିଥିଲା, କିନ୍ତୁ ସେ ପ୍ରଭୁଙ୍କର ଶକ୍ତିକୁ ଭୁଲିଗଲେ ।

96 ପ୍ରଭୁଙ୍କର ଶକ୍ତି ଆମର ସାନ୍ତ୍ୱନା ଅଟେ । ଆମର ପାଖରେ ଅନ୍ୟ କୌଣସି ଶକ୍ତି ନାହିଁ । ମୋର ଅନ୍ୟ କୌଣସି ଆଶ୍ରୟ ନାହିଁ, କିଛି ନାହିଁ! ପରମେଶ୍ୱର ଦୟା କରନ୍ତୁ! ମୋ ଜୀବନକୁ ନେଇ ନିଅନ୍ତୁ, କିନ୍ତୁ ମୋତେ କଦାପି ଏହା ଭୁଲିବାକୁ ନ ଦିଅନ୍ତୁ ଯେ ମୋର ଶକ୍ତି କେଉଁଠାରୁ ଆସେ । ଏହା ତ ପ୍ରଭୁଙ୍କ ଠାରୁ ଆସିଥାଏ! ମୁଁ ଜଗତର ଉତ୍ତମ ଜିନିଷ ଚାହେଁ ନାହିଁ । ମୁଁ ଯୀଶୁଙ୍କୁ ଚାହେଁ, ମୁଁ ମୋର ଜୀବନରେ ତାହାଙ୍କର ପୁନରୁତ୍ଥାନ ଜଳୁଥିବାର ଚାହେଁ ।

97 ତାହା ତେ-ତିରିଶ ବର୍ଷ ବୟସର ଥିବା ଯୀଶୁ ଖ୍ରୀଷ୍ଟଙ୍କଠାରୁ କେତେ ଭିନ୍ନ ଥିଲା! ତେ-ତିରିଶ ବର୍ଷ ବୟସରେ, ଯୀଶୁ ସମସ୍ତ ବିଷୟର ଅଧିକାରୀ ଥିଲେ; ସେ ଜଗତକୁ ସୃଷ୍ଟି କରିଥିଲେ । ଏବଂ ସେ ଜଗତରେ ଥିଲେ, ଏବଂ ଜଗତ ତାହାଙ୍କୁ ଜାଣିଲା ନାହିଁ । ସେ କେବେ ବି ନିଜର ସୁନାମ ଅର୍ଜନ କରି ନ ଥିଲେ । ସେ କଦାପି କୌଣସି ସୈନିକଙ୍କୁ ଏକାଠି କରି ନ ଥିଲେ । ସେ କୌଣସି ମଣ୍ଡଳୀଗୁଡିକୁ ସଂଗଠିତ କରି ନ ଥିଲେ । ସେ କେବେବି ନିଜ ପାଇଁ କୌଣସି ମହାନ ନାମକୁ ତାହା କରି ନ ଥିଲେ । ସେ କଦାପି କୌଣସି ସିଦ୍ଧାନ୍ତିକ ଗର୍ବମୟ ଉପାଧିଗୁଡିକ ସହିତ, ଧର୍ମଶାସ୍ତ୍ରୀୟ ବିଦ୍ୟା ସହିତ, ଏବଂ ପ୍ରଭୃତି ବିଷୟ ସହିତ ଆସି ନ ଥିଲେ, ତାହାଙ୍କ ସମ୍ବନ୍ଧରେ କେବେ କୌଣସି ଧର୍ମଶାସ୍ତ୍ର ବିଦ୍ୟାଳୟକୁ ଯିବା ବିଷୟରେ କୌଣସି ରେକର୍ଡ ନାହିଁ । ମାତ୍ର ତାହାଙ୍କଠାରେ ପରମେଶ୍ୱର ଥିଲେ । ତାହାଙ୍କର ଠାରେ ପରମେଶ୍ୱର ଥିଲେ । ଏବଂ ତେ-ତିରିଶ ବର୍ଷ ବୟସରେ, ସେ ପ୍ରତ୍ୟେକ ସେହି ଶୟତାନକୁ ପରାସ୍ତ କରିଥିଲେ ଯାହାକି କେବେ ନରକରୁ ନିଜର ମୁଣ୍ଡକୁ ବାହାର କରିଥିଲା । ସେ ରୋଗକୁ ଜୟ କରିଥିଲେ । ସେ ଅନ୍ଧବିଶ୍ୱାସକୁ ଜୟ କରିଥିଲେ । ସେ ଭୂତମାନଙ୍କୁ ଜୟ କରିଥିଲେ । ସେ ମୃତ୍ୟୁକୁ ଜୟ କରିଥିଲେ । ଏବଂ ଯେତେବେଳେ ସେ କ୍ରୁଶରେ ମୃତ୍ୟୁବରଣ କଲେ, ସେ ନରକର ଅତଳସ୍ପର୍ଶୀ ଗର୍ତ୍ତକୁ ଓହ୍ଲାଇ ଯାଇ, ନରକକୁ ଜୟଯୁକ୍ତ କଲେ ।

98 ଏବଂ ଇଷ୍ଟର ସକାଳେ ସେ କବରକୁ ଜୟ କଲେ । କାହିଁକି? ସେ ବାର୍ତ୍ତା ସହିତ ଚାଲୁଥାଇ, ଖେଳର ନିୟମକୁ ସଠିକ୍ ଭାବରେ ଖେଳିଥିଲେ । ସେ ଥିଲେ, ସେ ଚାଲିଗଲେ! "ଯାଅ ।" ପରମେଶ୍ୱର ତାହାଙ୍କୁ ପଠାଇଥିଲେ, ଏବଂ ତାହାଙ୍କ ପାଖରେ ସେମାନଙ୍କୁ ଜଣାଇବା ପାଇଁ ଏକ ବାର୍ତ୍ତା ଥିଲା । ଏବଂ ପରମେଶ୍ୱର ତାହାଙ୍କୁ ପ୍ରଦାନ କରିଥିବା ସେହି ବାର୍ତ୍ତା ସହିତ, ସେ ଶୟତାନର ଶକ୍ତିକୁ ପରାସ୍ତ କରିଥିଲେ । ସେ ରୋଗକୁ ପରାସ୍ତ କରିଥିଲେ । ସେ ମୃତ୍ୟୁକୁ ଜୟଯୁକ୍ତ କରିଥିଲେ । ସେ ନରକକୁ ଜୟଯୁକ୍ତା କରିଥିଲେ । ସେ କବରକୁ ଜୟଯୁକ୍ତା କରିଥିଲେ । କାହିଁକି? ସେ ଗଲେ! "ଯାଅ, କୁହ!" "ମୋହର ପିତା ମୋତେ ଯାହା କରିବାକୁ ଦେଖାନ୍ତି ମୁଁ ସର୍ବଦା ତାହାହିଁ କରେ । ସେ ମୋତେ ଯାହା କରିବାକୁ କୁହନ୍ତି ତାହା ବ୍ୟତୀତ ମୁଁ ଆଉ କିଛି କରେ ନାହିଁ ।"

99 ତାହାପରେ ସେ ମରିବା ପୂର୍ବରୁ, ସେ ଏହା କହିଲେ, "ପରମପିତା ମୋତେ ଯେପରି ପଠାଇଅଛନ୍ତି, ସେହିପରି ମୁଁ ମଧ୍ୟ ତୁମକୁ ପଠାଉଅଛି ।" ସାମରିକ ଶକ୍ତି ଦ୍ୱାରା ମନୁଷ୍ୟମାନଙ୍କୁ ଗଠନ କରିବା ନୁହେଁ; କିଏ ରାଷ୍ଟ୍ରପତି ହେବ ସେଥିରେ ତୁମର ସମସ୍ତ ଅତିବାହିତ କରିବା ପାଇଁ ନୁହେଁ । ତାହା ଜରୁରୀ ହୋଇପାରେ, ମାତ୍ର *ଏଥିରେ* ଏହା ଜରୁରୀ ନୁହେଁ । ସଂସାର ତ ଚାଲିଯାଇଛି । ଆମ ପାଖରେ ଗୋଟିଏ ବାର୍ତ୍ତା ଅଛି, ଯାହାକି ହେଉଛି, ଯୀଶୁ ଖ୍ରୀଷ୍ଟ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛନ୍ତି, ଏବଂ ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି ।

100 ଗତକାଲି, ଏକ ଛୋଟ ନ୍ୟାୟାଳୟ କୋଠରୀରେ, ସେମାନେ ମୋତେ ଏପରି କିଛି କହିବା ନିମନ୍ତେ ବାଧ୍ୟ କରିବାକୁ ଚେଷ୍ଟା କରୁଥିଲେ ଯାହା ଠିକ୍ ନ ଥିଲା । ମୁଁ କହିଲି, "ମୁଁ ଜଣେ କୁଟୀଳ ଲୋକ ନୁହେଁ ।" ମୁଁ କହିଲି, "ମୁଁ—ମୁଁ—ମୁଁ ସଚ୍ଚୋଟ ଅଟେ । ଏବଂ ଆପଣ ତାହାଠୁ ଅଧିକ କିଛି କହିପାରନ୍ତି ନାହିଁ ମାତ୍ର ଯାହା ସତ୍ୟ ଅଟେ ।"

101 ଆଉ ଜଣେ ନିର୍ଦ୍ଦିଷ୍ଟ ଲୋକ ମୋ ସହିତ ଥିଲେ, କହିଲେ, "ଯଦି ଜଣେ ବ୍ୟକ୍ତି ମୋ ସହିତ ସେହିପରି କଥା ହୁଅନ୍ତି, ତାହାହେଲେ ମୁଁ ତାଙ୍କ ଉପରେ ଏକ ପୁସ୍ତକ ଫୋପାଡିବା ପରି ଅନୁଭବ କରିବି ।"

102 ମୁଁ କହିଲି, "ନା, ମହାଶୟ । ନା, ତାହା ଠିକ୍ ନୁହେଁ । ତାହା ନିକଟକୁ ପହଞ୍ଚିବାର ଏହା ସେହି ଉପାୟ ନୁହେଁ । ତାହା ଠିକ୍ ନୁହେଁ ।"

103 ସେ କହିଲେ, "ତେବେ, ଏହି ବିଷୟଗୁଡିକ ହେଉଥିବା ଆପଣ କାହିଁକି ଜାଣି ନାହାଁନ୍ତି? ଆପଣ କାହିଁକି ସେଠାରେ ବାହାରେ ରହି ଏହାକୁ କରୁନାହାଁନ୍ତି?"

ମୁଁ କହିଲି, "ମୁଁ ଯୀଶୁ ଖ୍ରୀଷ୍ଟଙ୍କ ସେବା କରିବାରେ ମୋର ସମୟକୁ ଅତିବାହିତ କରେ ।"

104 ହେ ପରମେଶ୍ୱର, ଓଃ, ଲୋକମାନେ ଅନ୍ଧ ହୋଇଯାଇଛନ୍ତି ଏବଂ ଏହାକୁ ଦେଖି ପାରନ୍ତି ନାହିଁ! "ପିତା ମୋତେ ଯେପରି ପ୍ରେରଣ କରିଅଛନ୍ତି," ପିତା ତାହାଙ୍କୁ ପଠାଇଲେ, ସେ ଗଲେ । ଲୋକମାନଙ୍କୁ କହିବା ପାଇଁ ତାହାଙ୍କ ପାଖରେ ଏକ ବାର୍ତ୍ତା ଥିଲା । ଏବଂ ମୃତ୍ୟୁର

ଘଟିକାରେ, ସେ ମୃତ୍ୟୁକୁ ଜୟ କଲେ ଏବଂ ସେ ନରକକୁ ଜୟ କଲେ, ଏବଂ ସେ କବରକୁ ଜୟ କଲେ । "ଯେପରି ପିତା ମୋତେ ବାର୍ତ୍ତା ସହିତ ପଠାଇଲେ, ସେହିପରି ମୁଁ ତୁମମାନଙ୍କୁ ସେହି ବାର୍ତ୍ତା ସହିତ ପଠାଉଅଛି; ଗୀର୍ଜାଘର ପ୍ରଭୃତି, ସଂଗଠନମାନ ଗଢ଼ିବା ପାଇଁ ନୁହେଁ, ମାତ୍ର ତୁମେମାନେ ସମଗ୍ର ଜଗତକୁ ଯାଅ ଏବଂ ପବିତ୍ରଆତ୍ମାଙ୍କର ଶକ୍ତି ପ୍ରଦର୍ଶନ କର । ଏହି ଚିହ୍ନଗୁଡ଼ିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁବର୍ତ୍ତୀ ହେବ; ମୋ ନାମରେ ସେମାନେ ଭୂତମାନଙ୍କୁ ଛଡାଇବେ, ନୂତନ ନୂତନ ଭାଷାରେ କଥା କହିବେ, ସର୍ପକୁ ହାତରେ ଧରିବେ ।" ଏବଂ ଯେପରି ଆମ ଶରୀରଗୁଡ଼ିକ କବରକୁ ଯାଏ, ଯେପରିକି ତାଙ୍କର ମଧ୍ୟ ଯାଇଥିଲା, ସେ ଉଭୟ ମୃତ୍ୟୁ, ନରକ ଏବଂ କବରକୁ ଜୟ କରିଅଛନ୍ତି । ସେ ସେହି ଶକ୍ତିଶାଳୀ ବିଜେତା ଅଟନ୍ତି ।

105 ସେ ଆମକୁ ତାହାଙ୍କର ବାର୍ତ୍ତା ସହିତ ପଠାନ୍ତି । ଆସନ୍ତୁ ଆମେମାନେ ସେହି ବାର୍ତ୍ତା ସହିତ ଯିବା, କହିବା ପାଇଁ କିଛି ବିଷୟ ସହିତ ଯିବା । "ଯାଅ, କୁହ!" ଦୌଡ଼ି ଯାଇ ତାହାପରେ କହିବାକୁ ସମର୍ଥ ନୋହିବା ଏପରି ହୁଅନ୍ତୁ ନାହିଁ, ଆସନ୍ତୁ ଆମେମାନେ ପ୍ରଥମେ ଏହାକୁ ନିଜ ହୃଦୟରେ ଧାରଣ କରୁ ।

106 ଆଜି ସକାଳେ, ଯେତେବେଳେ ଆପଣମାନେ ପ୍ରାର୍ଥନା କରାଇବା ହେତୁ ଆସିବେ, ଇତସ୍ତତଃ ଭାବରେ ଆସନ୍ତୁ ନାହିଁ । ନିଜ ହୃଦୟରେ ଏହି ବାର୍ତ୍ତା ସହିତ ଆସନ୍ତୁ, "ମୁଁ ସେହି ଯିଏକି ମୃତ ଥିଲି, ଆଉ ପୁନର୍ବାର ଜୀବିତ ହୋଇଅଛି । ମୁଁ ହିଁ ସେହି ଯିଏକି ବାର୍ତ୍ତା ଦେଉଅଛି, 'ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡ଼ିକ ସେମାନଙ୍କର ଅନୁବର୍ତ୍ତୀ ହେବ ।'" ଯଦି ସର୍ବଶକ୍ତିମାନ ପରମେଶ୍ୱର ଜଣେ—ଜଣେ ଟିକିଏ ତେରଛା-ଆଖି ଥିବା ଗୋଟିଏ ଶିଶୁକୁ ନେଇପାରନ୍ତି ଏବଂ ତାର ଦୃଷ୍ଟିକୁ ସ୍ୱାଭାବିକ କରି ପାରନ୍ତି; ପରମେଶ୍ୱର ଏକ ଶିଶୁକୁ ନେଇପାରନ୍ତି, ଜନ୍ମ ହୋଇଥିବା ଏକ ଶିଶୁପୁତ୍ରକୁ, ତାର ଜୀବନରେ କେବେବି ଦେଖି ନ ଥିଲା, ଏବଂ ଷୋହଳ ବର୍ଷ ବୟସରେ, ତାର ଦୃଷ୍ଟି ଶକ୍ତିକୁ ପୁନର୍ବାର ଫେରାଇ ଦେଇପାରନ୍ତି; ପରମେଶ୍ୱର ଏକ କର୍କଟ-ରୋଗରେ-ଆକ୍ରାନ୍ତ ଜଣେ ଦୁଃଖି ବ୍ୟକ୍ତିଙ୍କୁ ନେଇପାରନ୍ତି...

107 ଏବଂ ଯେହେତୁ ସେହି ବାର୍ତ୍ତାଟି ସଠିକ୍ ଅଟେ, ଯେହେତୁ ପରମେଶ୍ୱର ସେହି ବାର୍ତ୍ତାକୁ ପଠାଇଅଛନ୍ତି, ଯେହେତୁ ପରମେଶ୍ୱର ସେହି ବାର୍ତ୍ତାବହଙ୍କୁ ପଠାଇଅଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ନରକର ପ୍ରତ୍ୟେକ ବନ୍ଧୁକ ତାଙ୍କ ଉପରକୁ ଗୁଳି ଚଲାଇବ । ତାହା ଠିକ୍, ସେ ଝୁଣ୍ଟି ଯିବେ ଓ ପଡିଯିବେ, ଏବଂ ପୁନର୍ବାର ଉଠି ନିଜର ମୁଣ୍ଡକୁ ହଲାଇ, ଆଗକୁ ବଢ଼ି ଯିବେ । ଆମେମାନେ ଏକ ବାର୍ତ୍ତା ପାଇଅଛୁ, କୌଣସି ବି ବିଷୟ ଏହାକୁ ଅଟକାଇବାକୁ ଯାଉ ନାହିଁ! ହାଲ୍ଲେଲୁୟା! "ଏହି ଶୈଳ ଉପରେ ମୁଁ ମୋର ମଣ୍ଡଳୀ ନିର୍ମାଣ କରିବି, ଏବଂ ନରକର ବଳ ଏହା ବିରୁଦ୍ଧରେ କଦାପି ପ୍ରବଳ ହେବ ନାହିଁ ।" ସେମାନେ ଯାହା ଚାହାଁନ୍ତି ତାହା କହିପାରନ୍ତି, ଯାହା ଚାହାଁନ୍ତି ତାହା କରିପାରନ୍ତି, ଶୟତାନ କ୍ରୋଧିତ ହୋଇ ଚିତ୍କାର କରିପାରେ । ମାତ୍ର ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହେଲେ, ସେ ଆଜି ଆମ ଭିତରେ ବାସ କରନ୍ତି!

108 କିଛି ଦିନ ପୂର୍ବରୁ, ମହାନ ଡାକ୍ତର ଲାମ୍‌ସାଙ୍କ ସହ କଥା ହେଉଥିଲି, ଯିଏକି ବାଇବଲକୁ ଅରାମିୟ ଭାଷାରୁ ଇଂରାଜୀକୁ ଅନୁବାଦ କରିଥିଲେ । ଏବଂ ମୁଁ ସେହି ଛୋଟ ଚିହ୍ନଟିକୁ ଦେଖିଲି, ସେଠାରେ ଥିବା ପରମେଶ୍ୱରଙ୍କ ଚିହ୍ନକୁ, ଏଥିରେ ତିନୋଟି ଛୋଟ ବିନ୍ଦୁ ଥିଲା । ମୁଁ କହିଲି, "ଡାକ୍ତର ଲାମ୍‌ସା, ତାହା କଅଣ ଅଟେ?"

ସେ କହିଲେ, "ଏହା ତିନୋଟି ଗୁଣସକଳ ସହିତ, ପରମେଶ୍ୱର ଅଟନ୍ତି ।"

109 ଏବଂ ମୁଁ କହିଲି, "କଅଣ ଆପଣଙ୍କର ଅଭିପ୍ରାୟ, ଯେ ପରମେଶ୍ୱର ତିନୋଟି କାର୍ଯ୍ୟାଳୟରେ ବାସ କରନ୍ତି, ଯଥା, ପିତା, ପୁତ୍ର, ଏବଂ ପବିତ୍ରଆତ୍ମା?"

110 ସେ ଉଠି ପଡିଲେ ଓ ମୋତେ ଚାହିଁଲେ, ସେହି ଯିହୁଦୀଙ୍କ ଆଖିରେ ଲୁହ ଆସିଗଲା, ସେ କହିଲେ, "ଭାଇ ବ୍ରାନହାମ୍, କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?"

ମୁଁ କହିଲି, "ମୋ ହୃଦୟରେ ଥିବା ସମସ୍ତ କିଛି ବିଷୟ ସହିତ ।"

111 ସେ ତାଙ୍କ ବାହୁଦ୍ୱୟକୁ ମୋର ଚାରିପାଖରେ କରିଦେଇ, କହିଲେ, "ମୁଁ ଚକିତ ହୋଇଥିଲି ଯେତେବେଳେ ମୁଁ ଦେଖିଲି ଯେ ବହୁତ ବଡ଼ ବଡ଼ କାର୍ଯ୍ୟମାନ ହେଉଅଛି, ଏବଂ ସେହି ଚିହ୍ନଗୁଡିକ ଯାହା ଆପଣ କରୁଥିଲେ ।" ଆଉ କହିଲେ, "ସେମାନେ ମୋତେ କହିଲେ ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି । ମୁଁ ଏପର୍ଯ୍ୟନ୍ତ ବର୍ତ୍ତମାନ ସୁଦ୍ଧା, ତାହା ବିଶ୍ୱାସ କରି ନ ଥିଲି । ବର୍ତ୍ତମାନ ମୁଁ ଜାନେ ଯେ ଆପଣ ଭବିଷ୍ୟଦ୍‌ବକ୍ତା ଅଟନ୍ତି ।" ସେ କହିଲେ, "ଏହା ତାହାହିଁ ଅଟେ! ତାହାହିଁ ହେଉଛି ସେହି ବାର୍ତ୍ତା । ତାହାହିଁ ସେହି ବିଷୟ ଅଟେ ଯାହାକି ପରମେଶ୍ୱରଙ୍କ ରାଜ୍ୟକୁ ଦୋହଲାଇ ଦେବ ।" ହଁ । ସେ କହିଲେ, "ବାଳକ, କୌଣସି ଏକ ଦିନ ଆପଣ ଏହା ପାଇଁ ମରିବେ ।" କହିଲେ, "ଆପଣ ନିଜର ସାକ୍ଷ୍ୟକୁ ସେହି ସମାନ ବିଷୟ ସହିତ ମୁଦ୍ରାଙ୍କିତ କରିବ ।"

112 ଆମ ପାଖରେ ରହିଥିବା ସର୍ବଶ୍ରେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ, ଯେତେବେଳେକି ଆଇଜେନହାୱର୍ ଏବଂ ଜଗତର ମହାନ ବ୍ୟକ୍ତିମାନେ, ହଲିଉଡ୍, ସମସ୍ତ ପ୍ରକାର ଚଳଚ୍ଚିତ୍ର ତାରକାମାନେ ଏବଂ ସମସ୍ତେ ତାଙ୍କୁ ଡାକୁଥିଲେ, ମାତ୍ର ସେ ତ ସେଠାରେ ସଭାରେ ଅଟକି ରହିଥିଲେ । ସେ କହିଲେ, "ଏହି ଅନୁବାଦଟିକୁ କରିବା ପାଇଁ, ପ୍ରାୟଃ ତିରିଶ ବର୍ଷ ସମୟ ବ୍ୟତିତ କରିଅଛି, ଭାଟିକାନ୍ ଗ୍ରୀକ୍ ଠାରୁ ନୁହେଁ, ମାତ୍ର ଅରାମୀୟ ଭାଷାରୁ; ତାହାକୁ ଠିକ ସିଧା, ଅରାମୀୟ ଭାଷାରୁ, ଇଂରାଜୀକୁ ଅନୁବାଦ କରିଛି ।" ଏବଂ ସେ କହିଲେ, "ମୁଁ ସେହି ସମସ୍ତ ସମୟ ଅତିବାହିତ କରିଛି," ସେ କହିଲେ, "ମୁଁ ବର୍ତ୍ତମାନ ସେହି ସ୍ଥାନକୁ ଆସିଯାଇଛି ଯେଉଁଠାରେ ମୁଁ ବାଇବଲର ପରମେଶ୍ୱରଙ୍କୁ, ଚଲାବୁଲା କରୁଥିବା ଦେଖିଥାଏ ।" ସେ କହିଲେ, "ଆପଣ ଜାଣନ୍ତି, ଭାଇ ବ୍ରାନହାମ୍, ଆମେ ଚିହ୍ନମାନ ଏବଂ ଆଶ୍ଚର୍ଯ୍ୟକର୍ମମାନ ଦେଖିପାରୁ, ମାତ୍ର ଆମେ ତାହା ପ୍ରତି ଧ୍ୟାନ ଦେଇଥାଉ ଯାହା ଚିହ୍ନ ସେହି ରବ ବା ସ୍ୱର ସହିତରେ ଅଛି । ଆମେ ଯିହୁଦୀମାନେ, ଆମେ ଏକ ଚିହ୍ନ ଖୋଜିଥାଉ, କିନ୍ତୁ ଆମେ ଚିହ୍ନର ସହିତ ଥିବା ସେହି ରବକୁ ଧ୍ୟାନ ଦେଇଥାଉ ।"

113 ଓଃ, ହାଲ୍ଲେଲୁୟା! ଚିହ୍ନର ସହିତରେ ଥିବା ସ୍ୱର! ପରମେଶ୍ୱର ମୋଶାଙ୍କୁ କହିଲେ, "ଯଦି ସେମାନେ ସେହି ସ୍ୱରକୁ ଶୁଣିବେ ନାହିଁ, ପ୍ରଥମ ଚିହ୍ନର ସହିତରେ ଥିବା ସ୍ୱରକୁ, ତାହହେଲେ ସେମାନେ ଦ୍ୱିତୀୟ ଚିହ୍ନର ସ୍ୱରକୁ ଶୁଣିବେ।" ସେତେ ଅଧିକ ଚିହ୍ନ ଉପରେ ନୁହେଁ, ମାତ୍ର ଏହାର ସଙ୍ଗେ ସଙ୍ଗେ ଯାଇଥିବା ସେହି ସ୍ୱର।

114 ଦେଖନ୍ତୁ, ସେହି ଯିହୁଦୀଜଣକ, ସେ ଜାଣିଥିଲେ ଯେ ସେ କେଉଁ ବିଷୟରେ କହୁଅଛନ୍ତି। ସେ କହିଲେ, "ମୁଁ ହୃଦୟର ଗୁପ୍ତ ବିଚାରଗୁଡିକ ପ୍ରକଟ ହେବାର ଦେଖିଛି, ମୁଁ ଚିହ୍ନ, ଚମତ୍କାର ପ୍ରଭୃତି, ଅନ୍ଧମାନଙ୍କୁ ସୁସ୍ଥ ହେବାର ଦେଖିଛି, ଏବଂ ସମସ୍ତ ପ୍ରକାରର ଚିହ୍ନ ଦେଖିଛି, କିନ୍ତୁ ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଲି, ମାତ୍ର ବର୍ତ୍ତମାନ ମୁଁ ଏହା ପଛରେ ରହିଥିବା ସେହି ସ୍ୱରକୁ ଦେଖୁଛି ଯାହାକି ପରମେଶ୍ୱରଙ୍କୁ ତିନି ଭାଗରେ ବିଭକ୍ତ କରିବ ନାହିଁ, ଏବଂ ଏହା କହିବ ନାହିଁ, 'ସେ ଏକ ପରମେଶ୍ୱର, ସେହି ପିତା, ଏବଂ ପରବର୍ତ୍ତୀ ସେହି ପୁତ୍ର,…' ସେ କହିଲେ, 'ପରମେଶ୍ୱର ତ ପରମେଶ୍ୱର ଅଟନ୍ତି: ପରମେଶ୍ୱରଙ୍କର ତିନୋଟି ଗୁଣଚରିତ୍ର ଅଛି; ପରମେଶ୍ୱରଙ୍କ ତିନୋଟି କାର୍ଯ୍ୟସ୍ଥିତି ଅଛି।'" ଆହୁରି କହିଲେ, "ତାହା ହିଁ ଏହାକୁ ପୁଷ୍ଟି ବା ନିଶ୍ଚିତ କରେ।"

115 ହେ ଭାଇ, ଆମେମାନେ ଏକ ବାର୍ତ୍ତା ପାଇଛୁ! "ଯାଅ, ମୋର ଶିଷ୍ୟମାନଙ୍କୁ କୁହ! ମୁଁ ସେହି *ଜଣକ* ନ ଥିଲି ଯିଏକି ମରି ଥିଲି, ଆଉ *ଅନ୍ୟ*ଜଣକ ସୁଦ୍ଧା ନୁହେଁ ଯିଏକି ପ୍ରାୟଃ ମୃତ୍ୟୁର ଅତି ନିକଟବର୍ତ୍ତୀ ଅଟେ, ଏବଂ ଆଉ *ଅନ୍ୟ*ଜଣକ ସୁଦ୍ଧା ନୁହେଁ ଯିଏକି ଜୀବିତ ଅଟନ୍ତି। ଆମ୍ଭେ ତ ସେହି, ଯିଏକି ଥିଲୁ, ଯିଏକି ଅଛୁ, ଏବଂ ଯିଏ ଆସିବ; ଦାଉଦଙ୍କ ସେହି ମୂଳ ଏବଂ ବଂଶ; ସେହି ଉଜ୍ଜ୍ୱଳ ଏବଂ ପ୍ରଭାତୀ ତାରା।" ହଁ!

116 ଏହା ଯିବାରେ, ଯିବାରେ କଅଣ ଲାଭ ହୁଏ, ଯଦି ଆପଣଙ୍କ ପାଖରେ କିଛି କହିବାକୁ ନାହିଁ? କିଛି କହିବାକୁ ଅଛି, ତାହା ଠିକ୍: "ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟ, ଆପଣ ସମସ୍ତଙ୍କୁ ପ୍ରେମ କରନ୍ତି। ସେ ଆପଣ ସମସ୍ତଙ୍କ ପାଇଁ ମଲେ। ପରମେଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରେମ କର।"

117 କେତେଜଣ କେବେ ବି ସଭାଗୁଡ଼ିକରେ ରହିଛନ୍ତି, ଏବଂ ତାହାଙ୍କ—ତାହାଙ୍କର ଆଗମନର ମହାନ ଚିହ୍ନମାନ ଏବଂ ଚମତ୍କାର ସବୁ ଦେଖିଛନ୍ତି, ଯେ ସେ କିପରି ମନର କଥାସବୁ ଜାଣି ଯାଆନ୍ତି ଓ ଦେଖାନ୍ତି, ଏବଂ ବିଷୟସବୁ? ସେ ହେଉଛନ୍ତି ସ୍ୱର୍ଗର ସେହି ପରମେଶ୍ୱର, ଯିଏକି ମୃତ୍ୟୁରୁ ପୁନରୁତ୍ଥିତ ହୋଇଅଛନ୍ତି।

118 ଆପଣଙ୍କୁ ଏହାର ଏବ୍ରୀ ଚିହ୍ନର ପ୍ରତୀକକୁ ଦେଖିବା ଉଚିତ୍। ଏହା ଏକ ଆଲୋକ ଅଟେ, ଏକ ଅଗ୍ନିସ୍ତମ୍ଭ ପରି, ଏବଂ ସେଠାରେ ତିନୋଟି ଛୋଟ ଛୋଟ ଦାଗ ଅଛି, ପିତା, ପୁତ୍ର, ଏବଂ ପବିତ୍ରଆତ୍ମା, ଯାହାକି ତିନି ଜଣ ବ୍ୟକ୍ତି ନ ଥିଲେ। ଏହା ତ ତିନୋଟି କାର୍ଯ୍ୟସ୍ଥିତିରେ ରହୁଥିବା ଜଣେ ପରମେଶ୍ୱର ଥିଲେ। ସେହି ସମାନ ପରମେଶ୍ୱର! ହାଲ୍ଲେଲୁୟା! ପରମେଶ୍ୱର ଆପଣଙ୍କ ଉପରେ, ପରମେଶ୍ୱର ଆପଣଙ୍କ ସହିତରେ, ପରମେଶ୍ୱର ଆପଣଙ୍କ ଭିତରେ। ସେହି ସମାନ ପରମେଶ୍ୱର ନିଜକୁ ସଙ୍କୁଚିତ କରୁଅଛନ୍ତି, ଆପଣା ମଣ୍ଡଳୀକୁ ପରିଷ୍କାର

କରୁଅଛନ୍ତି, ଯେପରିକି ସେ ରହିପାରିବେ। ଯେତେବେଳେ ଆପଣ ତାହାଙ୍କୁ ଖଣ୍ଡ ଖଣ୍ଡ କରି କାଟିପକାନ୍ତି, ଏବଂ ଗୋଟିଏକୁ *ଏଠାରେ*, ଏବଂ ଗୋଟିକକୁ ଉପରେ *ଏଠାରେ*, ଗୋଟିକକୁ *ସେଠାରେ* ରଖନ୍ତି, ଏହା ତ ସେତିକି ମୂର୍ତ୍ତିପୂଜା ପରି ଅଟେ ଯେତିକି ତାହା ହୋଇପାରେ।

119 ମୁଁ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ, ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିବା ବିଷୟକୁ ବିଶ୍ୱାସ କରେ। ଏବଂ ସେ ହିଁ ଏକମାତ୍ର ମନୁଷ୍ୟ ଯିଏକି କହିପାରିଥିଲେ, "ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୋତେ ପ୍ରଦତ୍ତ ହୋଇଅଛି। ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୋର ହସ୍ତଗତ କରାଯାଇଛି। ତୁମେମାନେ ସମସ୍ତ ଜଗତକୁ ଯାଅ ଏବଂ ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର।" ସୁସମାଚାର କେବଳ ଶବ୍ଦରେ ନୁହେଁ, ବରଂ ପବିତ୍ରଆତ୍ମାଙ୍କ ଶକ୍ତି ଏବଂ ପ୍ରଦର୍ଶନ ଦ୍ୱାରା ଆସିଥିଲା। ପରମେଶ୍ୱର ଆପଣଙ୍କୁ ତାହା ବିଶ୍ୱାସ କରିବାରେ ସାହାଯ୍ୟ କରନ୍ତୁ, ପରମେଶ୍ୱର ମୋତେ ତାହା ବିଶ୍ୱାସ କରିବାରେ ସାହାଯ୍ୟ କରନ୍ତୁ, ଏବଂ ଆମେ ଦିନେ ଯୀଶୁଙ୍କୁ ଦେଖିବା।

> ଯେତେବେଳେ ଜୀବନର ପରିଶ୍ରମ ସମାପ୍ତ ହୁଏ, ଆମେ ଶେଷରେ
> ଯୀଶୁଙ୍କୁ ଦେଖିବା;
> ତାହାଙ୍କର ସୁନ୍ଦର ସିଂହାସନ ଉପରେ ସେ ମୋତେ ଗୃହକୁ ସ୍ୱାଗତ
> କରିବେ,
> ଦିନ ସରିଯିବା ପରେ। (ତାହା ଠିକ୍।)
>
> ପାଦଚିହ୍ନରେ ବାଲି ଧୋଇ ହୋଇଯାଇଛି
> ଗାଲିଲୀ କୂଳରୁ ସେହି ଅପରିଚିତ ବ୍ୟକ୍ତିଙ୍କ ମଧ୍ୟରୁ।

120 ସେମାନେ ତାହାଙ୍କୁ ହତ୍ୟା କରିଥିଲେ କାରଣ ସେ ନିଜକୁ ପରମେଶ୍ୱର କରିଥିଲେ, ଏବଂ ସେ ପରମେଶ୍ୱର ଥିଲେ। ସେମାନେ ତାହାଙ୍କୁ ଟାଙ୍ଗି ଦେଇଥିଲେ, କାରଣ, ସେ ମୃତ୍ୟୁଦଣ୍ଡ ଅଧିନରେ ମୃତ୍ୟୁବରଣ କରିଥିଲେ। ସେହି କାରଣରୁ ମୁଁ ମୁଖ୍ୟଦଣ୍ଡରେ ବିଶ୍ୱାସ କରେ ନାହିଁ। ଯୀଶୁ ରୋମ ସରକାରଙ୍କର କେନ୍ଦ୍ରୀୟ ସଂଘ ଦ୍ୱାରା ସେହି—ସେହି ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇ ମୃତ୍ୟୁବରଣ କରିଥିଲେ। ସେହି ମୃତ୍ୟୁଦଣ୍ଡଟି, ଏକ କ୍ରୁଶରେ, ଝୁଲାଯିବାର ଥିଲା। ସେ ମୃତ୍ୟୁଦଣ୍ଡର ଅଧିନରେ ମୃତ୍ୟୁବରଣ କଲେ, ତାହାଙ୍କ ଠାରୁ ତାହାଙ୍କର ବସ୍ତ୍ର କାଢି ନିଆଗଲା, ଏବଂ ସେଠାରେ ଝୁଲାଇ ଦିଆଗଲା, ତାହାଙ୍କୁ ଅପମାନିତ କରାଗଲା, ଆଉ ସେ ସେହି ଅବସ୍ଥାରେ ମୃତ୍ୟୁବରଣ କଲେ। ମାତ୍ର ପରମେଶ୍ୱର ତାହାଙ୍କୁ ତୃତୀୟ ଦିନରେ ଉଠାଇଲେ!

121 ଏବଂ ଆମେମାନେ ତାହାଙ୍କର ସାକ୍ଷୀ ଅଟୁ। ଏବଂ ଯଦି ଆମେ ତାହାଙ୍କ ପାଇଁ ଛିଡା ନ ହେଉ, ତେବେ କିଏ ତାହାଙ୍କ ପାଇଁ ଛିଡା ହେବାକୁ ଯାଉଅଛନ୍ତି?

122 ଅନ୍ୟ ଦିନ ଜଣେ ବ୍ୟକ୍ତି ମୋତେ ଭେଟି, କହିଲେ, "ଓଃ, ଭାଇ ବ୍ରାନହାମ୍, ଆପଣ କୁହନ୍ତୁ ନାହିଁ। ଆପଣ କହିବା ଛାଡି ଦିଅନ୍ତୁ। ଆପଣ—ଆପଣ ମହିଳାମାନଙ୍କ ଭାବନାକୁ ଆଘାତ କରନ୍ତି, ସେମାନଙ୍କ ଛୋଟ କେଶ ରଖିବା ବାବଦରେ, ଏବଂ ସେମାନଙ୍କ ବିଷୟରେ *ଏହା* କରିବା ଏବଂ *ତାହା* କରିବା, ଏବଂ ସେହିପରି ବିଷୟରେ।"

123 ମୁଁ କହିଲି, "ଯଦି ମୁଁ ସେମାନଙ୍କୁ ନ କୁହେ, ତେବେ କିଏ ସେମାନଙ୍କୁ କହିବାକୁ ଯାଉଅଛି? କିଏ ଏହାକୁ କହିବାକୁ ଯାଉଛନ୍ତି?"

କହିଲେ, "ବେଶ୍, ଆପଣ ସେହି ପ୍ରଚାରକମାନଙ୍କୁ କ୍ରୋଧିତ କରି ଦିଅନ୍ତି।"

124 ମୁଁ ତ ପରମେଶ୍ୱରଙ୍କୁ ମୋ ଉପରେ କ୍ରୋଧିତ କରାଇବା ଅପେକ୍ଷା ସେମାନଙ୍କୁ କ୍ରୋଧିତ କରାଇବା ପସନ୍ଦ କରିବି। ଏହା ସତ୍ୟ ଅଟେ। ତାହା ଠିକ୍! [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଠିକ୍। କିଏ ଏହାକୁ କହିବାକୁ ଯାଉଛନ୍ତି? କାହାରିକୁ ତ ଏହାକୁ ଜଣାଇବାକୁ ଅଛି।

125 ଯୀଶୁ କହିଲେ, "ଯାଅ, କୁହ। ଯାଅ ଏବଂ କୁହ, ମୋର ଶିଷ୍ୟମାନଙ୍କୁ କୁହ ଯେ ମୁଁ ମୃତ୍ୟୁରୁ ପୁନରୁତ୍ଥିତ ହୋଇଅଛି। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଦେଖ, ମୁଁ ସର୍ବଦା ତୁମ ସହିତରେ ଅଛି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ଅଛି।"

126 ବନ୍ଧୁଗଣ, ଆପଣ ଏହା ବିଶ୍ୱାସ କରନ୍ତି କି?

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା, ଯେତେବେଳେକି ଆମେ ବର୍ତ୍ତମାନ ପ୍ରାର୍ଥନା ପାଇଁ ମସ୍ତକଗୁଡ଼ିକୁ ନତ କରୁ।

127 ହେ ପିତା ପରମେଶ୍ୱର! ପ୍ରକୃତରେ, "ଯାଅ, କୁହ। ଯାଅ, ମୋର ଶିଷ୍ୟମାନଙ୍କୁ କୁହ ଯେ ମୁଁ ମୃତ୍ୟୁରୁ ପୁନରୁତ୍ଥିତ ହୋଇଅଛି।" ଆଉ ପିତା ପରମେଶ୍ୱର, ତୁମ୍ଭେ ନିଜର ଶିଷ୍ୟମାନଙ୍କୁ କେବଳ କହିଲ ନାହିଁ, ବରଂ ତୁମ୍ଭେ ସେମାନଙ୍କୁ ପ୍ରମାଣିତ କଲ ଯେ ତୁମ୍ଭେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲ। ତୁମ୍ଭେ ନିଜକୁ ସେମାନଙ୍କ ନିକଟରେ ପ୍ରକଟିତ କଲ, ଏବଂ ତୁମ୍ଭେ ଅବିକଳ ସେହି ବିଷୟ ସାଧନ କଲ ଯାହା ତୁମେ ମରିବା ପୂର୍ବରୁ ଠିକ୍ କରିଥିଲ। ଉଣେଇଶ ଶହ ବର୍ଷ ଆସି ଚାଲିଯାଇଛି, ପ୍ରଭୁ, ସେହି ବାର୍ତ୍ତା ଏବେ ମଧ୍ୟ ଦଗ୍ଧ ହେଉଅଛି। ଏହା ଆଜି ଆମ ହୃଦୟରେ ଠିକ ସେତିକି ଉଜ୍ଜ୍ୱଳ ଏବଂ ଜ୍ୱଳନ୍ତ ଅଟେ, ଯେତିକି ତାହା ଶିଷ୍ୟମାନଙ୍କ ସହିତରେ ଥିଲା, କାରଣ ଆମ୍ଭେମାନେ ପୁନରୁତ୍ଥିତ ପ୍ରଭୁଙ୍କୁ ଆମ ମଧ୍ୟରେ, ସେହି ବିଷୟଗୁଡ଼ିକୁ କରିବାର ଦେଖୁଛୁ, ଯାହା ସେ ପୂର୍ବରୁ କରିଥିଲେ। ଆମ୍ଭେ ଜାଣୁ ଯେ ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଅଛନ୍ତି।

128 ଇଷ୍ଟରର ଅର୍ଥ ଆମ ପାଇଁ ଅନେକ, କାରଣ ଆମେ ତାହାଙ୍କ ପୁନରୁତ୍ଥାନରେ ମିଳିତ ହୋଇଅଛୁ ଓ ତାହାଙ୍କ ପୁନରୁତ୍ଥାନର ସହଭାଗୀତାକୁ ଉପଭୋଗ କରୁଅଛୁ। କାରଣ ଆମ୍ଭେମାନେ ଥରେ ଅପବ୍ୟୟ ପୁତ୍ର ପରି, ପାପ ଓ ଅପରାଧରେ ମରି ଯାଇଥିଲୁ, କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ଅନୁଗ୍ରହ ପାଇଛୁ, ଏବଂ ପରମେଶ୍ୱର ଆମକୁ ଆମର ପାପଗୁଡ଼ିକରୁ କ୍ଷମା କରି ଦେଇଛନ୍ତି। ସେ ଆମକୁ ମୁଦ୍ରାଙ୍କ ମଧ୍ୟ କରିଅଛନ୍ତି, ଯେପରିକି ସେ ପିତା ଅବ୍ରହାମଙ୍କୁ କରିଥିଲେ, ଏହା ସୁନିଶ୍ଚିତ କରାଇବା ହେତୁ ଯେ ସେ ଆମକୁ ଗ୍ରହଣ କରିଅଛନ୍ତି। ପିତା ଅବ୍ରହାମ କହିଥିଲେ ଯେ ସେ ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ, ମାତ୍ର ପରମେଶ୍ୱର ଏହି ବିଷୟର ପୁଷ୍ଟି ନିମନ୍ତେ ଯେ ସେ ତାହାଙ୍କୁ ବିଶ୍ୱାସ କରିଥିଲେ ତାଙ୍କୁ ସୁନ୍ନତର ଏକ ମୁଦ୍ରାଙ୍କ ଦିଅନ୍ତି। ଏବଂ ତେବେ, ହେ ପିତା, ଆଜି ଆମେ ପବିତ୍ରଆତ୍ମାଙ୍କ ଦ୍ୱାରା ସୁନ୍ନତ ହୋଇଅଛୁ,

ଜଗତର ସମସ୍ତ ବିଷୟ ଦୂର ହୋଇଯାଇଛି । ଆମର ଗୋଟିଏ ଉଦ୍ଦେଶ୍ୟ ଅଛି: ତୁମର ସେବା କରିବା । ଆମର ଗୋଟିଏ ଇଚ୍ଛା ଅଛି: ତୁମକୁ ପ୍ରେମ କରିବା, ତୁମର ଶିଷ୍ୟ ହେବା ।

129 ଏବଂ ବର୍ତ୍ତମାନ, ହେ ପ୍ରଭୁ, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଏହି ଛୋଟ ଭଙ୍ଗା ବାର୍ତ୍ତାଟିକୁ ପ୍ରତ୍ୟେକ ହୃଦୟ ମଧ୍ୟକୁ ସୁନିଶ୍ଚିତ କରିବ । ସେମାନେ ଏଥିରୁ ବଞ୍ଚିତ ନ ହୁଅନ୍ତୁ । ସେମାନେ ଦେଖନ୍ତୁ ଯେ ତୁମ୍ଭେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟ, ପୁଣି ଯେ ତୁମ୍ଭେ ଏଠାରେ, ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇ ରହିଛ, ଏବଂ ସେପର୍ଯ୍ୟନ୍ତ ବିଦ୍ୟମାନ ରହିବ ଯେପର୍ଯ୍ୟନ୍ତକି ସେହି—ସେହି ଆତ୍ମା ଏବଂ ଶରୀର ଦ୍ୱିତୀୟ ଆଗମନ ସମୟରେ ପୁନର୍ବାର ଏକତ୍ର ନ ହୋଇଯାଆନ୍ତି ।

130 ପିତା, ଆଜି ସକାଳେ, ଏଠାରେ ଥିବା ରୋଗୀମାନଙ୍କ ପାଇଁ ମୁଁ ପ୍ରାର୍ଥନା କରୁଛି । ମୁଁ ବର୍ତ୍ତମାନ, ଏହି ଇଷ୍ଟର ସକାଳେ, ଏକ ପ୍ରକାରେ ପାର୍ଶ୍ୱରେ ରଖିଦେଇଛି (କିମ୍ବା, ପାର୍ଶ୍ୱରେ ରଖି ନାହିଁ, ମାତ୍ର କିଛି ସମୟ ପାଇଁ ଅଲଗା କରି ଦେଇଛି) ସେହି ବରଦାନଗୁଡ଼ିକ ଯାହା ତୁମେ ମୋତେ ଦେଇଅଛ, ଯଥା ହୃଦୟର ଗୁପ୍ତବିଚାରକୁ ଜାଣିବା । ପ୍ରଭୁ, ଏହି ଜଗତ ମଧ୍ୟରେ, ମୁଁ ବିଭିନ୍ନ ଦେଶକୁ ଆଗ ପଛ ହୋଇ ଯାଇଅଛି, ସେମାନେ ସମସ୍ତେ ଏହା ଜାଣନ୍ତି । ବର୍ତ୍ତମାନ ମୁଁ ପ୍ରାର୍ଥନା କରୁଛି, ଯେ, ସେହି ବାର୍ତ୍ତା ଯାହା ତୁମେ ମୋତେ ଏଠାରେ ଜଙ୍ଗଲରେ ଦେଇଅଛ, ଯାହାକି, କିଛି ଦିନ ପୂର୍ବରୁ, ଯାହା, ସେହି ସୃଜନଶୀଳ ଶକ୍ତି ଉପରେ ଥିଲା ଯାହା ଆଜି ସକାଳେ ଏହି ମଣ୍ଡଳୀରେ ସ୍ଥାପିତ ହୋଇଛି, ସେହି ଲୋକମାନଙ୍କ ଉପରେ ଯାହାଙ୍କ ପାଇଁ ଏହା ସୃଷ୍ଟି କରା ଯାଇଥିଲା, ମୁଁ ପ୍ରାର୍ଥନା କରୁଛି, ହେ ପରମେଶ୍ୱର, ଯେତେବେଳେ ମୁଁ ଆଜି ସକାଳେ, ଏଠାରେ ଥିବା ମୋର ଭାଇମାନଙ୍କ ସହିତ, ରୋଗୀମାନଙ୍କ ଉପରେ ହାତ ରଖିବାକୁ ଆସୁଅଛି, ଯେ ତୁମେ ଆଜି ସକାଳେ ଏହି ମଣ୍ଡଳୀ ଉପରେ, ଦୟାର ସହିତ ଓହ୍ଲାଇ ଆସିବ ଏବଂ ଯେ ତୁମେ ଲୋକମାନଙ୍କୁ ସୁସ୍ଥ କରିବ, ଯେପରିକି ସେବା ସମାପ୍ତ ହେବା ବେଳେ ଆମମାନଙ୍କ ମଧ୍ୟରେ କେହି ଜଣେ ହେଲେ ଦୁର୍ବଳ ବ୍ୟକ୍ତି ରହିବେ ନାହିଁ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ ଏବଂ ସୁସ୍ଥ ହୁଅନ୍ତୁ ।

131 ହେ ପ୍ରଭୁ, ଆମେମାନେ ଏହା ଅନୁଭବ କରୁଛୁ, ଯେ ଏହା ଏପରି କିଛି ନୁହେଁ ଯାହାକି ଆମେମାନେ ନିଜେ କାର୍ଯ୍ୟକାରୀ କରିପାରିବା । ଏହା ତ ସରଳ ଶିଶୁ-ଭଳି ବିଶ୍ୱାସ ଅଟେ, ବିଶ୍ୱାସ କରି ଚାଲିବା । ଆମେମାନେ ଦେଖିପାରୁ ଯେ ଶିଷ୍ୟମାନଙ୍କୁ ରୋଗୀମାନଙ୍କୁ ସୁସ୍ଥ କରିବା ପାଇଁ କ୍ଷମତା ଦିଆଯିବା ପରେ, ସେମାନେ ବାହାରି ଗଲେ ଏବଂ ଏକ ଅପସ୍ମାର ବା ମିରିଗି ରୋଗର ଘଟଣାରେ ପରାସ୍ତ ହୋଇଗଲେ; ସେମାନେ ଚିତ୍କାର କରିଥିଲେ ଏବଂ ଆର୍ତ୍ତନାଦ କରିଥିଲେ, ଏବଂ ବୋଧହୁଏ, ଉପର ତଳ ଡେଇଁ ପଡିଥିଲେ, ଆଉ ସେହି ଦୁଷ୍ଟାତ୍ମାକୁ ଛଡେଇବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଯେତେବେଳେ ସେ ଯୀଶୁଙ୍କୁ ଭେଟିଲା, ଓଃ, ତାହା କେତେ ଭିନ୍ନ ଥିଲା! ସେ କହିଥିଲେ, “ମନ୍ଦ ଆତ୍ମା, ତାହାଠାରୁ ବାହାରି ଆସ ।” କି ଏକ ପାର୍ଥକ୍ୟତା! ଓଃ, ସେ ଜାଣିଥିଲା ଯେ ସେ ଜଣେ ପ୍ରେରିତ ନୁହଁନ୍ତି । ତାହା ତ ନିଜେ ପ୍ରଭୁ ଥିଲେ । ଆଉ ସେହି ଆତ୍ମା ବାଳକଟିକୁ ବିଦୀର୍ଣ୍ଣ କରି ତଳେ ପକାଇ ଦେଉଥିଲା । ମାତ୍ର ଯୀଶୁ କହିଲେ,

"ସେ ମରି ନାହିଁ । ତାକୁ କେବଳ ନେଇ ଯାଅ ଓ କିଛି ଖାଇବାକୁ ଦିଅ ।" ମନ୍ଦ ଆତ୍ମାଟି ଚାଲି ଯାଇଥିଲା ।

132 ହେ ଯୀଶୁ, ପରମେଶ୍ୱରଙ୍କ ପୁତ୍ର, ତୁମ୍ଭେ ପୁନର୍ବାର ଫେରିଆସ, ନିଜ ମଣ୍ଡଳୀକୁ ମୁକ୍ତ ଭାବରେ, ସମ୍ପୂର୍ଣ୍ଣ ଭାବରେ, ଶକ୍ତିଶାଳୀ ଭାବରେ ଅଭିଷେକ କର । ଏହା ହେଉ ଯେ ସେହି ଜୀବିତ ପୁନରୁତ୍ଥିତ ଯୀଶୁଙ୍କ ଆତ୍ମା ଆଜି ସକାଳେ ଏହି ଛୋଟ ମଣ୍ଡଳୀକୁ ଏକ ନୂତନ ବିଶ୍ୱାସରେ ପୁନରୁତ୍ଥିତ କରୁ, ପୁଣି ସାମର୍ଥ୍ୟରେ, ବିଶ୍ୱାସର ଶକ୍ତିରେ ପୁନରୁତ୍ଥିତ କରୁ, ଯେପରିକି ଆମେ ପ୍ରତ୍ୟେକ ବିରୋଧକାରୀଙ୍କୁ ଲଜ୍ଜିତ କରିପାରିବା । ହେ ପ୍ରଭୁ, ଏହା ପ୍ରଦାନ କର । ଏହି ସମସ୍ତ ଲୋକମାନଙ୍କୁ ତୁମ୍ଭ ନିକଟରେ ସମର୍ପଣ କରି, ଏହା ମାଗୁଅଛୁ ଯେ ତୁମ୍ଭେ ସେମାନଙ୍କୁ ଆଶୀର୍ବାଦ କରିବ ଏବଂ ସେମାନଙ୍କ ପ୍ରାଣଗୁଡିକୁ ପରିତ୍ରାଣ ଦେବ, ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦେଇ, ସେମାନଙ୍କ ଶରୀରକୁ ସୁସ୍ଥତା ଦେବ ।

133 ଏବଂ ଆମର ମସ୍ତକଗୁଡିକୁ ନତ କରି, ମୁଁ ସେହି ପ୍ରଶ୍ନ ପଚାରିବାକୁ ଯାଉଛି । କଅଣ ଏଠାରେ କେହି ଜଣେ ଅଛନ୍ତି ଯିଏକି ଖ୍ରୀଷ୍ଟିଆନ ନୁହଁନ୍ତି, ଓ ବର୍ତ୍ତମାନ ଚାହାଁନ୍ତି ଯେ ତାଙ୍କୁ ସ୍ମରଣ କରାଯାଏ, ତେବେ କୁହନ୍ତୁ, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ"? ପରମେଶ୍ୱର ଆପଣଙ୍କୁ ସେଠାରେ ଆଶୀର୍ବାଦ କରନ୍ତୁ । ଆଉ କେହି ଜଣେ ଅଛନ୍ତି, ଯିଏକି ଏହା କହିବେ, "ମୁଁ ଜଣେ ଖ୍ରୀଷ୍ଟିଆନ ନୁହେଁ । ମୁଁ ଏହି ଖବର ଶୁନିଅଛି ଯେ ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛନ୍ତି, କିନ୍ତୁ ପ୍ରକୃତରେ ମୁଁ ଏହା ଜାଣେ ନାହିଁ । ସେ ମୋ ହୃଦୟରେ କେବେ ବି ଉତ୍ଥିତ ହୋଇ ନାହାଁନ୍ତି । ମୋର କୌଣସି ସନ୍ତୁଷ୍ଟି ନାହିଁ । ମୁଁ ମଧ୍ୟ, ଅସୁସ୍ଥ ଅଟେ । ମୁଁ ଏକ ପ୍ରାର୍ଥନା ପଂକ୍ତି ଦେଇ ଯିବି, ଫେରି ଆସି ଅନ୍ୟଟି ଦେଇ ଯିବି, ପୁଣି ଫେରି ଆସି ଅନ୍ୟ ଏକ ଦେଇ ଯିବି । ମୁଁ ଗୋଟିଏ ମଣ୍ଡଳୀରୁ ଅନ୍ୟ ଏକ ମଣ୍ଡଳୀକୁ ଯିବି, ଏବଂ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବି ।" ଏହା ତାହା ନୁହେଁ । ଏହା ତ ତାହାଙ୍କୁ ବିଶ୍ୱାସ କରିବା ଅଟେ । ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛନ୍ତି । ତାହା ଏହାକୁ ସମାଧାନ କରେ । କଅଣ ଆଉ କେହି ଜଣେ ନିଜର ହାତ ଉଠାଇବେ କି? କୁହନ୍ତୁ…ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଆଉ କେହି ଜଣେ କହିବେ କି, "ମୁଁ ବିଶ୍ୱାସ କରିବାକୁ ଚାହେଁ, ମୁଁ ବିଶ୍ୱାସ କରିବାକୁ ଚାହେଁ"?

134 ଏଠାରେ କେତେଜଣ ଅସୁସ୍ଥ ଅଛନ୍ତି? ହାତ ଉଠାନ୍ତୁ, କୁହନ୍ତୁ, "ମୁଁ ବିଶ୍ୱାସ କରିବାକୁ ଚାହେଁ । ମୁଁ ଆଜି ସକାଳେ ସେହି ବାର୍ତ୍ତାକୁ ଜାଣିବାକୁ ଚାହେଁ ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଉତ୍ତମ । ହଁ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ପୁଅ । ଠିକ ଅଛି ।

135 ତେବେ, ଟେଡି, ମୁଁ ଚାହେଁ ଯେ ତୁମେ *"ସେହି ମହାନ ଚିକିତ୍ସକ,"* ଗୀତର ଧ୍ୱନିକୁ କେବଳ ଗୋଟିଏ ମିନିଟ୍ ପାଇଁ ବଜାଅ, ଯଦି ତୁମେ ବଜାଇବ, "ବର୍ତ୍ତମାନ ନିକଟବର୍ତ୍ତୀ ।" ଏବଂ ଯେତେବେଳେ ଆପଣ ତାହା କରୁଛନ୍ତି…

136 ତାହା ବର୍ତ୍ତମାନ କଠିନ ଅଟେ। ଦର୍ଶନମାନ ସମଗ୍ର ଭବନରେ ଦେଖା ଦେଉଅଛି, ବୁଝିଲେ। ହଁ, ମୁଁ ଚେଷ୍ଟା କରୁଛି, ମୁଁ ଚେଷ୍ଟା କରୁଥିଲି ଯେପରିକି ଏହା ଏକ ପୁନରୁତ୍ଥାନ ହେଉ, ଟିକିଏ ଅଧିକ ଉଚ୍ଚ, ସେହି ପାଉଁଶ ଗଦାରୁ ଟିକିଏ ଅଧିକ ଉଚ୍ଚ ହେଉ—ଯାହା ଉପରେ ମୁଁ ବସିଛି। ମୁଁ ଆଉ ଟିକିଏ ଅଧିକ ପ୍ରକାଶନ ଚାହୁଁଛି। ମୁଁ ଗୋଟିଏ କଥା ଜାଣେ: ଯେପର୍ଯ୍ୟନ୍ତ ମୁଁ ସେହି ପ୍ରଥମ ସେବାକାର୍ଯ୍ୟକୁ ଧରି ରହିଥିବି, ଦ୍ୱିତୀୟଟି ଆସିବ ନାହିଁ, ଏହା ଆସିଲା ନାହିଁ। ତେବେ ଯେପର୍ଯ୍ୟନ୍ତ ମୁଁ ଦ୍ୱିତୀୟଟିକୁ ଧରି ରହିଥିବି, ତୃତୀୟଟି ଆସିବ ନାହିଁ, ବୁଝିଲେ। ମୋତେ ତ ତାହାଠାରୁ ବାହାରି ଯିବାକୁ ହେବ, ବାହାରି ଯାଇ ଏହାକୁ ବିଶ୍ୱାସ କରିବାକୁ ପଡିବ, "ପରମେଶ୍ୱର ଏହା କହିଛନ୍ତି!" କିଛି ଦିନ ପୂର୍ବରୁ...

137 ବର୍ତ୍ତମାନ ଆପଣମାନେ ନିଜର ମସ୍ତକଗୁଡିକୁ ଉଠାଇ ପାରନ୍ତି ଯଦି ଆପଣ ଚାହାଁନ୍ତି। ମୁଁ ଆପଣମାନଙ୍କର ହାତ ପାଇଛି; ପରମେଶ୍ୱର ସେମାନଙ୍କୁ ନେଇଛନ୍ତି।

138 ମୁଁ ଆପଣମାନଙ୍କୁ ଅଳ୍ପ କିଛି କହିବାକୁ ଚାହେଁ। ଭାଇ ଏଡ୍ ଡଲଟନ୍, ମୁଁ ବିଶ୍ୱାସ କରେ ଯେ ସେ ଏବେ ହିଁ ଦ୍ୱାର ଭିତରକୁ ଆସିଛନ୍ତି, ଜଣେ ଭଲ ବାପ୍ଟିଷ୍ଟ ଭାଇ, ସେ ଏବଂ ତାଙ୍କ ପତ୍ନୀ। ଭାଇ ଜେଫ୍ରିସ୍ ଏଠାରେ କୌଣସିଠାରେ ଅଛନ୍ତି। ଓଥେଲ୍ ଜେଫ୍ରିସ୍। ଏବଂ ସେ ଏଠାରେ ଅଛନ୍ତି, ମୁଁ ଜାଣେ ସେ ଏଠାରେ କୌଣସିଠାରେ ଅଛନ୍ତି। ଯାହା ବି ହେଉ, ସେହି ଭାଇମାନେ ତଳେ କେଣ୍ଟକିରେ ମୋ ପାଇଁ ଏକ ସଭା ପ୍ରସ୍ତୁତ କରିଥିଲେ, ଯେପରିକି ମୁଁ ଯାଏ। ଭାଇମାନେ, ମୂଲ୍ୟବାନ ଭାଇମାନେ, ନିଜ ପଡ଼ୋଶୀ ଏବଂ ସେମାନଙ୍କର ଲୋକମାନଙ୍କୁ ଭଲ ପାଆନ୍ତି। ସେମାନଙ୍କ ପାଖରେ ପ୍ରେକ୍ଷାଳୟ ଏବଂ ଅସ୍ତ୍ରଶସ୍ତ୍ର କୋଠାଘର ଏବଂ ସେହିପରି ବିଷୟମାନ ରହଛି, କେବଳ ଗୋଟିଏ ରାତିର ସେବା ପାଇଁ, ସେମାନେ ଅସ୍ତ୍ରଶସ୍ତ୍ର କୋଠାଘର ଭଡା ନେଇଥିଲେ। ଲିଟିଲ୍ ଜେ. ଟି. ହୁଭର, ଯାହାବି ତାଙ୍କର ହେଉ...ଏଲ. ଜି, ହୁଭର ଗୋଟିଏକୁ ତଳେ ଏଲିଜାବେଥଟାଉନ୍‌ରେ ନିର୍ମାଣ କରିଥିଲେ। ଏବଂ ଭାଇ ଏଡ୍ ଡଲଟନ୍ ସେଠାରେ ୱିଲୋ ଶେଡ୍ ଠାରେ କିମ୍ବା—କିମ୍ବା ସୋମରସେଟ୍, ସୋମରସେଟ୍ ଠାରେ। ଏବଂ ଭାଇ, ସେହି ଅନ୍ୟ ଭାଇ ଜଣକ ଗ୍ଲାସ୍‌ଗୋ ଆଖପାଖରେ, ଯେଉଁଠାରେକି ମୁଁ ଜନ୍ମ ହୋଇଥିଲି। ସେଠାରେ ଥିବା ଲୋକମାନେ ଯେଉଁଠାରେକି ମୁଁ ଜନ୍ମ ହୋଇଥିଲି ଓ ପ୍ରତିପାଳିତ ହୋଇଥିଲି, ଯେଉଁଠାରେ ପ୍ରଭୁଙ୍କ ଦୂତ ପ୍ରଥମ ଥର ପାଇଁ ମୋତେ ଦେଖା କରିଥିଲେ।

139 ଏବଂ ମୁଁ ଫେରିଯିବାକୁ ଚାହୁଁଥିଲି। କିନ୍ତୁ ମୁଁ ଏକ ଛୋଟ ଧକ୍କା ଅନୁଭବ କଲି। ଏବଂ ମୁଁ କହିଲି, "ଠିକ୍ ଅଛି, ଭାଇମାନଙ୍କ ପାଇଁ, ମୁଁ ସଭା ସ୍ଥିର କରିବି।" ଏବଂ ମୁଁ ଏହି ଉପତ୍ୟକାରେ ପହଞ୍ଚିବା ମାତ୍ରେ, ମୋର ଗଳା ଠିକ୍ ବନ୍ଦ ହୋଇଗଲା ଏବଂ ମୁଁ ନଅ ଦିନ ପାଇଁ କଥା କହିଲି ନାହିଁ, ଯେପର୍ଯ୍ୟନ୍ତକି ସେହି ସଭାଗୁଡିକ ଶେଷ ନ ହୋଇଗଲା।

140 ଭାଇ ରୁଡେଲ, ସେ ମଧ୍ୟ, ଆଜି ସକାଳେ ଏଠାରେ ରହି ଥାଇପାରନ୍ତି, ଏହି ମଣ୍ଡଳୀର ଭାଇମାନଙ୍କ ମଧ୍ୟରୁ ଜଣେ, ସେ ଏବଂ ଜୁନି ଜ୍ୟାକସନ ଏବଂ ସେସମସ୍ତେ, ମୋତେ ତାଙ୍କ ପାଇଁ ଏକ ସଭା କରିବାକୁ ଥିଲା। ଏବଂ ସଙ୍ଗେ ସଙ୍ଗେ, ମୋର ଗଳା ବନ୍ଦ ହୋଇଗଲା। ଏବଂ

ପ୍ରଥମ ବିଷୟ ଆପଣ ଜାଣନ୍ତି, ମୋତେ ପ୍ରାୟଃ ଶହେ ପାଞ୍ଚ ଡିଗ୍ରୀ ଜ୍ୱର ହୋଇଥିଲା । ଏବଂ ପ୍ରଥମେ, ମୁଁ ସଭାକୁ ଯାଉଥିଲି, ଏବଂ—ଏବଂ ଡକ୍ ସ୍କୋନ୍ ମୋତେ କହିଲେ…ମୁଁ କହିଲି, "ମୋର ଗଳା ବସି ଯାଇଅଛି ।"

141 ସେ କହିଲେ, "ସେହି ସ୍ୱରଯନ୍ତ୍ର ଗୁଡ଼ିକକୁ ଖୋଲିବା ପାଇଁ ମୁଁ ଆପଣଙ୍କୁ କିଛି ଦେବି, ଏବଂ ଆପଣ ଯାଇ ପ୍ରଚାର କରନ୍ତୁ ।" ଏବଂ ସେ ମୋତେ ଦେଇଥିବା ଅନ୍ୟ କିଛିଗୋଟାଏ ନେଲି, ଏବଂ, ଏହା କଅଣ ଥିଲା, ଏହା ସେହି ସାଇନସ୍‌କୁ ତଳକୁ ଟାଣି ଦେଲା ଓ ଏହାକୁ ଅବରୋଧ କଲା । ତାହାପରେ ମୁଁ ନଅ ଦିନ କାଳ, କେବଳ ଜ୍ୱାଳାମୟ ଜ୍ୱରରେ ଶଯ୍ୟାରେ ଶୋଇ ରହିଲି ।

142 ଏଠାରେ ମୋର ଭାଇମାନଙ୍କ ମଧ୍ୟରୁ ଅନେକେ ମୋ ପାଖକୁ ଆସିଲେ, ଅନେକ ପ୍ରସିଦ୍ଧ ଭାଇମାନେ ଆସି ମୋ ପାଇଁ ପ୍ରାର୍ଥନା କଲେ । ଏଠାରେ ଭାଇ ଗ୍ରାହମ୍ ସ୍ନେଲିଙ୍ଗ୍ ଆସିଲେ, ଏଠାରେ ଭାଇ ରୁଡେଲ୍ ଆସିଲେ, ଏଠାରେ ଥିବା ଏହି ସମସ୍ତ ଭାଇମାନେ, ସମସ୍ତେ ଏକତ୍ରିତ ହୋଇ, ପ୍ରାର୍ଥନା କଲେ ଓ ଅନ୍ୟ ସମସ୍ତ ବିଷୟ କଲେ । ମୁଁ ପ୍ରାର୍ଥନା କରୁଥିଲି, ମୋର ଯଥାସମ୍ଭବ ଚେଷ୍ଟା କରୁଥିଲି, ଏପରିକି ମୁଁ ଫୁସ୍ ଫୁସ୍ ଶବ୍ଦରେ କଥା ସୁଦ୍ଧା କହିପାରୁ ନ ଥିଲି । ମୁଁ ଚକିତ ହୋଇ ଚିନ୍ତା କଲି, "ଏହା ସବୁ କଅଣ ଅଟେ?" ମୋର ପ୍ରିୟତମା ଛୋଟ ପତ୍ନୀ ସେଠାରେ ବସିଥିଲେ, ସେ ଏବଂ ସେମାନେ ମୋ ପାଇଁ ପ୍ରାର୍ଥନା କରିଥିଲେ, ଠିକ ସେହି ସମାନ ରୂପରେ ସେହିପରି ରହିଥିଲେ । ସେମାନେ ବୁଝି ପାରୁ ନ ଥିଲେ ।

143 ବର୍ତ୍ତମାନ, ସେ ମୋତେ ଗ୍ରହଣ କରିବା ନିମନ୍ତେ କିଛି ଔଷଧ ଦେଲେ, କିନ୍ତୁ ମୁଁ ଏହାକୁ ନେଲି ନାହିଁ, କାରଣ ଏହା ନିଶାଜନକ ଥିଲା । ଏବଂ ତାହାପରେ ମୁଁ ଏହାକୁ ଛାଡିଦେଲି । ଏବଂ ମୁଁ କେବଳ ଭାବି ଚାଲିଲି, "ପ୍ରଭୁ, ନିଶ୍ଚିତ!"

144 ଏବଂ ତାହାପରେ, ସଭାଗୁଡିକ ସବୁ ସମାପ୍ତ ହେବା ପରେ, ଗୋଟିଏ ସୋମବାରରେ (ତାହା ଥିଲା, ଶେଷ ସଭା, ତାହା ଶନିବାର ଦିନ ହେବାର ଥିଲା), ଏବଂ ତାହାପରେ (ମୁଁ ବିଶ୍ୱାସ କରେ), ଏବଂ ତାହାପରେ, ସୋମବାର ଦିନ ମୁଁ ଉଠିବାକୁ ଚେଷ୍ଟା କଲି । ମୁଁ ଏତେ ଦୁର୍ବଳ ଥିଲି, ମୁଁ ସେହି କୋଠାରୀ ମଧ୍ୟ ଦେଇ ଯାଇପାରିଲି ନାହିଁ । ମୁଁ ବସି ପଡିଲି ।

145 ଆପଣ ଜାଣନ୍ତି, ମୁଁ ପରମେଶ୍ୱର-ଦତ୍ତ ସେହି ପତ୍ନୀ ପାଇଁ ଅତ୍ୟଧିକ କୃତଜ୍ଞ ଅଟେ । ଭାଇମାନେ, ଆପଣମାନେ ହୁହଁନ୍ତି କି? ଏକ ପ୍ରକୃତ ପତ୍ନୀ, ଜଣେ ପ୍ରକୃତ ସାଥୀ!

146 ମୁଁ ବସି ପଡିଲି । ମୁଁ ତାଙ୍କୁ ଇଶାରା କଲି, ଏବଂ ତାଙ୍କୁ ମୋ ପାଖକୁ ଆସିବାକୁ କହିଲି । ଏବଂ ମୁଁ କହିଲି, "ମେଡା, ବେଳେବେଳେ ମୁଁ ଆଶ୍ଚର୍ଯ୍ୟ କରେ," ମୁଁ କହିଲି, "ମୁଁ ଆଶ୍ଚର୍ଯ୍ୟ ହେଉଛି, ମାମଲାଟି କଅଣ?" ମୁଁ କହିଲି, "କାହିଁକି ସେହି ସଭାଗୁଡିକ ସେଠାରେ ହେଲା, ଏବଂ ପରମେଶ୍ୱର ମୋତେ ଏହିପରି ଭାବରେ ପଡ଼ି ରହିବାକୁ ଦେଲେ?" ମୁଁ କହିଲି, "ଏହା କାହିଁକି ହେଲା?" ଏବଂ ମୁଁ କହିଲି, "ବେଳେବେଳେ ମୁଁ ଆଶ୍ଚର୍ଯ୍ୟ କରେ ଯେ ଏପରିକି ସେ ମୋତେ ଡାକି ଅଛନ୍ତି କି?"

147 ସେ କହିଲେ, "କଅଣ ତୁମେ ନିଜ ପାଇଁ ଲଜ୍ଜିତ ନୁହଁ କି?" ବୁଝିଲେ? ଏବଂ ସେ ମୋତେ କହିଲେ, କହିଲେ, "ବିଲ୍, କଅଣ ତୁମେ ଜାଣ ନାହିଁ ଯେ ପରମେଶ୍ୱର ତୁମ ସହିତ ଯାହା କରୁଅଛନ୍ତି ତାହା ସେ ଜାଣନ୍ତି? କେବଳ, କେବଳ ନୀରବ ରୁହ।"

148 ଏବଂ ତେଣୁ ମୁଁ ଭିତରକୁ ଚାଲି ଗଲି। ଆପଣ ଜାଣନ୍ତି, ତାହା ମୋତେ ଏକ ପ୍ରକାରର ଭର୍ତ୍ସନା କଲା। ଅତଏବ ମୁଁ ଭିତରକୁ ଯାଇ ବିଛଣା ଉପରେ ଶୋଇଗଲି। ସେ ଚାଦର ବଦଳାଇବା ପାଇଁ ଭିତରକୁ ଆସିଲେ। ଏବଂ ତାଙ୍କ ବାହୁରେ ସେହି—ସେହି କିଛି ଜିନିଷକୁ ରଖିଥିଲେ, ଏବଂ ଯେତେବେଳେ ସେ ବାହାରକୁ ଯିବା ପାଇଁ ବାହାରିଲେ, ମୁଁ ଦେଖିଲି, ଏବଂ ସେଠାରେ ଏକ...

149 ମୁଁ ଦେଖିଲି, ଏକ ପୁରୁଣା-...ଏକ ବଡ଼ ଅସ୍ତ୍ରଶସ୍ତ୍ର କୋଠାଘର, ଯାହା ଉପରେ ସୂର୍ଯ୍ୟକିରଣ ଆଲୋକିତ ହୋଇଥିଲା ଏବଂ ଭୂମି ଉପରେ ବିସ୍ଫୋରିତ ହୋଇଥିଲା, ଏହାକୁ ଖଣ୍ଡ ଖଣ୍ଡ କରି ପକାଇଥିଲା, ଆକାଶରୁ ସେହି ସୂର୍ଯ୍ୟ ଚମକି ଉଠିଥିଲା। ଆଉ ସେଠାରେ ତିନିଜଣ ମହିଳା ଏବଂ ଜଣେ ପୁରୁଷ ସେଠାକୁ ଆସିଲେ, ଉଠି ଆସିଲେ। ଏବଂ ସେମାନଙ୍କ ପାଖରେ ଛୋଟ ଛୋଟ ପରି, ଛୋଟ ବିଷୟ ପରି...ଏକ ପ୍ରକାର ଛୋଟ ଗୁଳିଚାଳନା ବନ୍ଧୁକ ପରି ରହିଥିଲା। ଏବଂ ସେ କହିଲେ, "ତାହା କଣ୍ଟାଗୁଡିକୁ ବାଡେଇବା ନିମନ୍ତେ ଅଟେ।" ଏବଂ କହିଲେ, "ଆମେ କରିଦେବୁ...ଭାଇ ବ୍ରାନହାମ୍, ଆପଣ ଏହି ଖଣ୍ଡଗୁଡ଼ିକୁ ଧରି ରଖନ୍ତୁ, ଏବଂ ଆମେମାନେ ଆପଣଙ୍କ ପାଇଁ ଏହି ଅସ୍ତ୍ରଶସ୍ତ୍ର କୋଠାକୁ ନିର୍ମାଣ କରି ଦେବୁ।"

ଏବଂ ମୁଁ କହିଲି, "ଠିକ ଅଛି, ମୁଁ ତାହା କରିବି।"

150 କିନ୍ତୁ କିଛି ଗୋଟାଏ କହିଲା, "ଏହା କର ନାହିଁ।" ତେବେ, ମୁଁ ଏହି ପରି ଭାବରେ, ଗୋଟିଏ ଖଣ୍ଡକୁ ଉଠାଇବା ପାଇଁ ତଳକୁ ନୂଆଁଇଲି, ଯେପରିକି ତାକୁ ଏହି ପରି ନିର୍ମାଣ କରାଯାଏ। ଏବଂ ଠିକ୍ ସେତିକିବେଳେ ଏକ ସ୍ୱର ମୋ ସହିତ କଥା ହେଲା, ଏବଂ କହିଲା, "ବର୍ତ୍ତମାନ ସେମାନେ ତୁମକୁ ଫେରାଇ ନେବା ପାଇଁ ରାସ୍ତାରେ ଅଛନ୍ତି। ତୁମେ ଏହାକୁ ବିଶ୍ୱାସ କରିବ ନାହିଁ।" କହିଲା, "ସେମାନେ ସର୍ବଦା ଏତେ ନିଷ୍ଠାବାନ୍ ଅଟନ୍ତି, ଏବଂ ସେମାନେ **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ ତୁମ ନିକଟକୁ ଆସୁଛନ୍ତି, କିନ୍ତୁ ସେମାନେ ଭୁଲ୍ ଅଟନ୍ତି।" ବୁଝିଲେ?

151 ଫ୍ରେଡ୍ ସୋଥମ୍ୟାନ୍, ସେମାନଙ୍କ ମଧ୍ୟରୁ ଅନେକେ ଏଠାରେ ଅଛନ୍ତି, ଠିକ ସେଦିନ ସେଠାରେ ଥିଲେ ଯେତେବେଳେ ମୁଁ ସେମାନଙ୍କୁ ଏହା ବିଷୟରେ କହିଥିଲି। ଏକ ଘଣ୍ଟାରୁ କମ୍ ସମୟ ମଧ୍ୟରେ ସେହି ଲୋକମାନେ ଗାଡି ଚଳାଇ ମୋ ଦ୍ୱାର ନିକଟକୁ ଆସିଲେ। ମୁଁ କହିଲି, "ସେଠାରେ ତିନିଜଣ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି।"

"ତାହା ଏକବାରେ ଠିକ୍ ଅଟେ।"

"ସେମାନେ **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ ଆସିଛନ୍ତି କି?"

"ହଁ, ମହାଶୟ, ସେମାନେ..."

152 ମୁଁ କହିଲି, “ଅବଶ୍ୟ, ସେମାନଙ୍କୁ କଅଣ କହିବାକୁ ଅଛି ତୁମେ ଜାଣିଛ।” ସେମାନେ ନିଷ୍ଠାପର ଭାବେ ଭୁଲ୍ ଅଟନ୍ତି, ଦେଖନ୍ତୁ। ଉତ୍ତମ ଲୋକମାନେ, କିନ୍ତୁ ନିଷ୍ଠାପର ଭାବରେ ଭୁଲ୍ ଅଟନ୍ତି। ବୁଝିଲେ?

153 ତାହାପରେ ମୁଁ ଭାବିଲି, “ତେବେ, ମୁଁ କଅଣ କରିପାରେ? ମୋତେ କଅଣ କରିବାକୁ ଉଚିତ୍?” ଏବଂ ତାହାପରେ ମେଡା ଭିତରକୁ ଆସିଲେ, ଏବଂ ସେ ପଛକୁ ଚାଲି ଯାଇଲେ। ଏବଂ ଭାଇ ଫ୍ରେଡି ଯାଇ ସେହି ଲୋକମାନଙ୍କୁ କହିଲେ। ଏବଂ ତାହାପରେ କିଛି ସମୟ ଉତ୍ତାରେ, ମୁଁ ସେଠାରେ ସେହି ବିଛଣା ଉପରେ—ବିଛଣା ଉପରେ ଥିଲି, ଏବଂ ମୁଁ ଚିନ୍ତା କଲି, “ତାହା ସେହିପରି କାହିଁକି ହେଲା? ମୁଁ କାହିଁକି କହିପାରିଲି ନାହିଁ? ମୁଁ କାହିଁକି କାହା ସହିତ, କିମ୍ବା କିଛି ସହିତ କଥାବାର୍ତ୍ତା କରିପାରିଲି ନାହିଁ?” ଏବଂ ମୁଁ ସେଠାରେ ଶୋଇ ରହିଥିଲି। ଏବଂ ମେଡା ଭିତରକୁ ଆସିଲେ, ଏବଂ କୋଠରୀରୁ ବାହାରି ପଛକୁ ଯାଉଥିଲେ।

154 ଏବଂ ମୁଁ ଅନାଇଲି, ଏବଂ କିଛି ଗୋଟିଏ ବସ୍ତୁକୁ ଏକ ପାଖରେ ଜୁଳୁ ଜୁଳୁ ହୋଇ ଜଳୁଥିବା ପରି ଦେଖିଲି। ଆଉ ମୁଁ ଦୃଷ୍ଟିପାତ କଲି, ଏବଂ ସେଠାରେ ଏହା ଥିଲା...ମୋର କାନ୍ଥଟି ଖୋଲିଗଲା, ଓ ମୁଁ ଯୀଶୁଙ୍କୁ ଦେଖିଲି। ଆପଣମାନଙ୍କ ମଧ୍ୟରୁ କେତେଜଣ ମୋତେ ଏହା କହିଥିବାର ଶୁଣିଛନ୍ତି ଯେ ମୁଁ ମୋ ଜୀବନରେ ଯୀଶୁଙ୍କୁ ଦୁଇଥର, ଏକ ଦର୍ଶନରେ ଦେଖିଅଛି? ଏବଂ ମୁଁ ବିଶ୍ୱାସ କରିଥିଲି ଯେ ମୁଁ ଶେଷ ସମୟ ପୂର୍ବରୁ ତାଙ୍କୁ ପୁଣିଥରେ ଦେଖିବି, ଦେଖନ୍ତୁ, ପୁନର୍ବାର ତାହାଙ୍କୁ ଦେଖିବି। ତେବେ, ମୁଁ ଅନାଇଲି, ଏବଂ ଆକାଶମଣ୍ଡଳ ଠିକ୍ ସେଠାରେ ରହିଥିଲା, ଏପ୍ରକାର ଦେଖା ଯାଉଥିଲା ଯେପରିକି ମୁଁ କାନ୍ଥ ମଧ୍ୟଦେଇ ଦେଖୁଅଛି। ଏବଂ ସେଠାରେ ବାଇବଲଟି ଠିକ୍ ଏହି ପରି ଭାବେ ଛିଡା ହୋଇ ରହିଥିଲା, ମହାନ ବଡ ବାଇବଲଟି ଆକାଶମଣ୍ଡଳରେ ଛିଡା ହୋଇଥିଲା। ତେବେ, ସେଠାରେ ବାଇବଲ ଚାରିପାଖରେ କିଛି ଗୋଟାଏ ଆଲୋକିତ ହୋଇଥିଲା, ଏବଂ ବାଇବଲରୁ ଏକ ପ୍ରକୃତ ସୁନ୍ଦର ସୁବର୍ଣ୍ଣ କୃଶଟିଏ ବାହାରି ଆସିଲା। ଏବଂ ଏହା ଏହି ପରି ଭାବରେ ଛିଡା ରହିଲା, ଏବଂ ଏହାର ଚତୁର୍ଦ୍ଦିଗରୁ ଆଲୋକ ଆସୁଥିଲା, ଏବଂ ସେହି କ୍ରୁଶ ମଧ୍ୟରୁ ସେ ଚାଲିକରି ବାହାରି ଆସିଲେ। ବାଇବଲ ସେହି କ୍ରୁଶକୁ ପ୍ରତିଫଳିତ କରୁଥିଲା, ସେହି କ୍ରୁଶ ତାହାଙ୍କୁ ପ୍ରତିଫଳିତ କରୁଥିଲା। ଏବଂ ସେ ଚାଲିକରି ବାହାରକୁ ଆସିଲେ, ଏବଂ ମୁଁ ଯେଉଁଠାରେ ଥିଲି ସେହି ସ୍ଥାନକୁ ଚାଲି ଆସିଲେ। ମୁଁ ଏହାକୁ ସ୍ପଷ୍ଟ ଭାବରେ ଦେଖିପାରୁଥିଲି, ମୁଁ ଦେଖିପାରୁଥିଲି ଯେ ସେଠାରେ ଠିଆ ହୋଇଥିବା ଯୀଶୁଙ୍କ କେଶକୁ ସେହି କୃଶ ପ୍ରତିଫଳିତ କରୁଥିଲା, ଯାହାକି ତାହାଙ୍କ ମୁଖ ଉପର ଦେଇ ରହିଥିଲା।

155 ସେ ମୋତେ ସେହି ପରି ଭାବରେ ଦେଖିଲେ, ଏବଂ ସେ ମୋତେ କହିଲେ, “ତୁମେ ତୁମର ନୂତନ ସେବାକାର୍ଯ୍ୟକୁ ତୁମ ପ୍ରତି ନିଶ୍ଚିତ ହେବା ନିମନ୍ତେ ଅପେକ୍ଷା କରିଛ।” ସେ କହିଲେ, “ମୁଁ ତ ଏହାକୁ ଆଗରୁ ତୁମ ପ୍ରତି ନିଶ୍ଚିତ କରିସାରିଛି। ଏହା ପୂର୍ବରୁ ନିଶ୍ଚିତ ହୋଇସାରିଛି। ତୁମକୁ ଏହାକୁ ଗ୍ରହଣ କରିବାକୁ ଅଛି।” ବୁଝିଲେ? ଏବଂ ମୁଁ ଠିଆ ହୋଇ

କିଛିକ୍ଷଣ ତାହାଙ୍କ କଥା ଶୁଣିଲି । ଏବଂ ଏହା ମୋ ମନକୁ ଆସିଲା । ମୁଁ ତାହା ଶୁଣି ନ ଥିଲି, ଏହା କେବଳ ମୋ ମନକୁ ଆସିଲା ।

156 ଜଣେ ବ୍ୟକ୍ତିଙ୍କ ପରି ଯିଏକି ନିଜ ଜୀବନସାରା ପାପୀ ରହି ଆସିଅଛି, ଏବଂ ସେ ଜାଣେ ଯେ ଏକ ବାଇବଲ ଅଛି, ସେ ଜାଣେ ଯେ ଜଣେ ପରମେଶ୍ୱର ଅଛନ୍ତି, ମାତ୍ର ହଠାତ୍ ହିଁ ସେ ଏକ ଉପଦେଶ ଶୁଣନ୍ତି, ତାହାପରେ କିଛି ଗୋଟାଏ ବିଷୟ ତାଙ୍କୁ କୁହେ, "ଏହା ତୁମେ ଅଟ ।" ତେବେ, ସେହି ସମାନ ବାକ୍ୟ ହିଁ ସର୍ବଦା ସେଠାରେ ରହିଆସିଛି, ତଥାପି ଏହା ତାଙ୍କୁ ନିଶ୍ଚିତ କରାଯାଏ, ତାହାପରେ ସେ କୁହନ୍ତି, "ହେ ପ୍ରଭୁ, ମୋତେ କ୍ଷମା କର ।" ମାତ୍ର ଏହା କୌଣସି ଲାଭ କରିବ ନାହିଁ ଯେପର୍ଯ୍ୟନ୍ତକି ସେ ନିଜର ପରିତ୍ରାଣକୁ ଗ୍ରହଣ ନ କରି ନିଅନ୍ତି, ତାହାପରେ ସେ ବାହାରକୁ ଯାଇ ଜଣେ ଖ୍ରୀଷ୍ଟିଆନ ହୁଅନ୍ତି । ଏଥିରେ କିଛି ଯାଏଆସେ ନାହିଁ ଯେ ସେ କେତେ କାନ୍ଦନ୍ତି, ସେ କେତେ ଅନୁନୟ କରନ୍ତି, ତାଙ୍କୁ ତ ଏହାକୁ ଗ୍ରହଣ କରିବାକୁ ଅଛି ।

157 ଆଉ ତାହାପରେ ସେ ମୋତେ କହିଲେ, "ତୁମକୁ ଏହା ସେହି ସମାନ ଭାବରେ ଗ୍ରହଣ କରିବାକୁ ହେବ । ତୁମକୁ ଏହା ବିଶ୍ୱାସ କରିବାକୁ ହେବ ।"

158 ମୁଁ ପରାଜୟକୁ ଭୟ କରେ । କୌଣସି ବି ବିଷୟ, ମୁଁ ଭୟ କରେ ଯେ ମୁଁ ଏକ ଅପମାନ ବା ନିନ୍ଦାକୁ ଆଣିବି । ମୁଁ ସବୁବେଳେ ଏହାକୁ ଭୟ କରେ, ନିରିକ୍ଷଣ କରୁଥାଏ, ଏହା ଭାବି ଯେ ମୁଁ କୌଣସି ଭୁଲ କଥାଟିଏ କହି ଦେବି । କାରଣ, ମୁଁ ବାଇବଲର ଚେତାବନୀକୁ ଗ୍ରହଣ କରିଛି, ଯେ କିପରି ମୋଶାଙ୍କୁ ମହାନ ଶକ୍ତି ଦିଆଯାଇଥିଲା, ଏବଂ ସେ କଥା କହିବା ପରିବର୍ତ୍ତେ ଶୈଳକୁ ଆଘାତ କରିଥିଲେ । ମୁଁ ଏଲିୟ ଅର୍ଥାତ୍ ଇଲିଶାୟଙ୍କ କଥା ମନେ ପକାଉଛି, ଯେହେତୁ ସେ ଟାଙ୍ଗରାମୁଣ୍ଡା ଥିଲେ, ସେହି ଛୋଟ ଛୋଟ ପିଲାମାନେ ତାଙ୍କୁ ଟାଙ୍ଗରାମୁଣ୍ଡା ବୋଲି ଥଟ୍ଟା କରିଥିଲେ; ଏବଂ ସେ ସେହି ପିଲାମାନଙ୍କ ଉପରେ ଅଭିଶାପ ଦେଲେ, ଏବଂ ସେମାନଙ୍କ ମଧ୍ୟରୁ ବୟା-ଳିଶ ଜଣ ଭାଲୁ ଦ୍ୱାରା ଘାତ ହୋଇଥିଲେ, ଦେଖନ୍ତୁ । ଏବଂ ତାହା ପବିତ୍ରଆତ୍ମା ନ ଥିଲେ, କିନ୍ତୁ ତାହା ସେହି ଭବିଷ୍ୟଦ୍‌ବକ୍ତା ଥିଲେ, ଯିଏ କ୍ରୋଧିତ ହୋଇଥିଲେ । ଏବଂ ମୁଁ—ମୁଁ ସେସବୁ ବିଷୟ ଦେଇ ଯାଇଅଛି, ଓ ସେଠାରେ ପହଞ୍ଚିଛି ।

159 ଏବଂ ସେଠାରେ ସେ ଛିଡା ହୋଇ, ମୋ ସହିତ କଥାବାର୍ତ୍ତା କରିଥିଲେ । ସେ କହିଲେ, "କିନ୍ତୁ ତୁମେ ବହୁତ ଲୋକଙ୍କ ସହିତ ଚାଲିଥାଅ ।" ସେ କହିଲେ, "ମୋ ସହିତ ଚାଲିବାକୁ ହେଲେ, ତୁମେ ଏକୁଟିଆ ଚାଲିବ ।"

160 ମୁଁ ସେତେବେଳେ ଜାଣି ସାରିଥିଲି, ମୁଁ ନାମଧାରୀ ସମ୍ପ୍ରଦାୟ ପ୍ରଭୃତି ଏବଂ ସବୁକିଛି ପ୍ରତି, ଅଧିକ ମନୋଯୋଗ କରୁଥିଲି, ଆପଣ ଦେଖନ୍ତୁ, କେହି ଜଣେ ଆପଣଙ୍କୁ ତାହା କହିବାକୁ ଚେଷ୍ଟା କରୁଛନ୍ତି ଯେ କଅଣ କରିବାକୁ ହେବ ଏବଂ କଅଣ କରିବାକୁ ହେବ ନାହିଁ । ଆପଣଙ୍କୁ ତ ତାହାଙ୍କୁ ଅନୁସରଣ କରିବାକୁ ଅଛି । ତେବେ, ସେହି ଦର୍ଶନକୁ ମନେପକାନ୍ତୁ ଯାହ ସେ ମୋତେ ମାଛ ବିଷୟରେ ଦେଇଥିଲେ, ଆପଣମାନେ ଜାଣନ୍ତି, ଏବଂ କିପରି ଯେ ଆପଣ ପେଣ୍ଟିକଷ୍ଟାଲ୍ ଶିଶୁମାନଙ୍କୁ ଅଲୌକିକ ଚିହ୍ନମାନ ବିଷୟରେ ଶିଖାଇ ପାରିବେ ନାହିଁ । ଆପଣମାନଙ୍କର ମନେ

ଅଛି । ଏବଂ ଏହା ସେଠାରେ ଥିଲା । ଏବଂ ମୁଁ ଏହି ନୂତନ ବାର୍ତ୍ତାର ସୀମା ରେଖାରେ ଅଛି ।

161 ଦର୍ଶନ ମୋତେ ଛାଡିଗଲା ମାତ୍ରେ, ମୁଁ କହିଲି, "ଆମେନ୍, ପ୍ରଭୁ!" ଏବଂ ମୋ ପତ୍ନୀ ସେଠାରେ ଛିଡା ହୋଇଥିଲେ, ସେ ମୂର୍ଚ୍ଛିତ ପ୍ରାୟଃ ହୋଇ ପଡିଥିଲେ । ଏବଂ ମୁଁ ବିଛଣାରୁ ଡେଇଁପଡ଼ିଲି, ମୁଁ ସେତିକି ଉତ୍ତମ ଭାବରେ କଥା କହି ପାରୁଥିଲି ଯେତିକି ଆଗରୁ କହି ପାରୁଥିଲି । ମାତ୍ର ଗୋଟିଏ ସେକେଣ୍ଡରେ ହିଁ, ଜ୍ୱରର ପ୍ରତ୍ୟେକ ଅଂଶ ମୋତେ ଛାଡି ଚାଲିଗଲା ।

162 ମୁଁ ଡକ୍ ସ୍କୋନ୍‌କୁ ଡାକିଲି, ମୁଁ କହିଲି, "ମୁଁ ଚାହେଁ ଯେ ଆପଣ ଯେ ମୋତେ ପରୀକ୍ଷା ନିରୀକ୍ଷା କରନ୍ତୁ ।"

ସେ କହିଲେ, "କଅଣ?"

163 ଏବଂ ମୁଁ ସେଠାକୁ ଆସିଲି, ଏବଂ ସେ ମୋତେ ଯାଞ୍ଚ କଲେ, ସେହି ସାଇନସ୍‌ଗୁଡିକ ଦେଇ ଦେଖିଲେ, କହିଲେ, "ଭାଇ ବ୍ରାନହମ୍, ମୋତେ କୁହନ୍ତୁ କଅଣ ଘଟିଲା ।"

ଏବଂ ମୁଁ କହିଲି, "କଅଣ ଆପଣ କଣ ମୋର କାହାଣୀକୁ ବିଶ୍ୱାସ କରିବେ?"

ସେ କହିଲେ, "ମୁଁ ଏହାକୁ କିପରି ସନ୍ଦେହ କରିପାରିବି? ଏହା ଘଟିଅଛି ।"

164 ଏହାହିଁ ତାହା ଅଟେ, ଦେଖନ୍ତୁ । ଏହାହିଁ ତାହା ଅଟେ, ବନ୍ଧୁ । ପରମେଶ୍ୱର ଜାଣନ୍ତି ଯେ ଆପଣଙ୍କୁ କିପରି ଏକ ପାଉଁଶ ଗଦା ଉପରେ ରଖିବାକୁ ଅଛି । ସେ ଜାଣନ୍ତି ଯେ କିପରି ଆପଣଙ୍କ ପାଇଁ କିଛି ଗୋଟାଏ ବିଷୟ କରିବାକୁ ଅଛି, ଦେଖନ୍ତୁ, ଯେପରିକି କିଛି ଗୋଟାଏ ବିଷୟ କରାଇବା ନିମନ୍ତେ ସେ ଆପଣଙ୍କ ନିକଟକୁ ଏପରିକି ବାର୍ତ୍ତାଟିକୁ ପହଞ୍ଚାଇ ପାରିବେ ।

165 ଆଜି, ମୁଁ ଜାଣେ ନାହିଁ କେତେ ପରାଜୟ । ଅଧିକ ସମୟ ହୋଇ ନାହିଁ ମୁଁ ଭିତରକୁ ଯାଇଥିଲି, ଏକ ରେଡିଓ ପ୍ରସାରଣକୁ ଶୁଣୁଥିଲି । ଏବଂ ସେଠାରେ ଜଣେ ସେବକ ପ୍ରଥମ କରିନ୍ଥୀୟ 15 ପର୍ବରୁ, ପୂନରୁତ୍ଥାନ ବିଷୟରେ ପ୍ରଚାର କରୁଥିଲେ । ଏବଂ ସେ ପୁନରୁତ୍ଥାନ ବିଷୟରେ ପ୍ରଚାର କରୁଥିଲେ । ଏବଂ ସେ ଉପଦେଶ ମଝିରେ ଅଟକି ଗଲେ, ଏବଂ ସେ କହିଲେ, "ଆପଣ ଜାଣନ୍ତି, ଅନେକ ଲୋକମାନେ ପରାଜୟକୁ ଭୟ କରନ୍ତି ।" ସେ କହିଲେ, "ଯେତେବେଳେ ଜେନେରାଲ୍ ପାଟନ୍ ଦଳେ ସୈନିକଙ୍କୁ ହରାଇଲେ," କହିଲେ, "ତାହାପରେ ସେମାନେ ତାହାଙ୍କୁ କହିଲେ...ସେ ଖବର ପଠାଇଲେ ଏବଂ ସେ ଆଉ କିଛି ସୈନିକ ଡକାଇ ପଠାଇଲେ, ଏବଂ ସେମାନେ ତାଙ୍କ ନିକଟକୁ ଆଉ କିଛି ସୈନିକମାନଙ୍କୁ ପଠାଇଲେ । ସେମାନେ ମୃତ୍ୟୁବରଣ କଲେ, ଏବଂ ସେ ଆଉ କିଛି ସୈନିକ ପାଇଁ ନିବେଦନ ପଠାଇଲେ । ଏବଂ ଯେତେବେଳେ ସେ ସେହି ତୃତୀୟ ଦଳକୁ ସେଠାରେ ପାଇଲେ," କହିଲେ, "ଯେତେଥର ଗୋଟିଏ ଗୁଳିଟିଏ ସାଇଁ କରି ଫୁଟି ଉଠେ, ସେମାନେ ଏକ ଟିଣ, ଅବା ସେହିପରି କିଛି ଜିନିଷର ତଳେ ଦୌଡ଼ି ପଳାନ୍ତି ।"

166 ସେ କହିଲେ, "ମୋତେ ବୟସ୍କ ପୁରୁଷମାନଙ୍କୁ ପଠାଅ, ସାନ ପିଲାମାନଙ୍କୁ ନୁହେଁ ।" ସେ କହିଲେ, "ମୁଁ ଏପରି ବୟସ୍କ ପୁରୁଷମାନଙ୍କୁ ଚାହେଁ ଯେଉଁମାନେ ମରିବାକୁ ପ୍ରସ୍ତୁତ । ମୁଁ ସେପରି

କୌଣସି ଲୋକଙ୍କୁ ଚାହେଁ ନାହିଁ ଯିଏକି ମରିବାକୁ ଭୟ କରେ । ଯଦି ସେହି କାରଣ ଯେଉଁଥି ପାଇଁ ଆମେମାନେ ଲଢୁଅଛୁ ତାହା ମରିବା ଯୋଗ୍ୟ ନୁହେଁ, ତେବେ ସେମାନଙ୍କୁ ମୋ ଠାରୁ ଦୂରେଇ ରଖ । ମୁଁ ପୁରୁଷମାନଙ୍କୁ ଚାହେଁ ।"

ସେମାନେ କହିଲେ, "କିନ୍ତୁ ଆପଣ ଦୁଇଟି କିମ୍ବା ତିନୋଟି ଲଢ଼େଇ ହାରି ଯାଇଛନ୍ତି ।"

167 ସେ କହିଲେ, "ମୁଁ ଯୁଦ୍ଧକୁ ହାରି ନାହିଁ । ମୁଁ ତ ମାତ୍ର ଏକ ଲଢ଼େଇକୁ ହାରିଅଛି ।" କିଛି ଗୋଟାଏ ମୋ ହୃଦୟରେ କହିଲା ।

168 ମୋର ମନେ ଅଛି ଆଇଜେନ୍‌ହୋୱର କହିଥିଲେ, "ଯେତେବେଳେ ମୁଁ ବନ୍ଧୁକରେ ଏକ ଗୁଳି ପ୍ରବେଶ କରାଏ, ଆଦେଶ ଦେଇଥାଏ ଏବଂ ସେମାନେ ବନ୍ଧୁକରେ ଏକ ଗୋଳା ଭାରନ୍ତି, ସେମାନେ ଏହାକୁ ଟାଣନ୍ତି ଏବଂ ଏହା ସୁ ସୁ ଶବ୍ଦଟିଏ କରିଥାଏ, ଏହା କାମ କରେ ନାହିଁ," କହିଲେ, "ମୁଁ ତ୍ୟାଗ କରି ଆତ୍ମସମର୍ପଣ କରେ ନାହିଁ । ମୁଁ ଗୁଳିଟିକୁ ବାହାର କରି ତାହା ଭିତରେ ଆଉ ଗୋଟିଏ ପୂରାଏ, ପୁଣି ଚେଷ୍ଟା କରେ । ଯଦି ଏହା କାମ ନ କରେ, ତେବେ ମୁଁ ଅନ୍ୟ ଏକ ଗୁଳିଟିକୁ ପୂରାଏ, ଯେପର୍ଯ୍ୟନ୍ତକି ଗୋଟିଏ କାମ ନ କରିଥାଏ ।"

169 ଏହାକୁ ତ ସେହି ପ୍ରକାରେ ହିଁ କରାଯିବାକୁ ଅଛି । ଏହା କିପରି ହେବ ମୁଁ ଜାଣେ ନାହିଁ । ମାତ୍ର ପରମେଶ୍ୱର ଏହି ବେଦୀ ଉପରେ ମୋର ବିଚାରପତି ସ୍ୱରୂପେ ଅଛନ୍ତି, ମୁଁ ଜାଣେ ନାହିଁ ଏହା କେତେଥର ସୁ ସୁ ଶବ୍ଦ କରି ନଷ୍ଟ ହୋଇଯିବ ଏବଂ କେତେଗୋଟି—କେତେଗୋଟି ଲଢେଇ ମୁଁ ହାରିବି, କିନ୍ତୁ ମୁଁ ଯୁଦ୍ଧ ହାରିବି ନାହିଁ । ସେ ମୋତେ କହିଛନ୍ତି ଯେ ସେ ମୋ ସହିତ ରହିବେ । ମୁଁ ସେପର୍ଯ୍ୟନ୍ତ ଛିଡା ହୋଇ ରହିବି ଯେପର୍ଯ୍ୟନ୍ତକି ସେହି ସେବାକାର୍ଯ୍ୟକୁ ସୁନିଶ୍ଚିତ ହେବାର ଏବଂ ଏହାକୁ କାର୍ଯ୍ୟକ୍ଷମ ହେବାର ଦେଖି ନ ଦିଏ । ମୁଁ ଆଜି ସକାଳେ, ପରମେଶ୍ୱରଙ୍କ କୃପାରୁ ଆରମ୍ଭ କରୁଛି । ମୁଁ ଜାଣେ ନାହିଁ ଯେ ତାହା ଏଠାରେ କାମ କରିବ କି ନାହିଁ, ଏହା ଅନ୍ୟ କେଉଁଠାରେ କାମ କରିବ କି ନାହିଁ, ଏହା କିପରି କାମ କରିବ କିମ୍ବା କଣ ଘଟିତ ହେବ । ମାତ୍ର ମୁଁ ପ୍ରାର୍ଥନା ପଂକ୍ତି ଦେଇ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରି ଚାଲିଥିବି, ଯେପର୍ଯ୍ୟନ୍ତକି ମୁଁ ଏହା ଜାଣି ନ ନିଏ ଯେ କଅଣ ଘଟିତ ହେଉଅଛି । ମୁଁ ଏହାକୁ ଦୁଇ ବା ତିନିଥର ଘଟୁଥିବାର ଦେଖିଅଛି ।

170 ମୁଁ ଏହା ହେଟୀ ରାଇଟ୍ ଙ୍କ ଘରେ ଘଟିଥିବାର ଦେଖିଛି । କେତେ ଜଣ ସେହି ଗୁଣ୍ଡିଚା ମୂଷାମାନଙ୍କର କାହାଣୀ ଏବଂ ସେହି ଝିଅ, ସେହି ସାନ ସ୍ତ୍ରୀଲୋକଟି ବିଷୟରେ କଦାଚ ଶୁଣିଛନ୍ତି? ଆମେ ଜାଣିଥିବା ସମୟଠାରୁ ସମସ୍ତଙ୍କର ମଧ୍ୟରେ ସେ ପ୍ରଥମ ବ୍ୟକ୍ତି ଅଟନ୍ତି, ଏପରିକି ଶିଷ୍ୟମାନଙ୍କ ଦିନଠାରୁ, ଯାହାଙ୍କୁ କେବେ ଏହା କହିବାର ସୌଭାଗ୍ୟ ଦିଆ ଯାଇଥିଲା, "ତୁମେ ଯାହା ଇଚ୍ଛାକର ମାଗ," ଯେତେବେଳେ ଆପଣ ସେଠାରେ ଅଛନ୍ତି । କଅଣ ଆପଣ କେବେ ସେହି କାହାଣୀ ଶୁଣିଛନ୍ତି କି? କଅଣ ଆପଣ କେବେ ସେହି ମହିଳାଙ୍କୁ ଦେଖିଛନ୍ତି କି? କେତେଜଣ ତାଙ୍କୁ କେବେବି ଦେଖି ନାହାଁନ୍ତି, ଏବଂ ଚାହାଁନ୍ତି, ସେହି ମହିଳାଙ୍କୁ ଦେଖିବାକୁ ଚାହାଁନ୍ତି ଯାହାଙ୍କ ପ୍ରତି ଏହା ଘଟିଥିଲା? ଆମେ…

ହେଟୀ, କଅଣ ଆପଣ ଛିଡା ହେବେ କି? ସେଠାରେ ସେହି ମହିଳା ଅଛନ୍ତି ।

171 ମୁଁ ତାଙ୍କ ଘରେ ଛିଡା ହୋଇଥିଲି। ମୁଁ ଆଠଟି ଗୁଣ୍ଡିଚା ମୂଷାଙ୍କୁ ଦେଖିବା ପରେ, ଯେଉଁମାନଙ୍କ ମଧ୍ୟରୁ ଗୋଟିଏ ହେଲେ ବି ଆଖପାଖ କୌଣସିଠାରେ ନ ଥିଲେ, ଏବଂ, କେବଳ କଥାଟିଏ କୁହ, ଏବଂ ସେମାନେ ସେଠାରେ ଛିଡା ହୋଇ ରହିଥିଲେ। ତାହା ସତ ଅଟେ। ତାହା ସତ, ସେମାନେ ସେଠାରେ ଥିଲେ। ଏବଂ ମୁଁ କହିଲି, "କେଉଁ ବିଷୟ ସେହି ଗୁଣ୍ଡିଚା ମୂଷାଗୁଡିକୁ ସେଠାକୁ ଆସିବା ପାଇଁ ଦେଲା?" ସେଠାରେ ତାଙ୍କ ମେଜରେ ବସିଥିଲି। ଏବଂ ତାଙ୍କ ମା, ଭଉଣୀ ରାଇଟ୍, ଏଠାରେ ଭାଇ ରାଇଟ୍ ଅଛନ୍ତି, ଯିଏ ସେଠାରେ ବସିଥିଲେ। କେତେ ଜଣ ଆଜି ସକାଳେ ଏଠାରେ ଅଛନ୍ତି, ଯେଉଁମାନେକି ସେଦିନ ସେଠାରେ ମେଜରେ ବସି ଥିଲେ? ନିଜର ହାତ ଉଠାନ୍ତୁ। ତେବେ, ସେମାନେ ସେଠାରେ, ସମଗ୍ର ଭବନର ଚାରିପାଖରେ ଅଛନ୍ତି। ବୁଝିଲେ? ଠିକ ଅଛି, ସେମାନେ ସେଠାରେ ଥିଲେ। ଆଉ ମୁଁ କହିଲି, "କୌଣସି ଦିନ..." ସେମାନଙ୍କର ଛୋଟ ପଙ୍ଗୁ ଭଉଣୀ ସେଠାରେ ବସି ରହିଥିଲେ।

172 ମୁଁ କହିଲି, "ଏହାକୁ ତ ଦର୍ଶନ, ପ୍ରଭୃତି ବିଷୟ ଦ୍ୱାରା ଆସିବାକୁ ପଡ଼େ, ମାତ୍ର କୌଣସି ଦିନ ଏହା ଭିନ୍ନ ପ୍ରକାରେ ଆଗତ ହେବ।" ମୁଁ ସେହିପରି କଥାବାର୍ତ୍ତା ହେଉଥିଲି। ହଠାତ୍, କିଛି ଗୋଟାଏ ସେପରି ଅଭିଷେକ ହେଲା ଯେ (ତାହାକୁ ଏହି ଲୋକମାନଙ୍କୁ ଛାଡ଼ିଦିଏ), ମୁଁ କେବେବି ସେପରି ଏକ ଅଭିଷେକ ଅନୁଭବ କରି ନ ଥିଲି। କାହିଁକି? କାରଣ ହେଟୀ ଠିକ୍ କଥା କହିଥିଲେ।

173 ମୁଁ କହିଲି, "ସେ ଗୁଣ୍ଡିଚାମୁଷାଗୁଡିକ କେଉଁଠୁ ଆସିଥିଲା? ସେଠାରେ ଗୋଟିଏ ବି ନ ଥିଲା, ଏପରିକି ସେମାନଙ୍କ ପାଇଁ ଏକ ସ୍ଥାନ ମଧ୍ୟ ନ ଥିଲା, ଠିକ୍ ସେଠାରେ ଥିବା ଏକ ଟେଲିଫୋନ୍ ପୋଲ ପରି। ଏବଂ ମୁଁ ଏହାକୁ ସିଧାସଳଖ ଆଠଥର ଘଟିତ ହେବାର ଦେଖିଲି।" ଏବଂ ମୁଁ କହିଲି, "ମୁଁ ଜାଣେ ନାହିଁ ଯେ ତାହା କେଉଁଠାରୁ ଆସିଲା।" ମୁଁ କହିଲି, "କେବଳ ଗୋଟିଏ ବିଷୟ ମୁଁ ଜାଣେ, ଯେ ପରମେଶ୍ୱର ଥରେ ଅବ୍ରହାମଙ୍କୁ ଏକ ବାର୍ତ୍ତା ସୁନିଶ୍ଚିତ କରିବାକୁ ଚେଷ୍ଟା କରିଥିଲେ, ଏବଂ ସେ ଏକ ମେଷକୁ ଅସ୍ତିତ୍ୱରେ ଆସିବା ପାଇଁ କହିଥଲେ, କାରଣ ଏହାକୁ ସୁନିଶ୍ଚିତ କରିବା ପାଇଁ, ତାହାଙ୍କର ଏକ ମେଷର ଆବଶ୍ୟକ ଥିଲା। ଏହା ହୋଇଥିବ ଯେ ଯେ ମୋର ଏକ ଗୁଣ୍ଡିଚାମୁଷାର ଆବଶ୍ୟକ ଥିଲା, ଯାହାକୁ ମୋର ବୋଲି କୁହାଯାଏ। ଏବଂ ସେ ଏହାକୁ ଆଠଥର, କିମ୍ବା ଗୋଟିଏ ପରେ ଗୋଟିଏ ସାତଥର, ବରଂ, ସିଧାସଳଖ ସାତଥର କଲେ।" ଏବଂ ମୁଁ କହିଲି...

174 ଏବଂ, ହେଟୀ, ବୋଧହୁଏ ସେହି ମହିଳାଜଣକ ଏହା ଜାଣି ନ ଥିଲେ ସେ କଅଣ କହୁଛନ୍ତି। ଦେଖନ୍ତୁ ଯେ ଏହା କିପରି ଧନୀ ଏବଂ ଅହଂକାରୀକୁ ଅତିକ୍ରମ କରିଥିଲା। ଦେଖନ୍ତୁ ଏହା କିପରି ସବୁକିଛିକୁ ଅତିକ୍ରମ କରିଥିଲା, ଏବଂ ସେଠାରେ ଏକ ଗରିବ ଛୋଟ ବୃଦ୍ଧ ଗ୍ରାମୀଣ ମହିଳାଙ୍କ ନିକଟକୁ ଆସିଥିଲା।

175 ଏବଂ ମୋ ପାଖରେ ସେହି ମହିଳାଙ୍କୁ ଫେରାଇବା ପାଇଁ ପକେଟରେ କୋଡ଼ିଏ ଡଲାର ଥିଲା, ଯାହାକି, ସେ ନିର୍ମାଣାଧିନ ଏହି ନୂତନ ଗିର୍ଜାଘର ପାଇଁ ପଚାଶ ଡଲାର ଦାନ କରିଥିଲେ।

ଏବଂ ମୁଁ ତାଙ୍କୁ ଲଜ୍ଜିତ କରିବା ପାଇଁ ଏହା କହୁ ନାହିଁ; ସେ ତ ବାସ୍ତବରେ, ପଚାଶ ପଇସା ସୁଦ୍ଧା ଦେବା ପାଇଁ, ବ୍ୟୟ କରିବାରେ ସକ୍ଷମ ହୋଇ ପାରି ନ ଥାନ୍ତି। କିନ୍ତୁ, ସେହି ବାର୍ତ୍ତାରେ ତାଙ୍କ ହୃଦୟ ଥିଲା, ସେ ଦେବା ପାଇଁ ଚାହୁଁଥିଲେ। ଭାଇ ନେୱିଲ୍, ମୁଁ ବିଶ୍ୱାସ କରେ, ଯେ ଏହାକୁ ଗ୍ରହଣ କରିସାରିଥିଲେ, ବାକି ଅଂଶ ନେଉ ନ ଥିଲେ, ତାଙ୍କୁ ଏଥିରୁ କେବଳ କୋଡ଼ିଏ ଡଲାର ଦେବା ପାଇଁ ଅନୁମତି ଦେଉଥିଲେ। ଏବଂ ମୋ ପକେଟରେ ଦୁଇଟି ଦଶ-ଡଲାର ନୋଟ୍ ଥିଲା, ମେଡା ମୋତେ ଖାଦ୍ୟ ସାମଗ୍ରୀ ପାଇଁ ଦେଇଥିଲେ, ଏବଂ ମୁଁ କହିଲି, "ମୁଁ ଆଜି ଏହା ତାଙ୍କୁ ଫେରାଇବାକୁ ଯାଉଅଛି।"

176 ତାହାପରେ ମୁଁ ଭାବିଲି, କିଛି ଗୋଟାଏ ମୋ ସହିତ କଥା ହେଲା, କହିଲା, "ଯୀଶୁ ସେହି ବିଧବାକୁ ତାର ତିନି ପଇସା ଦାନ କରୁଥିବାର ଦେଖିଥିଲେ, ଏବଂ ସେ ଏହାକୁ ତାହାଠାରୁ କଦାପି ଫେରାଇ ନେଇ ନ ଥିଲେ।" ସେ ତାକୁ ସେପରି କରିବାକୁ ଦେଇଥିଲେ କାରଣ ତାହାଙ୍କଠାରେ ମାର୍ଗରେ କିଛି ମହତ୍ତର ବିଷୟ ରହିଥିଲା।

177 ମୁଁ ଅଳ୍ପ ମାତ୍ର ହିଁ ଜାଣିଥିଲି ଯେ ସେ ମୋ ସହିତ ସେହି ସମାନ ଭାବରେ କଥା କହୁଅଛନ୍ତି, ଜଣେ ବିଧବା ସ୍ତ୍ରୀ ବିଷୟରେ, ଯାହାର ସ୍ୱାମୀ ନାହିଁ। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ନା ତ ମୁଁ ଏହା ଜାଣିଥିଲି ଯେ ତାହା ସେହି ସମାନ ଜଣକ ହିଁ ଥିଲେ, ଯେତେବେଳେ ମୁଁ କହିଥିଲି, "ତାହାହେଲେ ମୁଁ କେବଳ ସେହି କୋଡ଼ିଏ ଡଲାରକୁ ରଖିନେବି, ଆପଣ ତାହା ପାଇଁ ଅନ୍ୟ କିଛି ରଖି ନିଅନ୍ତୁ।"

178 ମୁଁ କହିଲି, "କେବଳ ଗୋଟିଏ ବିଷୟ ମୁଁ ଜାଣେ, ଯେ ଯିହୋବାଃ ଏବେ ସୁଦ୍ଧା ଯିହୋବାଃ-ଯିରି ଅଟନ୍ତି। ସେ ଏକ ବଳିଦାନ ଯୋଗାଇବାକୁ ସକ୍ଷମ ଅଟନ୍ତି।"

179 ଏବଂ ହେଟୀ, ଏହା ନ ଜାଣି ଯେ ସେ କଅଣ କହୁଛନ୍ତି, ଉଠି କହିଲେ, "ତାହା ଆଉ କିଛି ନୁହେଁ, ବରଂ ସତ୍ୟ ଅଟେ, ଭାଇ ବ୍ରାନହାମ୍।" ଓଃ, ମୋର ପ୍ରଭୁ! ତାହା କହିବା ହେତୁ ସଠିକ୍ ବିଷୟ ଥିଲା। ତାହା କହିବା ହେତୁ ସଠିକ୍ ବିଷୟ ଥିଲା।

180 ପ୍ରାୟଃ ସେହି ସମୟରେ, ପରମେଶ୍ୱରଙ୍କ ଶକ୍ତି ସେହି ସ୍ଥାନକୁ ଆଘାତ କଲା; ମୁଁ କେବେବି ଏପରି ଅଭିଷେକ ଅନୁଭବ କରି ନାହିଁ। ଯେତେବେଳେ ଏହା ହେଲା, ମୁଁ କହିଲି, "ହେଟୀ, **ପ୍ରଭୁ ସଦାପ୍ରଭୁ ଏହି କଥା କୁହନ୍ତି**, ତୁମେ ଯାହା ଇଚ୍ଛା କର ମାଗ! ମୋର ଏଥିରେ କିଛି ଫରକ୍ ପଡେ ନାହିଁ ଯେ ଏହା କଅଣ ଅଟେ, ମାତ୍ର ପରମେଶ୍ୱର ମୋତେ ସେହି ଅଧିକାର ଦେଇଅଛନ୍ତି ଯେ ମୁଁ ଠିକ ବର୍ତ୍ତମାନ ହିଁ ତୁମକୁ ତାହା ପ୍ରଦାନ କରେ ଯାହା ତୁମ ହୃଦୟର ଇଚ୍ଛା ଅଟେ। ଯଦି ତୁମେ ଏକ ମିଲିୟନ୍ ଡଲାର୍ ଟଙ୍କା ମାଗ, ତୁମେ ତାହା ପାଇ ପାର। ସେହି ଛୋଟ ପଙ୍ଗୁ ଝିଅଟି ପାଇଁ ମାଗ ଯେପରି ସେ ଉଠେ ଓ ଚାଲେ, ସେ ତାହା ପାଇବ। ଯାହାକିଛି ବିଷୟ ପାଇଁ ମାଗ।"

ସେ କହିଲେ, "ଭାଇ ବ୍ରାନହାମ୍, ମୁଁ କଅଣ ମାଗିବି?"

181 ମୁଁ କହିଲି, "ଏପରି କିଛି ଯାହା ତୁମେ ଇଚ୍ଛା କର। **ପ୍ରଭୁ ସଦାପ୍ରଭୁ ଏହି କଥା କୁହନ୍ତି**।" ଓଃ, କି ଏକ ଅନୁଭୂତି!

182 ସେ ଚାରିଆଡ଼କୁ ଚାହିଁଲେ । ସେଠାରେ ତାଙ୍କ ବୃଦ୍ଧ ଧୂସର-ମୁଣ୍ଡିଆ ବାପା ବସିଥିଲେ ଯାହାଙ୍କୁ ପ୍ରାୟଃ, ମୃତ ଅବସ୍ଥାରୁ ଅଣା ଯାଇଥିଲା । ସେଠାରେ ତାଙ୍କ ବୃଦ୍ଧ ମାଆ ଅସୁସ୍ଥ ହୋଇ, ବସିଥିଲେ । ସେଠାରେ ତାଙ୍କର ଛୋଟ, ପଙ୍ଗୁ ଭଉଣୀ ବସିଥିଲେ ।

183 କିନ୍ତୁ ସେ ଯାହା ଠିକ୍ ତାହାହିଁ ବାଛିଲେ । ତାଙ୍କର ଦୁଇଟି କିଶୋରା-ବସ୍ଥାର ପୁଅ ସେହି ବେପରୁଆ ବୟସରେ ଥିଲେ । ତାର ମୂଲ୍ୟବାନ ସ୍ୱାମୀ ମହିମାକୁ ଚାଲି ଯାଇଥିଲେ; ସେ ଜଣେ ଅପେକ୍ଷାରତ, ଖ୍ରୀଷ୍ଟିଆନ ଥିଲେ । କିନ୍ତୁ ପୁଅମାନେ ଖ୍ରୀଷ୍ଟିଆନ ନ ଥିଲେ । ସେ କହିଲେ, "ମୋର ଦୁଇ ପୁଅଙ୍କର ପ୍ରାଣ ।" ପରମେଶ୍ୱର ତାଙ୍କ ହୃଦୟକୁ ଆଶୀର୍ବାଦ କରନ୍ତୁ ।

184 ମୁଁ କହିଲି, "**ପ୍ରଭୁ ସଦାପ୍ରଭୁ ଏହି କଥା କୁହନ୍ତି,** ତୁମ୍ଭେ ତାହା ପ୍ରାପ୍ତ ହେଲ ।"

185 ଏବଂ ଏଠାରେ ସେମାନେ, ବିଶ୍ୱାସରେ ବାପ୍ତିଜିତ ହୋଇ ଉପସ୍ଥିତ ଅଛନ୍ତି । ସେମାନେ ମୋତେ ଅନ୍ୟ କୌଣସି ରାତିରେ କହୁଥିଲେ, ଏପରିକି, ଯେ ପାଦ ଧୋଉଥିବାର ସେହି ସବା ଛୋଟ ପିଲାଟି, ଯିଏକି ସେଠାରେ ଭାଇ ନେଭିଲଙ୍କ ମୁଣ୍ଡରେ ହାତ ରଖିଥିଲା, ଏବଂ ସେ ପାଦ ଧୋଇବା ସମୟରେ ତାଙ୍କ ପାଇଁ ପ୍ରାର୍ଥନା କରୁଥିଲା ।

186 ସେହି ଦୁଇଟି ଛୋଟ ପିଲାମାନେ ବୋଧହୁଏ ଆଜି ସକାଳେ ଏଠାରେ ସେବାରେ କୌଣସି ସ୍ଥାନରେ ବସିଛନ୍ତି । କଅଣ ସେମାନେ, ହେଟୀ, ସେମାନେ ତୁମ ସହିତରେ ଏଠାରେ ଅଛନ୍ତି କି? [ଭଉଣୀ ହେଟୀ କୁହନ୍ତି, "ସେମାନେ ସେଠାରେ ପଛରେ ଅଛନ୍ତି ।"—ସମ୍ପା ।] ପଛରେ, ସେହି ପଛରେ । ପିଲାମାନେ, ତୁମେମାନେ କେଉଁଠାରେ ଅଛ? ନିଜର ହାତ ଉଠାଅ । ସେହି ଦୁଇଟି ପିଲାମାନେ କେଉଁଠାରେ ଅଛନ୍ତି? ସେଠାରେ ସେମାନେ ପଛରେ, ଛିଡା ହୋଇଛନ୍ତି । ପରମେଶ୍ୱର ତୁମମାନଙ୍କୁ ଆଶୀର୍ବାଦ କରନ୍ତୁ । ଠିକ୍ ଅଛି । ସେଠାରେ ଆପଣ ଅଛନ୍ତି ।

187 ତେବେ, କଅଣ ଘଟିତ ହେଲା? ସେହି ସମାନ କଥା, ଏଥିରେ କିଛି ଯାଏଆସେ ନାହିଁ, ସେ ତ ତାହା ପ୍ରତି ଘଟୁଥିବାର ପାଇଥାଆନ୍ତେ…ସେ ଯାହା ମାଗିଥାନ୍ତେ, ସେ ତାହା ପାଇଥାଆନ୍ତେ । ସେ ତାହା ପାଇ ପାରିଥାନ୍ତେ ।

188 ବର୍ତ୍ତମାନ ମୁଁ ତାହା ଘଟିତ ହେବାର ଦେଖିବାକୁ ଚାହୁଁଛି । ଏହା ତ ସେହି ବାର୍ତ୍ତା ପ୍ରତି ଲୋକମାନଙ୍କର ମନୋଭାବ ହିଁ ହେବାକୁ ଯାଉଛି । ଦେଖନ୍ତୁ ସେ ଏହାକୁ କିପରି କହିଥିଲେ? ସେ ତ କେବଳ ସେହି ସଠିକ୍ କଥା ହିଁ କହିଥିଲେ । ଏହା ତ ତାହା ଯାହା କି ଆପଣମାନେ କୁହନ୍ତି, ତାହା ସେହି ବିଷୟକୁ ସାଧନ କରିଥାଏ । ଆପଣ ଯାହା କହିଥାଆନ୍ତି!

189 ସେହି ସୂରଫୈନିକିଆ ସ୍ତ୍ରୀଲୋକଙ୍କୁ ଦେଖନ୍ତୁ ଯେତେବେଳେ ସେ ଯୀଶୁଙ୍କ ନିକଟକୁ ଆସିଥିଲା । ସେ କହିଲା, "ପ୍ରଭୁ, ମୋ ଝିଅ ଏକ ଶୟତାନ ଦ୍ୱାରା ଅତିଶୟ ଗ୍ରସିତ ଅଟେ । ହେ ଦାଉଦଙ୍କ ସନ୍ତାନ, ଆସି ତାକୁ ସୁସ୍ଥ କର ।"

190 ସେ କହିଲେ, "ପିଲାମାନଙ୍କର ରୋଟୀ ନେଇ କୁକୁରମାନଙ୍କୁ ଦେବା ମୋ ପକ୍ଷରେ ଉଚିତ ନୁହେଁ ।"

191 ହ୍ୟା! କଅଣ ହୋଇଥାଆନ୍ତା ଯଦି ସେ ଆମମାନଙ୍କ ମଧ୍ୟରୁ କେତେକଙ୍କୁ ଏହା କହିଥାନ୍ତେ? ଆମେମାନେ କହିଥାଆନ୍ତୁ, "ମୋତେ ଏକ କୁକୁର ବୋଲି ଡାକୁଛ? ହୁଃ, ଯାହା ବି ହେଉ, ତାହାଙ୍କ ସହିତ କୌଣସି ସମ୍ବନ୍ଧ ନାହିଁ! ସେହି ବଡ ମଣ୍ଡଳୀଟି ହିଁ ଠିକ୍ ଅଛି । ସେ ଏକ ପବିତ୍ର-ପାଖଣ୍ଡ ବ୍ୟତୀତ ଆଉ କିଛି ହିଁ ନୁହଁନ୍ତି । ସେ କିଛି ନୁହଁ ବରଂ ଏକ ବାଆଲ୍‌ଜିବୁଲ୍ ଅଟେ ।" ଆମର ସେହି ମନୋଭାବ ରହିଥାଆନ୍ତା । କିନ୍ତୁ ତାର ନୁହେଁ ।

192 ସେ କହିଲା, "ପ୍ରଭୁ, ଏହା ସତ୍ୟ । ଆପଣ ଅବିକଳ ଠିକ୍ କହିଛନ୍ତି । କିନ୍ତୁ କୁକୁରମାନେ ସୁଦ୍ଧା ପିଲାମାନଙ୍କ ମେଜ ତଳେ ପଡିଥିବା ଗୁଣ୍ଡିଗୁଣ୍ଡା ଖାଇବାକୁ ଇଚ୍ଛୁକ ।"

193 ତାହା ତାହାଙ୍କ ମନକୁ ପାଇଗଲା । ସେ କହିଲେ, "ଏହି କଥା ହେତୁ, ଶୟତାନ ତୁମ ଝିଅକୁ ଛାଡିଦେଲା । ଏହି କଥା ହେତୁ!"

194 ବନ୍ଧୁଗଣ, ଏହା ଆପଣଙ୍କର ମନୋଭାବ ଅଟେ । କଅଣ ସେ ଏହା କହି ନାହାଁନ୍ତି କି? ବନ୍ଧୁଗଣ, ଆପଣଙ୍କୁ ଏହାକୁ ବିଶ୍ଵାସ କରିବାକୁ ପଡିବ । ଆପଣ, ମୋତେ ବିଶ୍ଵାସ ନ କରନ୍ତୁ, ମୁଁ ଜଣେ ମନୁଷ୍ୟ ଅଟେ; କିନ୍ତୁ ମୁଁ ଆପଣଙ୍କୁ ଯାହା କହୁଅଛି ଆପଣ ସେଥିରେ ବିଶ୍ଵାସ କରନ୍ତୁ, ସେହି ବାର୍ତ୍ତାକୁ ବିଶ୍ଵାସ କରନ୍ତୁ । ଯଦି ଆପଣ ବାର୍ତ୍ତାବହଙ୍କୁ ବିଶ୍ଵାସ କରନ୍ତି ନାହିଁ, ତେବେ ବାର୍ତ୍ତାକୁ ତ ବିଶ୍ଵାସ କରନ୍ତୁ । ଯଦି ଜଣେ ବ୍ୟକ୍ତି ଏକ ଟେଲିଗ୍ରାମ ସହିତ, ସେଠାରେ କୋଠରୀ ଭିତରକୁ ଆସନ୍ତି, ତେବେ ଯାଏ ଆସେ ନାହିଁ ଯେ କିଏ, ସେହି ଲୋକଟି କିପରି ଦେଖା ଯାଉଛନ୍ତି କିମ୍ବା ସେ କିଏ ଅଟନ୍ତି, ବଡ କି ଛୋଟ, ଆପଣ ତ ସେହି ଟେଲିଗ୍ରାମରେ ଯାହା ଅଛି ତାକୁ ବିଶ୍ଵାସ କରନ୍ତି, ସେହି ଲୋକଟିକୁ ନୁହେଁ । ପରମେଶ୍ଵର ମୋତେ ଆପଣମାନଙ୍କୁ କହିବା ପାଇଁ ପଠାଇ ଅଛନ୍ତି । ମୋର ପାଖରେ ଏକ ବାର୍ତ୍ତା ଅଛି । ପରମେଶ୍ଵର ମୋତେ ଆପଣମାଙ୍କୁ ଏହା କହିବା ପାଇଁ ପଠାଇ ଅଛନ୍ତି ଯେ ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛନ୍ତି, ପୁନେ ଯେ ସେ ଆଜି ସକାଳେ ଏଠାରେ ଅଛନ୍ତି । ସେ ଏହାକୁ ଚିହ୍ନ ଓ ଚମତ୍କାର ଦ୍ଵାରା ପ୍ରମାଣ କରିଅଛନ୍ତି, ଯେ ସେ ଏଠାରେ ଅଛନ୍ତି, ଏବଂ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ ନିଜର ଅସୁସ୍ଥତାରୁ ଆରୋଗ୍ୟ ହୋଇପାରନ୍ତି ଯଦି ଆପଣ ଆସିବା ସମୟରେ ସଠିକ୍ ମନୋଭାବକୁ ଗ୍ରହଣ କରିବେ । ଯେତେବେଳେ ଆମେ ***କେବଳ ବିଶ୍ଵାସ କର*** ଗୀତକୁ ଗାଇଥାଉ, କଅଣ ଆପଣ ତାହା କରିବେ କି?

195 ବର୍ତ୍ତମାନ ସେହି ଲୋକମାନେ ଯେଉଁମାନେକି ପ୍ରାର୍ଥନା କରାଇବାକୁ ଯାଉଛନ୍ତି, ସେମାନେ ଠିକ ଏଠାରେ ଉପରକୁ ଆସନ୍ତୁ ଏବଂ ଏଠାରେ ଆଖପାଖରେ ଧାଡିରେ ଛିଡା ହୋଇ ରୁହନ୍ତୁ । ତେବେ, ଯେପର୍ଯ୍ୟନ୍ତ ଆପଣ ନିଜର ସମସ୍ତ ହୃଦୟରେ ବିଶ୍ଵାସ ନ କରନ୍ତି, ସେପର୍ଯ୍ୟନ୍ତ ଆସନ୍ତୁ ନାହିଁ ।

196 ଅମୂଲ୍ୟ ପ୍ରଭୁ, ଏହା ସେହି ଘଡି ଅଟେ । ହେ ପ୍ରଭୁ, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଏହି ଲୋକମାନଙ୍କୁ ସୁସ୍ଥ କରିବ । ଏବଂ ଏହି ତେଲକୁ ପବିତ୍ର କର । ପିତା, ତୁମେ ନିଜ ପ୍ରତି ଗୌରବକୁ ନିଅ । ଆମେ ଏଗୁଡିକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପଠାଉଅଛୁ । ଆମେନ୍ ।

197 ମୁଁ ଆଶ୍ଚର୍ଯ୍ୟ କରେ ଯଦି ଆମେମାନେ ସେହି ଲୋକମାନଙ୍କୁ ପଚାରି ପାରିବା କି ଯେଉଁମାନେ ଏଠାରେ *ଏହି* ପାର୍ଶ୍ୱରେ ଛିଡା ହୋଇଅଛନ୍ତି, ଯଦି ସେଠାରେ ଏକ ବାଟ ହେବ ଯେପରିକି ସେମାନେ ଏଠାରେ ଅଳ୍ପ ଏକ ସ୍ଥାନ ପାଇପାରିବେ, ଯେଣୁ ଆମେ ଲୋକମାନଙ୍କୁ ଠିକ୍ ଆଣିପାରିବା, ଯଦି ଆପଣମାନେ ପାରନ୍ତି। ଠିକ୍ ଏଠାରୁ ଦେଇ, *ସେହି* ବାଟରୁ ବାହାରି ଯିବେ। ତାହାପରେ ସେମାନେ ଏହି ବାଟ ଦେଇ ସମଗ୍ର ଆସିପାରନ୍ତି, ଠିକ୍ ତଳ ପଂକ୍ତି ପର୍ଯ୍ୟନ୍ତ, ଯେପରିକି ସେହି ବାଟ ଦେଇ ଗୋଟିଏ ହିଁ ଧାଡି ବାହାରି ଯାଏ।

198 ଭାଇ ନେଭିଲ୍, କିଛି ଗୋଟାଏ ଘଟିବାକୁ ହିଁ ଅଛି। [ଭାଇ ନେଭିଲ୍ କୁହନ୍ତି, "ଆମେନ୍। ଏହା ତ ଠିକ ବର୍ତ୍ତମାନ ହିଁ ଘଟୁଅଛି। ପ୍ରଭୁଙ୍କର ସ୍ତୁତି ହେଉ! ଯୀଶୁ ଏଠାରେ ଅଛନ୍ତି। ହଁ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ସୁସ୍ଥ ହୋଇଛନ୍ତି।"—ସମ୍ପା।] ଆମେନ୍।

199 (କଅଣ କହୁଛ? ଠିକ୍...ତେବେ, ନା, ଠିକ୍ ସେହି ଆଖ ପାଖ ଦେଇ। ଭାଇ ନେଭିଲ୍ ଏବଂ ମୁଁ, ହଁ, ଆମେ ଶେଷରେ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ। ତେଣୁ, ସେମାନଙ୍କୁ ଏହି ବାଟ ଦେଇ ଆଣିପାରିବେ ନାହିଁ, କାରଣ ଆପଣ ହେବେ, ଯଦି ଆପଣ କରନ୍ତି, ତେବେ ଆପଣ ଯାଉଛନ୍ତି...ମାତ୍ର ଗୋଟିଏ ମିନିଟ୍...?...)

200 ତେବେ ମୁଁ ଅପେକ୍ଷାରତ ଦର୍ଶକବୃନ୍ଦଙ୍କୁ କହିବି: *ଏହା* ହେଉଛି ପରମେଶ୍ୱରଙ୍କ ବାକ୍ୟ, ଯାହାକୁ ମୁଁ...ଯଦ୍ୱାରା ମୁଁ ବଞ୍ଚିଅଛି, ଏବଂ ପରମେଶ୍ୱରଙ୍କ କୃପା ଏବଂ ସାହାଯ୍ୟରେ, ଯଦ୍ୱାରା ମରିବି। ପରମେଶ୍ୱର ମୋର ଏକମାତ୍ର ବିଚାରପତି ହୋଇଥିବା ସହ, ମୁଁ ଆପଣମାନଙ୍କୁ ସତ୍ୟ କହିଛି। ମୁଁ ଦେଖିଛି, ଏବଂ ଏହିସବୁ ବିଷୟ ଏହା ନିକଟକୁ ଆସୁଅଛି। ଏପରିକି ସେଠାରେ ତଳେ ବଞ୍ଚି ଉଠିଥିବା ସେହି ଛୋଟ ମାଛଠାରୁ ମଧ୍ୟ, କଅଣ ଆପଣ ସେହି କାହାଣୀ ଶୁଣିଛନ୍ତି କି? ସେଠାରେ ପଛରେ ସେହି ଲୋକମାନେ ବସିଛନ୍ତି, ସେମାନେ ଉଭୟେ, ଯେତେବେଳେ ଏହା ଘଟିଥିଲା ସେମାନେ ସେଠାରେ ଥିଲେ; ଏହା ଘଟିବାର ପୂର୍ବ ଦିନ ଏହାକୁ କହି ଦେଇଥିଲି। ତେବେ, ମୁଁ ଆପଣମାନଙ୍କୁ ଏହି ବିଷୟଗୁଡିକ କିପରି କହିପାରେ ଯାହା ଅଛି? ଦେଖନ୍ତୁ, ମୁଁ ଏହି ରାତିଗୁଡିକ ମଧ୍ୟରୁ ଗୋଟିଏ ରାତିରେ, *ଦ୍ୱିପାକ୍ଷିକ ସନ୍ତୁଳନ* ଅର୍ଥାତ୍ *Counterbalance* ଉପରେ ପ୍ରଚାର କରିବାକୁ ଚାହେଁ। ମଣିଷ ଆପଣଙ୍କୁ ଏପରି କିଛି କହିପାରେ, ଏବଂ କେବଳ ସେହିପରି ଭାବରେ ନିର୍ମାଣ କରିବା ଜାରି ରଖିପାରେ, କିନ୍ତୁ ଯଦି ସେଠାରେ ଏହାର ଦ୍ୱିପାକ୍ଷିକ ସନ୍ତୁଳନ ପାଇଁ କୌଣସି ଶାସ୍ତ୍ରାଂଶ ନ ଥାଏ, ତାହାହେଲେ ଏହା ଅବଶେଷରେ ପଡିଯିବ। ଯଦି ଏହି ସୁକ୍ଷ୍ମଦର୍ଶିତା, ଏବଂ ଏହି ଦର୍ଶନମାନ ଓ ବିଷୟମାନ ଯାହା ବିଷୟରେ ମୁଁ ଆପଣଙ୍କୁ କହିଅଛି, ଯଦି ତାହା ସତ୍ୟ ହୋଇ ନ ଥାନ୍ତା; ତେବେ ପ୍ରଥମ ବିଷୟ, ଏହାକୁ ସମର୍ଥନ କରିବା ପାଇଁ ସେଠାରେ ଏକ ବାଇବଲ ଅଛି, ଏବଂ ତାହାପରେ ମୁଁ ସତ୍ୟ କହିଅଛି ବୋଲି ପ୍ରମାଣ କରିବା ପାଇଁ ସେଠାରେ ପବିତ୍ରଆତ୍ମା ଥିଲେ।

201 ତେବେ, ମୁଁ ପ୍ରାୟଃ ଚଉଦ ବର୍ଷ ହେବ ପ୍ରଚାର କ୍ଷେତ୍ରରେ ରହିଆସିଛି, ପ୍ରତ୍ୟେକ ସେହି

ସମାଲୋଚକଙ୍କର ସମ୍ମୁଖୀନ ହୋଇଅଛି ଯାହା ମୋ ସମ୍ମୁଖରେ ଆସିପାରନ୍ତି । ଶିକ୍ଷିତ, ଚତୁର, ଅନ୍ୟ ସବୁକିଛି, ଥରୁଟିଏ ବି ଏପରି ହୋଇନାହିଁ ଯେ ସେମାନେ ପାରନ୍ତେ…

202 ତେବେ ଆପଣ ଜାଣିଛନ୍ତି ଯେ ସେମାନେ କଅଣ କହିଲେ? ଆପଣ ତାହା ଏଠାରେ ଶୁଣିଛନ୍ତି । ସେମାନେ କୁହନ୍ତି, "ଶ୍ରୋତାଗଣଙ୍କ ଭିତରେ ଥିବା ଲୋକମାନେ ଚାରିଆଡେ ବୁଲିବେ, ଲୋକମାନଙ୍କ ସହ କଥା ହେବେ ।" ପ୍ରଥମେ ସେମାନେ କହିଥିଲେ ଯେ ଏହା ମୋର ମଣ୍ଡଳୀର ଲୋକମାନେ ଥିଲେ, ଯେଉଁମାନେକି ତାହା କରିବା ପାଇଁ ସେଠାକୁ ଯାଆନ୍ତି । ତାହାପରେ ସେମାନେ ତାହା ପାଇପାରିଲେ ନାହିଁ, ସେମାନଙ୍କ ମଧ୍ୟରୁ ଅନେକେ ଅଛନ୍ତି ।

203 ପରବର୍ତ୍ତୀ କଥା ସେମାନେ କହିଥିଲେ, ଯେ, "ଏହା ସେହି ଭାଇମାନଙ୍କ ପରି ହେବ" ଯେଉଁମାନେକି ମୋ ସହିତ ଯାଆନ୍ତି, "ସେମାନେ ସେଠାରେ ପଛରେ ଛିଡା ହୋଇ ଏହା କୁହନ୍ତି, 'ଏହି ବ୍ୟକ୍ତିଙ୍କର ତାଙ୍କ କାନରେ, ଶୁଣିବାର ବିଷୟ ଅଛି ।'"

204 ତାହାପରେ ସେମାନେ କହିଲେ ଯେ, "ବିଲି ପଲ୍, ବିଲି ପଲ୍ ଆସିବେ ଏବଂ—ଏବଂ ସେଠାରେ ଉପରକୁ ଯାଇ କାର୍ଡକୁ ପଢିବେ, ଯାହା ଲୋକମାନେ କଅଣ କହିଥାଆନ୍ତି । ଯଦି ସେମାନଙ୍କ କାନରେ କିଛି ଗୋଟାଏ ଭୁଲ ଥାଏ, ତେବେ ସେ କହିବେ, 'ସେମାନଙ୍କର କାନ' କିମ୍ବା 'ସେମାନଙ୍କର ପେଟ ।'"

205 ତେବେ ବାହାର ଜଗତରେ ତାହା କିପରି ସେଠାରେ ହୋଇପାରେ ଯେଉଁମାନଙ୍କ ପାଖରେ କୌଣସି ପ୍ରାର୍ଥନା କାର୍ଡ ନାହିଁ? ସଂସାରରେ ଏହା କିପରି ସେହି ବିଷୟଗୁଡିକ ସମ୍ବନ୍ଧରେ ଆଗରୁ ଠିକ୍ ଠିକ୍ ଭାବରେ କହି ପାରିଥାଏ ଯାହା ସିଧା ଭାବରେ ଘଟିଥିଲା? ଏହା କିପରି ଭାବରେ ସେହିପରି ହୋଇପାରିବ? ଏହା ହୋଇପାରିବ ନାହିଁ । କେହି ବି ତାହା ଜାଣନ୍ତି, ଯେଉଁମାନଙ୍କର ପାଖରେ ସଠିକ୍ ମନ ଅଛି ।

206 ସେମାନେ ଯୀଶୁଙ୍କ ବିଷୟରେ ସେହି ସମାନ କଥା କହିଥିଲେ, ଯେତେବେଳେ ଫିଲିପ୍ପ ଯାଇ ନିଥନିୟେଲ୍‌ଙ୍କ ଦେଖା ପାଇଲେ । "ସେ ଯୀଶୁଙ୍କର ଜଣେ ବନ୍ଧୁ ଥିଲେ ।" ସେ କହିଲା, "ନିଶ୍ଚିତରେ, ସେ ଯୀଶୁଙ୍କୁ ସେସମସ୍ତ ବିଷୟରେ କହିଲେ । ସେ ତାଙ୍କ ପଛେ ପଛେ ଯାଉଛନ୍ତି ।"

207 ଏବଂ ତାହପରେ ସେହି ଶିଷ୍ୟମାନେ କହିଲେ, କିମ୍ବା ସେହି ବଡ଼ ମଣ୍ଡଳୀର ଶିଷ୍ୟମାନେ କହିଲେ, "ଏହି ବ୍ୟକ୍ତି ହେଉଛନ୍ତି ବାଆଲ୍‌ଯିବୂଲ୍ । ସେ ବାଆଲ୍‌ଯିବୂଲ୍ ଅଟନ୍ତି । ସେ ଜଣେ କୁହୁକ ବିଦ୍ୟାକାରୀ ଅଟନ୍ତି ।"

208 ଯୀଶୁ କହିଲେ, "ମୁଁ ଏଥିପାଇଁ ତୁମକୁ କ୍ଷମା କରି ଦେବି । ମାତ୍ର କୌଣସି ଦିନେ ପବିତ୍ରଆତ୍ମା ସେହି ସମାନ କାର୍ଯ୍ୟ କରିବାକୁ ଆସୁଛନ୍ତି, ତାହା ବିରୁଦ୍ଧରେ ଗୋଟିଏ ହେଲେ ଶବ୍ଦ କହିବା କେବେବି କ୍ଷମା ହେବ ନାହିଁ ।" ବର୍ତ୍ତମାନ ଯଦି…

209 ମୁଁ ଆପଣ ଲୋକମାନଙ୍କ ସହିତ ସଚ୍ଚୋଟ ରହିଆସିଛି, ଠିକ ଯେତିକି ସଚ୍ଚୋଟ ରହିବା ମୁଁ ଜାଣେ । ଓଃ, ହୋଇପାରେ ଯେ ମୁଁ ହୁଏତ ଏପରି କିଛି ବିଶ୍ୱାସମତ ବିରୁଦ୍ଧରେ କହିଥାଇପାରେ ଯାହା ଆପଣଙ୍କର ସାମାନ୍ୟ ଧର୍ମଶାସ୍ତ୍ର ବିଦ୍ୟା ଏବଂ ବିଷୟଗୁଡିକରେ ରହିଛି । ମାତ୍ର, ମୋର

ଏହା କରିବାର କାରଣ ହେଉଛି, ପାଉଲ କହିଛନ୍ତି, "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ଆସି ଯାହା ବାଇବଲ କହିଥାଏ ଏବଂ ଯାହା ସେ ଶିଖାଇଛନ୍ତି," ତାହା ବ୍ୟତୀତ ଅନ୍ୟ କୌଣସି ବିଷୟ ପ୍ରଚାର କରନ୍ତି, "ତେବେ ସେ ଶାପଗ୍ରସ୍ତ ହେଉ।"

210 ତେଣୁ, ମୋତେ ତାହା ହିଁ ଅନୁସରଣ କରିବାକୁ ଅଛି ଯାହା ବାଇବଲ କୁହେ। ଯଦି ବାଇବଲ କୁହେ, "ସେ ଗତକାଲି ଏବଂ ଚିରକାଳ ସମାନ ଅଟନ୍ତି," ମୁଁ ତାହା ବିଶ୍ୱାସ କରେ। ବାଇବଲ କେବଳ ଯାହାକିଛି କହିଥାଏ, ତାହା ହିଁ ଅଟେ ଯାହା ମୁଁ ଅବିକଳ ବିଶ୍ୱାସ କରେ। ମୁଁ କେବଳ ଏହାକୁ ସେହିପରି ହିଁ କହିଥାଏ। ମୋ ପାଖରେ କୌଣସି ଶିକ୍ଷା ନାହିଁ, କୌଣସି ତାଲିମ ନାହିଁ। ମୁଁ ତ କେବଳ ପବିତ୍ରଆତ୍ମା ଏବଂ ବାଇବଲକୁ ହିଁ ଶୁଣିଥାଏ। ଏବଂ ଏପର୍ଯ୍ୟନ୍ତ, ଏହି ଇଷ୍ଟର ସକାଳ ପର୍ଯ୍ୟନ୍ତ, ଏକ-ତିରିସ ବର୍ଷ ହେଲାଣି, ସେ ମୋତେ କେବେହେଲେ ବି ହତାଶ କରି ନାହାଁନ୍ତି।

211 ଏବଂ ମୁଁ ଆପଣଙ୍କୁ କହୁଛି ଯେ ପବିତ୍ରଆତ୍ମା ହିଁ ମୋତେ ସେହି ଆଗାମୀ ସେବାକାର୍ଯ୍ୟ ବିଷୟରେ, ଗତ ଦୁଇ ତିନି ବର୍ଷ ହେଲାଣି କହିଥିଲେ, ଏବଂ ମୁଁ ସବୁଆଡେ ମଣ୍ଡଳୀଗୁଡ଼ିକୁ କହିଅଛି। ଏବଂ ସର୍ବଶକ୍ତିମାନ୍ ପରମେଶ୍ୱର ମୋର ବିଚାରକର୍ତ୍ତା ଭାବରେ, ଠିକ୍ ଏହିଠାରେ ଶାଲେମ୍‌ର ଏହି ପାର୍ଶ୍ୱରେ, ସେହି ଗୁଣ୍ଡିଚାମୂଷାଗୁଡ଼ିକ ଅସ୍ତିତ୍ୱରେ ଆସିଲେ ଯେଉଁଠାରେ କୌଣସି ଗୁଣ୍ଡିଚାମୂଷା ହିଁ ନାହାଁନ୍ତି। ସେଠାରେ ଚାର୍ଲିଙ୍କ ସହିତ ଠିକ୍ ତଳେ, ପଛରେ ସେଠାରେ ଛିଡା ହୋଇଥିଲି ଏବଂ ସେମାନଙ୍କ ମଧ୍ୟରୁ ଅନେକେ ତଳେ ଏଠାରେ କେଣ୍ଟକିରେ; ସେହି ଗୁଣ୍ଡିଚାମୂଷାଗୁଡ଼ିକ ଠିକ ସେହି ସ୍ଥାନସବୁରେ ଆସିଥିଲେ ଯେଉଁଠାରେ ସେମାନେ ନ ଥିଲେ, ମାତ୍ର ଏହା କହିଥିଲେ ଯେ ତାହା କେଉଁଠାରେ ହେବ। ଯେଉଁଠାରେ ଭାଇ ଟନି ଏବଂ ସେମାନେ, ଭାଇ ବ୍ୟାଙ୍କସ, ସେଠାରେ ବସିଥିଲେ। ଏବଂ ତାହା ଠିକ୍ ସେହିଠାରେ, ହୋଇଥିଲା। ଠିକ ଫେରିଆସି, ଏବଂ ସେହି ପ୍ରଥମ ମନୁଷ୍ୟ ଯାହା ସମ୍ବନ୍ଧରେ ଏହା କଦାଚ କୁହାଯାଇଥିଲା, ତାହା ସେହି ସ୍ତ୍ରୀଲୋକ ଥିଲେ ଯିଏ ଠିକ୍ ସେଠାରେ ବସିଛନ୍ତି, ଏବଂ ତାହା ଏଠାରେ ଅଛି। ଅନ୍ୟଦିନ ସକାଳେ ସେଠାରେ ଉପରେ, ଯେତେବେଳେ ମୁଁ ସେହି ଗଳାର ଅବସ୍ଥାରେ ଅସୁସ୍ଥ ଥିଲି, ମୁଁ ଯୀଶୁଙ୍କୁ ମୋ ସମ୍ମୁଖରେ ଠିଆ ହେବାର ଦେଖିଲି, ଏବଂ ସେ ମୋତେ କହିଥିଲେ ଯେ ସେହି ସେବାକାର୍ଯ୍ୟଟି ମୋ ପ୍ରତି ସୁନିଶ୍ଚିତ କରାଯାଇଛି।

212 ତେବେ କଅଣ ଘଟିବାକୁ ଅଛି, ମୁଁ ଜାଣେ ନାହିଁ। କିନ୍ତୁ, ଗୋଟିଏ କଥା, ମୋତେ ଏହି ସେବାକାର୍ଯ୍ୟକୁ ପାଦ ଦେବା ପାଇଁ, ଅନ୍ୟଟିକୁ ଏକ ପାର୍ଶ୍ୱରେ ଅଲଗା ରଖିବାକୁ ପଡିବ। ଏହା କରିବାର ଏକମାତ୍ର ଉପାୟ ଯାହାକି ମୁଁ ଜାଣେ। ବର୍ତ୍ତମାନ ଏହା ବିଦିତ ହେଉ, ଏହାକୁ ଖୋଦିତ କରାଯାଉ, ଆୟୁବ କହିଥିବା ପରି ଆଜି ସକାଳେ, ଏକ ଲୁହା କଲମ ସାହାଯ୍ୟରେ, ଏକ ପଥର ଉପରେ ତାହା ଲେଖାଯାଉ। ମୁଁ ଜାଣେ ନାହିଁ ଯେ କଅଣ କରିବାକୁ ଅଛି। କେବଳ ମାତ୍ର ବିଷୟ ଯାହା ମୁଁ ଜାଣେ, ତାହା ହେଉଛି ଆଗକୁ ବଢ଼ିବା। ସେ ମୋତେ କହିଥିଲେ। ଏବଂ ପରମେଶ୍ୱର ମୋର ବିଚାରକର୍ତ୍ତା ଅଟନ୍ତି, ସେ ମୋତେ କହିଥିଲେ। ମୁଁ ଆପାଣମାନଙ୍କୁ ସତ୍ୟ କହିଅଛି।

ଏବଂ ଯଦି ପରମେଶ୍ୱର ସୁନିଶ୍ଚିତ କରିଅଛନ୍ତି ଏବଂ ଆପଣଙ୍କୁ କହିଅଛନ୍ତି, ଏବଂ ଏଠାରେ ଏପରି କେହି ବି ନାହାଁନ୍ତି ଯିଏକି ଗୋଟିଏ ଥର ହେଲେ ଏପରି କୌଣସି ବିଷୟ ଉପରେ ସେମାନଙ୍କର ହାତ ରଖି ଦେଇପାରିବେ ଯାହାକି ଭୁଲ୍ ହୋଇଥିଲା, ତାହାହେଲେ ଏହା ମଧ୍ୟ, ଠିକ୍ ଅଟେ । ଏହା ମଧ୍ୟ, ଠିକ୍ ଅଟେ ।

213 ବର୍ତ୍ତମାନ ଯେତେବେଳେ ମୁଁ ଏଠାକୁ ଯାଇ ଧାଡିର ଶେଷରେ ଠିଆ ହୁଏ, ଲୋକମାନଙ୍କୁ ଅଭିଷେକ କରିବା ପାଇଁ, ମୋର ସଙ୍ଗରେ ପ୍ରାଚୀନ, ଭାଇ ନେୱିଲ୍, ଜଣେ ଈଶ୍ୱରପରାୟଣ ବ୍ୟକ୍ତି, ଏଠାରେ ଆମର ପାଳକ ସହିତରେ ଅଛନ୍ତି, ମୁଁ ଲୋକମାନଙ୍କ ଉପରେ ହାତ ରଖିବାକୁ ଯାଉଅଛି, କାରଣ ଇଷ୍ଟର ପରେ, ଯୀଶୁଙ୍କର କାର୍ଯ୍ୟଭାର, ଥିଲା, "ଯାଇ ରୋଗୀମାନଙ୍କ ଉପରେ ହାତ ରଖ, ସେମାନେ ସୁସ୍ଥ ହେବେ ।"

214 ମୁଁ ଜାଣେ ନାହିଁ ଯେ ସେ ମୋତେ ପଂକ୍ତିରେ କଅଣ କହିବାକୁ ଯାଉଛନ୍ତି । ମୁଁ ସେହି ସର୍ବୋତ୍କୃଷ୍ଟ ଅଭିଷେକ ନିମନ୍ତେ ଅନୁଭୂତିକୁ ପାଇବା ପାଇଁ ଚେଷ୍ଟା କରିବାକୁ ଯାଉଅଛି । ମୁଁ ଜାଣେ ନାହିଁ ଯେ କଅଣ ଘଟିତ ହେବ । ମୁଁ ଜାଣେ ନାହିଁ । ତାହା ଯାହାକିଛି ବି ହେଉ, ସେ ମୋତେ ଯେପରି କୁହନ୍ତି ମୁଁ ଠିକ ତାହାହିଁ କରିବି ।

215 ବର୍ତ୍ତମାନ ଆସନ୍ତୁ, ପୂର୍ଣ୍ଣ ହୃଦୟ ସହିତ କରି ଆସନ୍ତୁ । ଏଥିରେ କିଛି ଯାଏଆସେ ନାହିଁ ଯଦି ସେ ଆପଣଙ୍କୁ ଭର୍ତ୍ସନା କରନ୍ତି, ଯଦି ସେ ଆପଣଙ୍କୁ କିଛି ହିଁ କୁହନ୍ତି ନାହିଁ, ଏହା ଯାହାକିଛି ହେଉ ନା କାହିଁକି, ଆପଣ ତାହାଙ୍କୁ ଧନ୍ୟବାଦ ଦେଇ ଯାଆନ୍ତୁ, ଆପଣ ଦେଖନ୍ତୁ । କାରଣ, କାମ ସରିଯାଇଛି, ଏହା ତ ଆପଣଙ୍କ ପାଖକୁ ପହଞ୍ଚିବାର କିଛି ଉପାୟ ଅଟେ ।

216 ବର୍ତ୍ତମାନ, ଭାଇ, ସେହି ଗୋଡ ସହିତ, ମୁଁ ଚାହେଁ ଯେ ଆପଣ ଏହାକୁ ବିଶ୍ୱାସ କରନ୍ତୁ । ଯଦି ସେ, ଟେଲିଫୋନ୍ ଯୋଗେ, ସେହି ପେଟ ସମସ୍ୟାକୁ ଆପଣଙ୍କ ଠାରୁ ଦୂରେଇ ନେଇପାରନ୍ତି, ତାହାହେଲେ ସେ ନିଶ୍ଚିତ ଭାବରେ ଆଜି ସକାଳେ ସେହି ଗୋଡର ଅବସ୍ଥାକୁ ଆପଣଙ୍କଠାରୁ ଦୂରେଇ ଦେଇପାରିବେ, ଦେଖନ୍ତୁ । ବର୍ତ୍ତମାନ ଆପଣ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ ।

217 ଏବଂ ସେହି ଛୋଟ ଶିଶୁ ସହିତ ଥିବା ମହିଳାଜଣକ ଯାହାରକି ହୃଦୟ ସମସ୍ୟା ଥିଲା, ତିଳେ ମାତ୍ର ସନ୍ଦେହ କରନ୍ତୁ ନାହିଁ । ବିଶ୍ୱାସ କରନ୍ତୁ! ବିଶ୍ୱାସ କରନ୍ତୁ!

218 ବର୍ତ୍ତମାନ ମୁଁ ଚାହେଁ ଯେ ମଣ୍ଡଳୀରେ ଥିବା ସମସ୍ତେ ପ୍ରାର୍ଥନାରେ ରୁହନ୍ତୁ । ଏବଂ ମୁଁ ପ୍ରାର୍ଥନା କରିବାକୁ ଯାଉଅଛି । ଆପଣମାନେ ସମସ୍ତେ ବର୍ତ୍ତମାନ ପ୍ରାର୍ଥନାରେ ରୁହନ୍ତୁ, ଯେତେବେଳେକି ମୁଁ ଏହି ପ୍ରାର୍ଥନା ପଂକ୍ତିକୁ ନେବାକୁ ଯାଏ, ନିବେଦନ କରିବାକୁ ଯାଏ, ନିଜର ହାତକୁ କେବଳ ସେମାନଙ୍କ ଉପରେ ରଖି ଆଶୀର୍ବାଦ ମାଗିବାକୁ ଯାଏ ।

219 ଏବଂ, ମନେରଖନ୍ତୁ, ଯଦି ଆପଣଙ୍କର ଏପରି କୌଣସି ଅସ୍ୱୀକୃତ ପାପ ରହିଛି, ତେବେ ଏହା ଜାଣି ରଖନ୍ତୁ ଯେ ପରମେଶ୍ୱର ଆପଣଙ୍କୁ କଦାପି ସେହି ଅସ୍ୱୀକୃତ ପାପ ସହ ସୁସ୍ଥ କରିବେ

ନାହିଁ । ଆପଣ ଏଠାକୁ ଆସିବା ପୂର୍ବରୁ, ଏହାକୁ ଠିକ୍ କରି ନିଅନ୍ତୁ, କାରଣ ଏହା ଆପଣଙ୍କୁ ଅଧିକ ମନ୍ଦ କରି ଦେଇପାରେ । ବୁଝିଲେ?

220 ତେବେ ଏହା ଗୁପ୍ତ ବିଚାରଗୁଡିକର ପ୍ରକଟୀକରଣରେ ନୁହେଁ । ଗୁପ୍ତ ବିଚାରଗୁଡିକର ପ୍ରକଟୀକରଣରେ, ମୁଁ ସେହି ବିଷୟଗୁଡ଼ିକୁ ପ୍ରାପ୍ତ କରିଥାଏ । ମାତ୍ର, ଏବଂ ଏହା ଗୁପ୍ତ ବିଚାରଗୁଡିକର ପ୍ରକଟୀକରଣ ନୁହେଁ, ମୁଁ ତ ଏକ ନୂତନ ସେବାକାର୍ଯ୍ୟର ଅନ୍ୱେଷଣ କରୁଅଛି । କଅଣ ଆପଣ ସମସ୍ତେ ଭଲ ଭାବରେ ବୁଝୁଛନ୍ତି? ଠିକ୍ ଅଛି । ବର୍ତ୍ତମାନ ବିଶ୍ୱାସ କରନ୍ତୁ ।

ତେବେ ଆସନ୍ତୁ ଆମେମାନେ ମସ୍ତକ ନତ କରିଥିବା ବେଳେ ପ୍ରାର୍ଥନା କରୁ ।

221 ପିତା ପରମେଶ୍ୱର, ମୋର ଆଙ୍ଗୁଠି ଛାପଗୁଡିକ, ଏବେ ସୁଦ୍ଧା ଘଣ୍ଟା ଘଣ୍ଟା ଧରି ଏହି ପ୍ରଚାର ମଞ୍ଚ ଉପରେ ରହିଛି, ବର୍ତ୍ତମାନ ପ୍ରାୟଃ ତିରିଶ ବର୍ଷ କିମ୍ୱା ତାହାଠାରୁ ଅଧିକ ହେବ, ଯେ ମୁଁ ଏଠାରେ ଏବଂ ସାରା ବିଶ୍ୱରେ, ପ୍ରଚାର କରି ଠିଆ ହୋଇଛି । ଏବଂ ତୁମେ ସେହି ସୁସମାଚାରକୁ ନିଶ୍ଚିତ କରିଅଛ ଯାହା ମୁଁ ପ୍ରଚାର କରିଅଛି, କାରଣ ସେହି ବାର୍ତ୍ତା ତୁମଠାରୁ ଆସିଛି । ମୁଁ କେବେବି କୌଣସି ବିଦ୍ୟାଳୟକୁ ଗଲି ନାହିଁ, ତୁମ ବ୍ୟତୀତ ଅନ୍ୟ କାହାରି ସହିତ ପରାମର୍ଶ କଲି ନାହିଁ, କେବଳ ତୁମର ବାକ୍ୟ ପଢି ଆତ୍ମା କଅଣ କହିବେ ତାହା ଦେଖିବା ପାଇଁ ଅପେକ୍ଷାରେ ରହିଲି ।

222 ଏବଂ ବର୍ତ୍ତମାନ, ପ୍ରଭୁ, ତୁମେ ମାର୍କ 11:23 ର ଏହି ସେବାକାର୍ଯ୍ୟ ବିଷୟରେ ଜାଣିଛ, ଏବଂ ଏହା ଜାଣି ଯେ ସମୟ ପାଖେଇ ଆସୁଛି, ଏହା ଜାଣି ଯେ ମୁଁ ସେହି ଗୁଣ୍ଡିଚାମୂଷାଗୁଡିକ ବିଷୟରେ, ଏବଂ ଭଉଣୀ ହେଟୀ ଏବଂ ତାଙ୍କ ପୁଅମାନଙ୍କ ବିଷୟରେ ସତ୍ୟ କହିଛି । ତେବେ, ହେ ପିତା, ଏବଂ ଏହା ଜାଣି ଯେ ସେହି ଦର୍ଶନଟି ଅନ୍ୟ ଦିନ ସକାଳେ, ସେହି ବିଛଣାରେ ମୋ ପାଖକୁ ଆସିଥିଲା । ମୁଁ ସେହି ବାଇବଲ, ଏବଂ ପରେ ସେହି କୃଶ, ଏବଂ ତାହାପରେ ତୁମକୁ ଦେଖିଲି । ଏବଂ ମୋ ମନରେ ପ୍ରକାଶ ପାଇଲା ଯେ ମୋତେ ଏହାକୁ ଗ୍ରହଣ କରିବାକୁ ଅଛି, କାରଣ ଏହା ସୁନିଶ୍ଚିତ ହୋଇଅଛି ।

223 ତେବେ, ହେ ପ୍ରଭୁ, ଏହି ଇଷ୍ଟର ସକାଳରେ ଏଠାରେ ଠିଆ ହେବା ପାଇଁ, ମୁଁ ଆଜି ସକାଳେ ମୋ ମଣ୍ଡଳୀରେ ଆଗକୁ ଯାଉଅଛି, ଏହା ପ୍ରାର୍ଥନା କରି ଯେ ତୁମେ ମୋତେ ଲୋକମାନଙ୍କ ପାଇଁ, ଅଧିକ ଶକ୍ତିଶାଳୀ ଭାବେ, ଏକ ନୂତନ ବରଦାନରେ, ଅଧିକ ଶକ୍ତିଶାଳୀ ଭାବରେ ଉଠାଇବ । ମୋର ପରିତ୍ରାଣ ହେତୁ ନୁହେଁ; କାରଣ ହେ ପ୍ରଭୁ, ତୁମ୍ଭେ ମୋତେ ଆଗରୁ, ରକ୍ଷା କରିସାରିଛ । ନିଜ ପାଇଁ ନୁହେଁ; ତୁମକୁ ଜାଣିବା ପାଇଁ, ତ ମୁଁ ସମସ୍ତ ମହତ୍ ବିଷୟକୁ ପ୍ରତ୍ୟାଖ୍ୟାନ କରିଅଛି । ଯେପରିକି ତୁମେ ମୋତେଅନ୍ୟଦିନ, ସେହି ବୃହତ୍ ଆରାଧନାଳୟରେ ମୋତେ କହିଥିଲ, "ମୁଁ ତୁମର ଅଂଶ ଅଟେ ।" ବର୍ତ୍ତମାନ, ହେ ପ୍ରଭୁ, ମୋତେ ତୁମର ଅଂଶ ହେବାକୁ ଦିଅ, ଯେଣୁ ମୁଁ ତୁମ ଠାରେ ଅନୁଗ୍ରହ ପାଇପାରେ, ଯେ ତୁମର ଆତ୍ମା ମୋ ଭିତରକୁ ଆସିବ । ଏବଂ ଯେତେବେଳେ ମୁଁ ଏହି ମୂଲ୍ୟବାନ, ଯନ୍ତ୍ରଣା ଭୋଗୁଥିବା ଲୋକମାନଙ୍କ ଉପରେ ମୋର ହାତକୁ ରଖେ, ଏହା ହେଉ ଯେ ହେ ସଦାପ୍ରଭୁ, ତୁମ୍ଭର ଆତ୍ମା,

ଅବଶିଷ୍ଟ କାର୍ଯ୍ୟକୁ କରନ୍ତୁ । ପ୍ରଭୁ, ତାହା ହିଁ ସବୁକିଛି ଅଟେ ଯାହାକି କିପରି କରିବାକୁ ଅଛି ବୋଲି ମୁଁ ଜାଣେ ।

224 ମୁଁ ମୋର କାର୍ଯ୍ୟଭାର ମନେ ରଖିଛି, ଯେ ମୋର ଜନ୍ମ "ଅସୁସ୍ଥ ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବାକୁ, ସେମାନଙ୍କୁ ବିଶ୍ୱାସ କରାଇବାକୁ, ଏବଂ ଯେତେବେଳେ ତୁମେ ପ୍ରାର୍ଥନା କର ସେତେବେଳେ ସତ୍ୟନିଷ୍ଠ ହୋଇ ରହିବାକୁ" ହୋଇଥିଲା । ପ୍ରଭୁ, ମୁଁ ତ ମାତ୍ର...ମୁଁ ଜାଣେ ନାହିଁ ଯେ କିପରି ଆହୁରି ଅଧିକ ସତ୍ୟନିଷ୍ଠ ହେବି । ମୁଁ—ମୁଁ...ପ୍ରଭୁ, ସେମାନେ ଯନ୍ତ୍ରଣା ଭୋଗୁଛନ୍ତି । ଏବଂ ମୁଁ—ମୁଁ ନିଜେ, କଷ୍ଟ ପାଇଛି । ଦୟାକରି, ପ୍ରିୟ ପରମେଶ୍ୱର, ଏହା ପ୍ରଦାନ କର ଯେ ସେମାନେ ଯେପରି ପ୍ରତ୍ୟେକେ, ସୁସ୍ଥ ହୋଇଯିବେ ।

225 ପ୍ରଭୁ, ମୁଁ ବର୍ତ୍ତମାନ, ବିଶ୍ୱାସ ଦ୍ୱାରା ଆଗକୁ ବଢୁଛି, ଯେପରିକି ମୋଶା ସୂଫ ସାଗର ଆଡକୁ ବଢିଥିଲେ । ମୁଁ ଏହି ପବିତ୍ର ପ୍ରଚାରମଞ୍ଚରୁ, ତଳେ ଏହି ପ୍ରାର୍ଥନା ପଂକ୍ତି ଆଡକୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆଗଉଛି । ଏହା ହେଉ ଯେ ସେହି ପରମେଶ୍ୱର ଯିଏ ମୋତେ ସେହି ଗୁଣ୍ଡିଚାମୁଷା ଗୁଡିକୁ ଦେଇଥିଲେ, ସେହି ପରମେଶ୍ୱର ଯିଏ ଭଉଣୀ ହେଟୀଙ୍କୁ ସେହି କଥାମାନ ଦେଇଥିଲେ, ସେହି ପରମେଶ୍ୱର ଯିଏ ମୋତେ ସେମାନଙ୍କ ସହ କଥା କହିବାକୁ ଦେଇଥିଲେ, ସେ ମୋ ସହିତ ଯାଆନ୍ତୁ । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଯାଉଅଛି । [ଭାଇ ବ୍ରାନହାମ୍ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ମାଇକ୍ରୋଫୋନ୍ ଛାଡି ଚାଲିଯାଆନ୍ତି, ତାଙ୍କର ଅନେକ କଥା ଅସ୍ପଷ୍ଟ ଅଟେ—ସମ୍ପା ।]

226 ଶୟତାନ, ମୁଁ ତୋତେ...ଧମକ ଦେଉଛି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେହି ଶିଶୁଟିକୁ ଛାଡି ଦେ । ଏହାକୁ ଛାଡି ଦେ, ଏହି ପିଲାଠାରୁ ବାହାରି ଆସ; ଯା, ଏବଂ ଶିଶୁଟି ସୁସ୍ଥ ହୋଇଯାଉ ।

227 ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୋ ଭାଇ ଉପରେ ହାତ ରଖୁଛି, ଏବଂ ତାଙ୍କ ଶରୀରର ଦୁଃଖ-ଯାତନାକୁ ଧମକ ଦେଉଛି । ଆମେନ୍ ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେ ସ୍ତ୍ରୀକୁ ତାର ଅନୁରୋଧ ପ୍ରଦାନ କର ।

228 ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଭଉଣୀ ରୁତକୁ ତାଙ୍କର ଆରୋଗ୍ୟତା ପ୍ରଦାନ କର । ଆମେନ୍ ।

229 ମୁଁ ଶିଶୁଟି ପାଇଁ ପ୍ରାର୍ଥନା କରିବି । କିନ୍ତୁ ମୁଁ—ମୁଁ ସେହି ପ୍ରଚାରମଞ୍ଚରୁ ଓହ୍ଲାଇ ଆସିଛି... ଆପଣ କେଉଁଠାରେ ବାସ କରନ୍ତି? [ଭଉଣୀ କୁହନ୍ତି, "ବ୍ଲୁମିଙ୍ଗଟନ୍"—ସମ୍ପା ।] ବ୍ଲୁମିଙ୍ଗଟନ୍, ଇଣ୍ଡିୟାନା? ଏହି ଶିଶୁ ବିଷୟରେ ମୋତେ ଏକ ଚିଠି ଲେଖ । ବର୍ତ୍ତମାନ ଏଠାରେ ପେଟ ସର୍ବ ପ୍ରକାରେ ଫୁଲିଯାଇଛି । ହେ ମହିଳା, କଅଣ ଆପଣ ବିଶ୍ୱାସ କରିବାକୁ ଯାଉଛନ୍ତି କି, ଯେ ଏହା ଠିକ୍ ଅଟେ? ["ମୁଁ ବିଶ୍ୱାସ କରେ ଏହା ଠିକ୍ ଅଟେ ।"]

230 ତେବେ, ହେ ପିତା, ମୁଁ ଏହି ଶିଶୁ...ଉପରେ ମୋର ହାତକୁ ରଖୁଛି, ଏବଂ ଏହି ଶୟତାନକୁ ଧମକ ଦେଉଛି । ସେହି ଶିଶୁଠାରୁ ଚାଲି ଯା । ଏବଂ ହେଉ ଯେ...?...ବର୍ତ୍ତମାନ ହିଁ ଏହା ସ୍ୱାଭାବିକ ହେଉ ଏବଂ ଶିଶୁଟି ସୁସ୍ଥ ହେଉ ।

ଆପାଂ ମୋତେ ଦୁଇ ଦିନ ମଧ୍ୟରେ, ଏକ ଚିଠି ଲେଖନ୍ତୁ ।

231 ସେହି ଛୋଟ ଟେରା-ଆଖି ବିଶିଷ୍ଟ ଶିଶୁଟି ସେଠାରେ ଶୋଇଥିବାର ଦେଖୁଛନ୍ତି କି? ଯଦି ଆପଣ ଆଉ ଅଧିକ ସନ୍ଦେହ ନ କରିବେ, ତାହାହେଲେ ଆପଣ ସେହି ଶିଶୁଟିକୁ ଫେରାଇ ଆଣିବେ ଏବଂ ଏହାକୁ ସାଧାରଣ ଏବଂ ଭଲ ବୋଲି ଦେଖାଇବେ ।

232 ମୁଁ ଏହି ଭଉଣୀ ଉପରେ ହାତକୁ ରଖୁଛି । ଏବଂ ଏହା ହେଉ ଯେ ସେ ସେହି ସୂରଫୈନୀକୀୟା ସ୍ତ୍ରୀଲୋକ ପରି ମନୋଭାବ ପୋଷଣ କରନ୍ତୁ । ଏବଂ ଏହା ହେଉ ଯେ ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସୁସ୍ଥ ହୁଅନ୍ତୁ...?...

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେହି ହୃଦୟଟି ସୁସ୍ଥ ହେଉ ।

233 ମୁଁ ଏହି ଶବ୍ଦଗୁଡିକ କହୁଛି । ଏହାକୁ ଭଲ ହେବାକୁ ହିଁ ଅଛି । ଏହା ଅନ୍ୟ କିଛି ହୋଇପାରେ ନାହିଁ । ଯୀଶୁ କହିଲେ, "ମୁଁ କରିପାରେ, ଯଦି ତୁମେ ବିଶ୍ୱାସ କରିବ ।" ତେବେ, ଯଦି ସେ ଏକ ଗୁଣ୍ଡିଚାମୂଷାକୁ ଠିକ୍ ସେହିପରି ଗଢି ଦୃଶ୍ୟରେ ଆଣି ପାରନ୍ତି, ଯେପରିକି ସେ ଥରେ ମେଷଟିକୁ ସୃଷ୍ଟି କରି ଦୃଶ୍ୟକୁ ଆଣିଥିଲେ, ତାହାହେଲେ ସେ ସେହି ହୃଦୟକୁ ମଧ୍ୟ ସ୍ୱାଭାବିକ ଏବଂ ଭଲ କରି ପାରନ୍ତି । ଏହା ହେବାକୁ ହିଁ ଅଛି ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେହି ହୃଦୟଟି ସୁସ୍ଥ ହେଉ । ଏହାକୁ ଅନୁମୋଦନ କର ।

234 ତେବେ, କଅଣ ତାହା ସରଳ ନୁହେଁ କି? ଏହା ସରଳ ଅଟେ । ପରମେଶ୍ୱର ଏତେ ସରଳ ଅଟନ୍ତି, ଆମେ ଏହା ଉପରେ ଦୌଡି ଚାଲି ଯାଇଥାଉ । ବର୍ତ୍ତମାନ ଆପଣ ଏତେ ସରଳ ହୋଇଯାଆନ୍ତୁ ଯେ ଏ ବିଷୟରେ ଆଉ ଅଧିକ ଚିନ୍ତା ମଧ୍ୟ ନ କରନ୍ତୁ । ଏହାସବୁ ଠିକ୍ ହୋଇଯିବ ।

235 ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମର ଭଉଣୀ ସୁସ୍ଥ ହୁଅନ୍ତୁ । ଆମେନ୍ । ଭଉଣୀ...?...

236 ପ୍ରଭୁ, ବର୍ତ୍ତମାନ ମୁଁ ଏହି କଥାଗୁଡିକ ସେତିକି ସଚ୍ଚୋଟ ଭାବରେ କହିଛି, ଯେତିକି ମୁଁ ଲୋକମାନଙ୍କ ଆଗରେ ସ୍ୱୀକାର କରିପାରେ । ମୁଁ ସେମାନଙ୍କୁ କହିଛି, "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚି ଯା,' ଏବଂ ସନ୍ଦେହ ନ କର, ତାହାହେଲେ ତୁମେ ଯାହା କହିଅଛ ତାହା ପାଇପାର ।" ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଦୁଃଖ ଦୂର ହେଉ ଏବଂ ଆପଣଙ୍କର ସବୁ ସମସ୍ୟାମାନ ଯାହା ଆପଣଙ୍କର ଅଛି । ତେବେ ସନ୍ଦେହ କରନ୍ତୁ ନାହିଁ । ବର୍ତ୍ତମାନ ଠିକ୍ ତାହାଙ୍କ ନିକଟକୁ ଯାଆନ୍ତୁ ।

237 ପ୍ରଭୁ, ମୁଁ ଏହି ଛୋଟ ପିଲାଟି ଉପରେ ନିଜର ହାତକୁ ରଖୁଛି ଯାହାର ଭୟଙ୍କର ମୁଣ୍ଡବିନ୍ଧା ଅଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ସୁସ୍ଥ ହେଉ । ଆମେନ୍ ।

238 ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ହେ ପ୍ରଭୁ, ସେହି ପର୍ବତଟି ତାହାଠାରୁ ଘୁଞ୍ଚିଯାଉ, ଏହା ସୁସ୍ଥ ହେଉ । ଆମର ଭାଇ ବର୍ତ୍ତମାନ ସୁସ୍ଥ ହେଉନ୍ତୁ...?...ଆମେନ୍ ।

239 ବଧିର ଓ ମୂକ; ବଧିର ଘୁଂଗା । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ହେ ପ୍ରଭୁ! ମୁଁ ଦିନ ଦିନ ଧରି, ଏବଂ ବର୍ଷ ବର୍ଷ ଧରି ଠିଆ ହୋଇ ପ୍ରଚାର କରିଛି, ମୋର ଜୀବନ ସାରା, ମୁଁ କେବେବି ସେପରି ବିଶ୍ୱାସକୁ ତୁମ ସହିତ ଯୋଗାଯୋଗରେ ଆସିଥିବାର ଦେଖି ନାହିଁ, ମାତ୍ର ସେଠାରେ କିଛି ଗୋଟାଏ ଘଟିଥିଲା! ତେବେ, ସେ ତାହାର କାନରେ ବଧିର, ଏବଂ ତାର ପେଟ ଫାଟିଯାଇଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେ ସୁସ୍ଥ ହୋଇଯାଉ । ଆମେନ୍ ।

ବର୍ତ୍ତମାନ, ସନ୍ଦେହ କରନ୍ତୁ ନାହିଁ ।

240 ପ୍ରଭୁ, ତୁମେ ତାହାର ଶରୀରର ଦୁଃଖ ଜାଣିଛ । ଏକ ଆନ୍ତରିକ ହୃଦୟ ସହିତରେ, ତାହାର ଉପରେ ହାତ ଦେଇ, ମାଗୁଛି, ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସୁସ୍ଥ ହେଉ । ଆମେନ୍ ।

241 ମୃତ୍ୟୁ ଗୋଟିଏ ଦ୍ୱାରରେ ଛକି ରହିଥିବା ବେଳେ, ବିଶ୍ୱାସ ପରବର୍ତ୍ତୀ ଦ୍ୱାରରେ ରହିଥାଏ । ହେ ପରମେଶ୍ୱର, ସେହି ପଥରକୁ ଗଡ଼ାଇ ଦିଅ ଏବଂ ବିଶ୍ୱାସ ଅଧିକାର୍ କରି ନେଉ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, କର୍କଟ ସେହି ସ୍ତ୍ରୀକୁ ଛାଡି ଚାଲିଯାଉ ।

242 ହେ ପ୍ରଭୁ, ସେ ସୁସ୍ଥ ହେଉନ୍ତୁ । ମୁଁ ତାଙ୍କ ଉପରେ ମୋର ହାତକୁ ରଖୁଛି । ସେହି ବାର୍ତ୍ତା ଏବେ ସୁଦ୍ଧା କାନ୍ଥମାନ ଦେଇ ବାଜୁଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେ ସୁସ୍ଥ ହୁଅନ୍ତୁ ।

243 ପିତା ପରମେଶ୍ୱର, ମୁଁ ମୋର ଭାଇ ଉପରେ ହାତ ରଖୁଛି । ହେ ପ୍ରଭୁ, ଏହା ହେଉ ଯେ, ତୁମର ଆତ୍ମା ଏବଂ ଶକ୍ତିରେ, ତାଙ୍କ ଅନୁରୋଧ ଅନୁସାରେ ତାଙ୍କୁ ପ୍ରଦାନ କର । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ହେଉ । ଆମେନ୍ ।

ଏହା ସମାପ୍ତ ହୋଇଯାଇଛି । ବର୍ତ୍ତମାନ ଏଥିରେ ସନ୍ଦେହ କରନ୍ତୁ ନାହିଁ ।

244 ପ୍ରଭୁ, ଆମର ଭାଇଙ୍କର ଇଚ୍ଛା ଯେ ତାଙ୍କର ଏହିପରି ଅବସ୍ଥାରେ, ସେ ତୁମର ଉପସ୍ଥିତିକୁ ଆସିବାକୁ ଚାହାଁନ୍ତି । ତେବେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେ ଯାହା ମାଗୁଛନ୍ତି ତାହା ସେ ପ୍ରାପ୍ତ କରନ୍ତୁ । ଆମେନ୍ ।

245 କେତେ ଏକ ମହାନ ବିଷୟ! ଏହା ହେଉ ଯେ ପବିତ୍ରଆତ୍ମା ଏହି ପିଲା ଉପରେ ଆସନ୍ତୁ, ପରମେଶ୍ୱରଙ୍କ ଗୌରବ ନିମନ୍ତେ ସେମାନେ ତାଙ୍କୁ ତାହାଙ୍କ ନିକଟକୁ ଆଣନ୍ତୁ…?… ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ, ସେ ଏହାକୁ ଗ୍ରହଣ କରୁ । ଆମେନ୍ ।

246 ପିତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ସେହିପରି ହେଉ, ଯେ ଆମର ଭଉଣୀ ସୁସ୍ଥ ହୁଅନ୍ତି, ଏବଂ ଯୀଶୁଙ୍କ ନାମରେ, ତାଙ୍କ ଅନୁରୋଧ ମଞ୍ଜୁର ହେଉ । ଆମେନ୍ ।

247 ଏହା କରାଯାଉ । ଆପଣ ପବିତ୍ରଆତ୍ମା ଗ୍ରହଣ କରିବେ । ଆପଣଙ୍କୁ ଏଥିରୁ ବଞ୍ଚିତ କରିବାର କୌଣସି ଉପାୟ ନାହିଁ…?…ଆପଣଙ୍କୁ ପାଇବାକୁ ଅଛି! ଆପଣଙ୍କୁ ଏହା ଗ୍ରହଣ କରିବାକୁ ଅଛି, 'କାରଣ ପରମେଶ୍ୱର ଏହା କହିଛନ୍ତି । ଆପଣ ଏହା ସହିତରେ ଛିଡା ହୁଅନ୍ତୁ ।

ସେଠାରେ ଥିବା ସେହି ଛୋଟ କଠିଣ ଅଂଶକୁ ଭାଙ୍ଗନ୍ତୁ । କେବଳ କୁହନ୍ତୁ…?…

248 ସ୍ୱର୍ଗୀୟ ପିତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀର ଅନୁରୋଧକୁ ମଞ୍ଜୁର କର । ଆମେନ୍ ।

249 ପିତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀର ଅନୁରୋଧକୁ ପ୍ରଦାନ୍ କର । ସେ ସୁସ୍ଥ ହୁଅନ୍ତୁ । ଆମେନ୍ ।

250 ସେ ସାତଥର ସିଧାସଳଖ, ଗୋଟିଏ ଗୁଣ୍ଡିଚାମୂଷାକୁ ସୃଷ୍ଟି କରି ଅସ୍ତିତ୍ୱରେ ଆଣିପାରନ୍ତି । ସେ ସେହି ସ୍ତ୍ରୀଲୋକଙ୍କୁ ତାହା ଦେଇଥିଲେ ଯାହା ସେ ମାଗିଥିଲେ; ତାହାହେଲେ ସେ ଏହା ଆପଣଙ୍କୁ ବି ଦେବେ…?…

251 ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀର ଅନୁରୋଧକୁ ମଞ୍ଜୁର କର । ଏହା ତୁମର ବାକ୍ୟ ଅଟେ । ତୁମକୁ ଧନ୍ୟବାଦ । ଏବଂ ପିତା, ଏହା ହେଉ ଯେ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ, ତାହା ତାଙ୍କ ପ୍ରତି ମଞ୍ଜୁର କରାଯାଉ । ଆମେନ୍ ।

252 ଆପଣଙ୍କର ପ୍ରିୟଜନମାନେ? ପିତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏସବୁ ପ୍ରଦାନ କର…?…

253 ପ୍ରଭୁ, ଏହି ଛୋଟ ଯିହୁଦୀ ମହିଳା…ତୁମେ ତ ଅବ୍ରହାମଙ୍କର ପରମେଶ୍ୱର । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଅନୁରୋଧକୁ, ସ୍ୱୀକାର କର । ତାହା ଏପରି ହିଁ ହେଉ!

254 ସ୍ୱର୍ଗର ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଅନୁରୋଧକୁ ରକ୍ଷା କର । ଆମେନ୍ ।

255 ଏହି ସାନ ଝିଅ । ଠିକ ଯେତିକିବେଳେ ତୁମେ ସେଠାରେ ପ୍ରଚାରମଞ୍ଚ ଉପରକୁ ଆସିଲ, ପରମେଶ୍ୱର ମୋତେ ତୁମ ଜୀବନ ବିଷୟରେ ସବୁ କହୁଥିଲେ । ସେ ତୁମଠାରୁ ସେହି ଅଧୀରତାକୁ ନେଇ ଯିବେ ।

256 ପ୍ରଭୁ, ମୁଁ ଏହି ଝିଅ ଭିତରେ ସେହି ଅଧୀରତାକୁ ଧମକ ଦିଏ । ଏହା ହେଉ ଯେ ତାହା ଠିକ ଏହି ଘଟିକାରେ ତାକୁ ଛାଡି ଦେଉ ଏବଂ ସେହି ଝିଅଟି ଅତ୍ୟନ୍ତ ଖୁସିରେ ଏଠାରୁ ଚାଲିଯାଉ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ହେବ ।

257 ସ୍ୱର୍ଗର ପରମେଶ୍ୱର, ଯିଏକି ନିଜର ପୁତ୍ର, ଯୀଶୁଙ୍କୁ, ପୁନରୁତ୍ଥାନରେ ଉତ୍ଥିତ କରିଥିଲେ, ଯାହାକୁ ଆମେ ଆନନ୍ଦୋତ୍ସବ ପାଳନ କରୁ, ହେଉ ଯେ ସେ ଆଜି ଏହାକୁ ଅଧିକ ମହତ୍ତର ଭାବେ ପାଳନ କରୁ…?…ଯୀଶୁଙ୍କ ନାମରେ । ଆମେନ୍ ।

258 ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ମୋର ଭଉଣୀ ଉପରେ ହାତ ରଖି, ଏହା ମାଗୁଛି ଯେ ସେ ଯେପରି ବର୍ତ୍ତମାନ ହିଁ ଯୀଶୁଙ୍କ ନାମରେ ସୁସ୍ଥ ହେଉ ।

259 ପରମେଶ୍ୱରଙ୍କ ପୁତ୍ର, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀ ସୁସ୍ଥ ହେଉନ୍ତୁ । ଆମେନ୍ । ଏହା ତାଙ୍କୁ ରଖିପାରିବ ନାହିଁ । ଏହାକୁ ତ ଛାଡିବାକୁ ହେବ । ଯା, ଏହାକୁ ତ ଛାଡିବାକୁ ହିଁ ଅଛି ।

260 ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀ ସୁସ୍ଥ ହୁଅନ୍ତୁ । ଆମେନ୍ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ମୋର ଏହି ଭଉଣୀକୁ, ସୁସ୍ଥ କରୁଛି । ଆମେନ୍ ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ମୋର ଭଉଣୀକୁ ସୁସ୍ଥ କରେ । ଆମେନ୍ ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ମୋର ଭଉଣୀକୁ ସୁସ୍ଥ କରେ ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ମୋର ଭଉଣୀକୁ, ସୁସ୍ଥ କରେ ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ତାଙ୍କୁ ତାଙ୍କ ଅନୁରୋଧ ପ୍ରଦାନ କରେ । ଆମେନ୍ ।

261 ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହି ଛୋଟ ମାଆକୁ ତାଙ୍କ ଅନୁରୋଧ ପ୍ରଦାନ କରେ ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ତାଙ୍କୁ ତାଙ୍କ ଅନୁରୋଧ ପ୍ରଦାନ କରେ, ପ୍ରଭୁ ।

ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ତାଙ୍କୁ ତାଙ୍କ ଅନୁରୋଧ ପ୍ରଦାନ କରେ ।

262 ଶୟତାନ, ମୁଁ ତୋତେ ବାହାର କରୁଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେହି ସ୍ତ୍ରୀକୁ ଛାଡ଼ି ଦେ ।

263 ଦୀର୍ଘ ସମୟ ହେବ ଆପଣଙ୍କୁ ବାନ୍ଧି ରଖିଥିଲା । ଆପଣ ବର୍ତ୍ତମାନ ମୁକ୍ତ ଅଟନ୍ତି । ଆପଣ ଭଲ ହେବାକୁ ଯାଉଛନ୍ତି । ତେବେ, ଏହିକ୍ଷଣି ହିଁ ତାହାସବୁ ଠିକ୍ ହୋଇଯିବ । ତେବେ ଏହାକୁ ବିଶ୍ୱାସ କରନ୍ତୁ ।

264 ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହି ଭଉଣୀକୁ, ଯିଏକି ଅପଙ୍ଗ ଅଟନ୍ତି, ତାଙ୍କର ଆରୋଗ୍ୟତା ପ୍ରଦାନ କରେ । ଆମେନ୍ ।

265 ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହି ଭଉଣୀକୁ ତାଙ୍କର ସୁସ୍ଥତା ପ୍ରଦାନ କରେ । ଆମେନ୍ ।

266 ଭଉଣୀ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଆପଣଙ୍କୁ ଆପଣଙ୍କର ଆରୋଗ୍ୟତା ପ୍ରଦାନ କରେ । ଆମେନ୍ । ଏହା ସେହିପରି ହିଁ ହେଉ!

267 ମୁଁ ପରମେଶ୍ୱରଙ୍କ ଉପରେ ଭରସା କରୁଛି ଯେ ମୁଁ କୌଣସି ଭୁଲ୍ କରୁ ନାହିଁ । ବିଶ୍ୱାସ ଦ୍ୱାରା, ଏହାକୁ ପ୍ରଦାନ କର । ଏହା ସେହିପରି ହିଁ ହେଉ!

268 କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସେହି ହୃଦୟ ସମସ୍ୟାକୁ ଭଲ କରିବା ପାଇଁ ମଧ୍ୟ ଶକ୍ତି ଦେଇଛନ୍ତି? କଅଣ ଆପଣ ସେହି କାହାଣୀକୁ ବିଶ୍ୱାସ କରୁଛନ୍ତି କି ଯାହା ମୁଁ ବର୍ତ୍ତମାନ କହିଅଛି? ଆପଣା ସମସ୍ତ ହୃଦୟ ସହିତରେ? ତାହାହେଲେ ମୁଁ ଆପଣଙ୍କୁ ଆପଣଙ୍କର ଆରୋଗ୍ୟତା ପ୍ରଦାନ କରୁଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଆପଣଙ୍କୁ ଆପଣଙ୍କର ଆରୋଗ୍ୟତା ପ୍ରଦାନ କରୁଛି ।

269 ଏହି ମହିଳାଙ୍କ ନାମ କଅଣ ଯିଏକି ବର୍ତ୍ତମାନ ହିଁ ଏଠାରୁ ଫେରି ଗଲେ? କଅଣ ଆପଣ ଏଠାରେ ଆଖପାଖରେ କୌଣସି ସ୍ଥାନରେ ରୁହନ୍ତି କି? [ଭଉଣୀ କୁହନ୍ତି, "ହଁ ।"—ସମ୍ପା ।] ଆପଣ ମନେ ରଖନ୍ତୁ ଯେ ଆପଣ ସୁସ୍ଥ ହୋଇଛନ୍ତି! ତାହା ସେତିକି ସତ ଅଟେ ଯେତିକି ସତ ମୁଁ ଏଠାରେ ଛିଡା ହୋଇଅଛି ।

270 ହେ ପିତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ପ୍ରାର୍ଥନା କରେ, ଯେ ସେହି ସ୍ତ୍ରୀଙ୍କୁ, ତାଙ୍କ ଆରୋଗ୍ୟତା ପ୍ରଦାନ କର। ଆମେନ୍।

271 ପିତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ହେଉ ଯେ ସେହି ସ୍ତ୍ରୀ ତାଙ୍କ ସୁସ୍ଥତାକୁ ପ୍ରାପ୍ତ ହେଉନ୍ତୁ। ଆମେନ୍!

272 ମୁଁ—ମୁଁ—ମୁଁ ଆପଣ ପ୍ରତି ଘୋଷଣା କରେ...ମୁଁ—ମୁଁ—ମୁଁ...ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଏକ ଦିବ୍ୟ ବରଦାନ ମାଧ୍ୟମରେ, ମୁଁ ଆପଣଙ୍କୁ ଆପଣଙ୍କର ଆରୋଗ୍ୟତା ଦେଉଅଛି! ସେହି ଶୟତାନକୁ ମଧ୍ୟ, ତଡ଼ି ଦିଅ।

273 ଭଉଣୀ ରୋଜ୍ କଅଣ ଆପଣ ବିଶ୍ୱାସ କରୁଛନ୍ତି? ହେ ପ୍ରଭୁ, ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା, ଏହି ଭଉଣୀ ରୋଜ୍ ଅଷ୍ଟିନ୍‌ଙ୍କୁ ଏହି ଆରୋଗ୍ୟତା ପ୍ରଦାନ କର, ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ। ଆମେନ୍। ତାହା ହିଁ ଏହା, ଭଉଣୀ ରୋଜ୍, ବର୍ତ୍ତମାନ ବିଶ୍ୱାସ କରି ଚାଲି ଯାଆନ୍ତୁ।

274 ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀକୁ ତାଙ୍କ ଆରୋଗ୍ୟତା ପ୍ରଦାନ କର। ଆମେନ୍...?...

275 କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? ଆପଣ ଏହାର ପ୍ରତ୍ୟେକ ଅଂଶକୁ ବିଶ୍ୱାସ କରନ୍ତି। ତାହାହେଲେ ମୁଁ ଆପଣଙ୍କୁ, ଯୀଶୁଙ୍କ ନାମରେ, ଆପଣଙ୍କର ଅନୁରୋଧକୁ ପ୍ରଦାନ କରେ। ପରମେଶ୍ୱର ତାଙ୍କୁ ସୁସ୍ଥ କରିବେ।

276 ହେ ପ୍ରଭୁ, ଏହିପରି ହେଉ ଯେ, ତାଙ୍କ ଭାଇ ଶାରୀରିକ ଏବଂ ଆତ୍ମିକ ଭାବରେ, ସୁସ୍ଥ ହୋଇଯିବେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ। ଆମେନ୍!

ଏହିପରି ହେଉ ଯେ ଏହା ସେହି ଘଟିକା ହେଉ ଯେତେବେଳେକି...?...

277 ପ୍ରଭୁ, ମୁଁ ତାଙ୍କ ଉପରେ ହାତ ରଖୁଛି, ଯେତେବେଳେକି ସେ ଡାକ୍ତରମାନଙ୍କ ପ୍ରତି କିମ୍ବା ଚିକିତ୍ସା ବିଜ୍ଞାନର କୌଣସି ଉପଶମରୁ, ସମ୍ପୂର୍ଣ୍ଣ ଭାବରେ ନିରାଶ ଅଟନ୍ତି। କିନ୍ତୁ ପୁନରୁତ୍ଥିତ ଖ୍ରୀଷ୍ଟଙ୍କୁ ସାକ୍ଷାତ କରିବାଠାରୁ ନୁହେଁ। ଯୀଶୁଙ୍କ ନାମରେ, ସେ ସୁସ୍ଥ ହୁଅନ୍ତୁ। ଆମେନ୍।

...?...

278 ପ୍ରଭୁ, ଆମ ଭଉଣୀର ଅନୁରୋଧକୁ ଅତି ନିକଟତାର ସହ ଶୁଣି, ସେ କହିଥିବା ପ୍ରତ୍ୟେକ ଶବ୍ଦକୁ ନିରିକ୍ଷଣ କରି, ଆମ ଭଉଣୀକୁ ତାଙ୍କ ସୁସ୍ଥତା ପ୍ରଦାନ କର। ଏହା ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ ଅଟେ। ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଏହାକୁ ଯୀଶୁଙ୍କ ନାମରେ, ତାଙ୍କୁ ପ୍ରଦାନ କରିବ। ଆମେନ୍।

[ଜଣେ ଭଉଣୀ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା।]...?...

279 ପ୍ରଭୁ, ତୁମ ସେବକ ଭାବରେ, ସେହି ମାଆକୁ ନିଜ ଶିଶୁ ପାଇଁ କାନ୍ଦୁଥିବାର ଶୁଣି, ମୁଁ ସେହି ଶୟତାନକୁ ଧମକ ଦିଏ ଯିଏ ଏହା କରିଛି।

280 ଏବଂ ସେହି ସ୍ତ୍ରୀଲୋକର ବିଶ୍ୱାସର ସ୍ୱୀକାରୋକ୍ତି ଉପରେ, ମୁଁ ଏହି ଶୟତାନକୁ ବାହାର କରୁଛି । ତୁ ଏହି ଶିଶୁକୁ ପଙ୍ଗୁ କରିବାକୁ ସମର୍ଥ ହେବୁ ନାହିଁ । ଯୀଶୁଙ୍କ ନାମରେ ସୁସ୍ଥ ହୁଅ । ଆମେନ୍ ।

ଭଉଣୀ, ସେ ବର୍ତ୍ତମାନ ସୁସ୍ଥ ହୋଇଅଛି । ଟିକେ ହେଲେ ବି, ଏଥିରେ ସନ୍ଦେହ କରନ୍ତୁ ନାହିଁ । ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା କଅଣ ଆପଣଙ୍କର ଶିଶୁ କି? ସେ ପବିତ୍ରଆତ୍ମା ଗ୍ରହଣ କରୁ!

281 କଅଣ ଆପଣ ସେହି ଶିଶୁକୁ କୌଣସି ସ୍ଥାନକୁ ନେଇ ତାକୁ କିଛି ମିନିଟ୍ ମାତ୍ର ଶୁଣିବେ ନାହିଁ କି । ମୁଁ ବିଶ୍ୱାସ କରେ ଯେ ସେହି ଶିଶୁକୁ କିଛି ଗୋଟାଏ ଘଟିଅଛି । ତୁମେ ଏହାକୁ ପ୍ରାପ୍ତ ହେବ । କଅଣ ତୁମେ ଏହାକୁ ବିଶ୍ୱାସ କର କି?

282 ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆମର ଭାଇ ତାଙ୍କ ଆରୋଗ୍ୟତା ପ୍ରାପ୍ତ ହୁଅନ୍ତୁ ।

283 ପ୍ରଭୁ, ସର୍ବଶକ୍ତିମାନ ପରମେଶ୍ୱରଙ୍କ ଶକ୍ତି ତାଙ୍କ ଶରୀରର ଦୁଃଖକୁ ବାହାର କରି ଦିଅନ୍ତୁ ଏବଂ ତାଙ୍କୁ ପବିତ୍ରଆତ୍ମାରେ ପରିପୂର୍ଣ୍ଣ କରନ୍ତୁ । ଏହା ହେଉଛି ସେହି ଘଡି ଏବଂ ସମୟ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହାକୁ ତାଙ୍କୁ ଦେଉଅଛି । ଆମେନ୍ ।

284 ମଧୁମେହ ରୋଗ ଚାଲିଗଲା । ଆପଣ ପବିତ୍ରଆତ୍ମା ଗ୍ରହଣ କରିଛନ୍ତି । କେତେ ଦିନ ହେଲାଣି ଆପଣ ଦୁଃଖ ଭୋଗୁଛନ୍ତି…?…ଆପଣଙ୍କ ସାରା ଜୀବନ । କଅଣ ଆପଣ ବିଶ୍ୱାସ କରନ୍ତି ଯେ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରିବେ ଏବଂ ଆପଣଙ୍କୁ ଏହି କଷ୍ଟରୁ ଉଦ୍ଧାର କରିବେ; ଆପଣଙ୍କୁ ସ୍ୱାଭାବିକ କରିବେ?

285 ଆପଣଙ୍କର ଶିଶୁ? ତୁମର—ତୁମର ପାଦ । କଅଣ ତୁମେ କେବଳ ଏକୁଟିଆ ଆସିଛ କି? ଯଦି ମୋର ଥାଆନ୍ତା, ଯଦି—ଯଦି ମୋର ନିଜ ଭିତରେ ଶକ୍ତି ଥାଆନ୍ତା, ବୁଝିଲେ! ମାତ୍ର ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ମୋତେ ଏଥିପାଇଁ ବିଶ୍ୱାସ କରିବାରେ ସାହାଯ୍ୟ କରିବେ । ମୋ ଶକ୍ତିରେ ଥିବା ସମସ୍ତକିଛି ବିଷୟ ମୁଁ କରିବି । କଅଣ ତୁମେ ମୋତେ ବିଶ୍ୱାସ କର କି? କଅଣ ତୁମେ ସେହି ଗୁଣ୍ଡିଚାମୂଷା ବିଷୟରେ ସେହି କାହାଣୀକୁ ବିଶ୍ୱାସ କରନ୍ତି କି? କଅଣ ତୁମେ କର କି? କଅଣ ତୁମେ ବିଶ୍ୱାସ କର ଯେ ଆଜି ସକାଳେ, ଏହା ସମ୍ଭବ ଅଟେ, ଯେ ପରମେଶ୍ୱର ତୁମର ଶରୀରକୁ ସୁସ୍ଥ କରିପାରିବେ, ଏବଂ ତୁମେ ପୁଣିଥରେ ଚାଲିବେ, ଏପରି ଚାଲିବେ ଯେପରିକି ତୁମେ ପ୍ରଥମ ଥର ଚାଲିଥିଲ? ସେଠାରେ ଠିକ୍ କିଛି ଗୋଟାଏ ବିଷୟ ତୁମର ଜନ୍ମ ସମୟରେ ଘଟିଥିଲା, ଏପରି କିଛି ଅଟେ ଯାହାକି କିଛି ଗୋଟାଏ ବିଷୟକୁ ଅଳ୍ପ ଟିକିଏ ବାଧା ଦେଇଅଛି ଏବଂ ତୁମେ ଠିକ୍ ଭାବେ ବୃଦ୍ଧି ସାଧନ କଲ ନାହିଁ । ଯେପରିକି ଗୋଟିଏ ଅଙ୍ଗ ଉପରେ ଅନ୍ୟ ଏକ ଅଙ୍ଗ ବଢିବା, ଏହା ତାକୁ ଧରି ରଖିଛି । ତେବେ, ଯଦି ସେହି ଅଙ୍ଗଟି ସେହି ଅନ୍ୟ ଅଙ୍ଗରୁ ବାହାରି ଯାଇପାରେ, ତେବେ ଯାଇ ଏହା ସିଧା ହେବ ଏବଂ ସଠିକ୍ ଭାବରେ ବାହାରିବ । ବୁଝିଲେ? କଅଣ ତାହା ଠିକ୍ କି? ଏହା ଏକ ଅଭିଶାପ ଅଟେ । ଏହା

ଏକ ଅଭିଶାପ ଅଟେ । ଯଦି ସେହି ଅଭିଶାପ ଛାଡି ଯାଇପାରେ, ତାହାହେଲେ ତୁମେ ଭଲ ହୋଇଯିବ । ବୁଝିଲ?

286 ପ୍ରଭୁ, ମୁଁ ଭାବୁଛି, କଅଣ ହୋଇଥାନ୍ତା ଯଦି ଏହା ମୋର ଶିଶୁ ହୋଇଥାନ୍ତା, କଅଣ ହୋଇଥାନ୍ତା ଯଦି ଏହା ମୋର ଭାଇ ହୋଇଥାନ୍ତା? ବିଶ୍ୱାସ ଦ୍ୱାରା, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେହି ଅଭିଶାପକୁ ଦୂର କରେ । ଆମେନ୍ ।

287 ପ୍ରଭୁ, ମୁଁ ତାଙ୍କ ଉପରେ ନିଜର ହାତ ରଖି ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଆରୋଗ୍ୟତାକୁ ମାଗୁଛି । ଆମେନ୍ ।

288 ପିତା ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହି ପୀଡିତା ସ୍ତ୍ରୀଲୋକର ଆରୋଗ୍ୟତା ପାଇଁ, ତାଙ୍କ ଉପରେ ହାତ ରଖୁଛି । ଆମେନ୍ ।

ଭଉଣୀ ନେଶ୍, ପରମେଶ୍ୱର ଆପଣଙ୍କୁ କିଛି ବର୍ଷ ପୂର୍ବେ, ଏକ କର୍କଟ ରୋଗରୁ ରକ୍ଷା କରିଥିଲେ ।

289 ପ୍ରଭୁ, ଭଉଣୀ ନୈଶ୍ ଙ୍କୁ ତାଙ୍କ ଅନୁରୋଧ ପ୍ରଦାନ କର । ତୁମ୍ଭର ସେବକ ଭାବରେ, ମୁଁ ଏହାକୁ ମାଗୁଅଛି । ଏହା କରାଯିବ । ତାହା ହିଁ ସେହି ଉତ୍ତର ଅଟେ, ଭଉଣୀ ନେଶ୍ ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀକୁ ତାଙ୍କ ଅନୁରୋଧ ପ୍ରଦାନ କର । ଆମେନ୍ ।

290 [ଜଣେ ଭାଇ ଏବଂ ଭଉଣୀ ଭାଇ ବ୍ରାନହାମ୍ଙ୍କ ସହିତ କଥା ହୁଅନ୍ତି—ସମ୍ପା ।] ଭାଇ, ଆପଣଙ୍କର ଧନ୍ୟବାଦ ହେଉ, ଏବଂ ନିଜର ଲୋକମାନଙ୍କ ନିକଟକୁ ଫେରିଯାଆନ୍ତୁ ଯେଉଁମାନେକି ସେଠାରେ ଥିଲେ । ପରମେଶ୍ୱର ଏହା ପ୍ରଦାନ କରନ୍ତୁ । ମୁଁ ସେଠାରେ ଥିବାବେଳେ ଏତେ ସୁନ୍ଦର ସମୟ ଅତିବାହିତ ହୋଇଥିଲା, ଯେ ତୁମର ଲୋକମାନେ ମୋର ଚାରିଆଡ଼େ ଏକତ୍ରିତ ହୋଇଥିଲେ । କଅଣ ଆପଣ ବମ୍ବେରେ ଥିଲେ କି ଯେତେବେଳେ ଆମେମାନେ ସେଠାରେ ଥିଲୁ? ତେବେ, ତାହାହେଲେ କଅଣ ଆପଣ ଏହିସବୁ ବିଷୟକୁ ବିଶ୍ୱାସ କରନ୍ତି କି ଯାହା ମୁଁ...ଆପଣ ଶୁଣିଛନ୍ତି?

291 ପ୍ରଭୁ, ଯେତେବେଳେ ସେ ସମୁଦ୍ର ଆରପାରିକୁ ନିଜ ଲୋକମାନଙ୍କ ନିକଟକୁ ଯାଆନ୍ତି, ଏହା ହେଉ ଯେ ସେ ପରମେଶ୍ୱରଙ୍କ ଶକ୍ତିରେ ପରିପୂର୍ଣ୍ଣ ହୁଅନ୍ତୁ, ସେ ମାଗୁଥିବା ପ୍ରତ୍ୟେକ ଅନୁରୋଧରେ ସୁସ୍ଥତା ଲାଭ କରନ୍ତୁ । ଏହା ହେଉ ଯେ ସେ ଯାଇ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହାକୁ ପ୍ରାପ୍ତ କରନ୍ତୁ । ଆମେନ୍ ।

292 ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀ ତାଙ୍କ ଅନୁରୋଧକୁ ପ୍ରାପ୍ତ କରନ୍ତୁ ।

293 ପ୍ରଭୁ, ଆମ ଭଉଣୀର ଅନୁରୋଧକୁ ପ୍ରଦାନ କର । ଏହା ହେଉ ଯେ ତାଙ୍କର ସମସ୍ୟା ବର୍ତ୍ତମାନ ହିଁ, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପୁନରୁତ୍ଥାନ ଦ୍ୱାରା କ୍ଷାନ୍ତ ହୋଇଯାଉ । ଆମେନ୍ । ଭଉଣୀ, ଏହାକୁ ହେବାକୁ ହିଁ ଅଛି, କେବଳ ହେବାକୁ ହିଁ ଅଛି!

294 [ଜଣେ ଭଉଣୀ, ଭାଇ ବ୍ରାନହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା।] କଅଣ ଆପଣ ଏହାକୁ ସୁସମାଚାରରେ ପୁନରାବୃତ୍ତି କରାଯାଉ ବୋଲି ଚାହୁଁଛନ୍ତି କି? ["ହଁ।"]

295 ପ୍ରଭୁ ପରମେଶ୍ୱର, ଯେତେବେଳେକି ଏହି ଯୁବା ସ୍ତ୍ରୀଲୋକଜଣ ଏଠାରେ ଛିଡା ହୋଇଛନ୍ତି, କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟ ପାଇଁ ନୁହେଁ। ସେ ନିଜର ଭାଇଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି, ତାଙ୍କ ରକ୍ତରେ ସଂକ୍ରମଣ ହୋଇ ଯାଇଛି। ମୁଁ ତାଙ୍କୁ ତାଙ୍କ ଅନୁରୋଧ ପ୍ରଦାନ କରୁଛି। ମୋତେ ଏକ ଦୂତଙ୍କ ଦ୍ୱାରା ପ୍ରଦତ୍ତ ଏକ କାର୍ଯ୍ୟଭାର ଜରିଆରେ; ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଏକ ଦର୍ଶନ ଦ୍ୱାରା, ଯାହାକି କିଛି ସପ୍ତାହ ପୂର୍ବରୁ, ମୋ କୋଠରୀରେ ପ୍ରଦତ୍ତ ହୋଇଥିଲା; ମୁଁ ଏହି ଝିଅକୁ ତାଙ୍କ ଅନୁରୋଧ ପ୍ରଦାନ କରୁଅଛି। ଆମେନ୍।

296 ଏହା ହେବାକୁ ହିଁ ଅଛି। କଅଣ ଆପଣ ଏହି ଆଖପାଖରେ ରୁହନ୍ତି କି? [ଭଉଣୀ କୁହନ୍ତି, "ମେମ୍ଫିସ୍, ଟେନେସି।"—ସମ୍ପା।] ମେମ୍ଫିସ୍, ଟେନେସି। ମୋତେ ଏକ ଚିଠି ଲେଖନ୍ତୁ। ଆପଣ—ଆପଣ—ଆପଣ ନିଜର ଅନୁରୋଧକୁ ପ୍ରାପ୍ତ କରିବେ।

297 ଭାଇ ଗ୍ରିମ୍ସଲି। [ଭାଇଜଣକ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା।] ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ଗ୍ରିମ୍ସଲି।

298 ପ୍ରଭୁ, ଆମେ ସ୍ମରଣ କରିପାରୁ ଯେ ଏହି ଭାଇଜଣକ କେତେ ଦୂରରୁ ଆସିଛନ୍ତି, ଏବଂ ସେହି ଗାତ ଯେଉଁଠାରୁ ସେ ଖୋଳା ଯାଇ ଉଦ୍ଧାର କରା ଯାଇଥିଲେ। ପ୍ରଭୁ, ସେ ତୁମ୍ଭର ଆତ୍ମାର ଅଧିକାଂଶ ଚାହାଁନ୍ତି। ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହା ତାଙ୍କୁ ଦିଏ। ତାଙ୍କ ପୂର୍ବବର୍ତ୍ତି କାମଗୁଡିକ ଦେଖି, ଯେ ସେ ତୁମକୁ ଅନୁସରଣ କରିବାକୁ ଚେଷ୍ଟା କରିଛନ୍ତି, ତେବେ, ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମୋତେ ଦିଆଯାଇଥିବା ଏକ—ଏକ କାର୍ଯ୍ୟଭାରର ଶକ୍ତି ଦ୍ୱାରା, ଯାହାକି ଜଣେ ଦୂତ ଏବଂ ଏକ ଦର୍ଶନ ଦ୍ୱାରା ସୁନିଶ୍ଚିତ କରାଯାଇଥିଲା, ମୁଁ ଭାଇ ଗ୍ରିମ୍ସଲିଙ୍କୁ ତାଙ୍କର ଇଚ୍ଛାକୁ ପ୍ରଦାନ କରୁଛି। ତାଙ୍କୁ ବିଶ୍ୱାସରେ ପରିପୂର୍ଣ୍ଣ କର, ଏବଂ ସେ ଏକ ସନ୍ନିକଟତାର ଗମନାଗମନ ପ୍ରାପ୍ତ ହେଉନ୍ତୁ।

299 କଅଣ ହେବ ଯଦି ମୁଁ ଆପଣଙ୍କୁ କୁହେ, "ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ, ଯାଅ ଏବଂ ସୁସ୍ଥ ହୁଅ"? କଅଣ ଆପଣ ତାହା ବିଶ୍ୱାସ କରନ୍ତି ଯାହା ମୁଁ ସେହି ଗୁଣ୍ଡିଚାମୁଷା ଏବଂ ସେଗୁଡ଼ିକ ବିଷୟରେ କହିଥିଲି, ଏବଂ କଅଣ ଆପଣ ତାହା ସତ୍ୟ ବୋଲି ବିଶ୍ୱାସ କରନ୍ତି କି? ତାହାହେଲେ, ସେ, ସେ ମୋତେ ତାହା ପ୍ରଦାନ କରନ୍ତି ଯାହା ମୁଁ ଏହି "ପର୍ବତକୁ" କୁହେ...?... ଆପଣ ଅନ୍ୟ ଏକ ପାଇବେ ନାହିଁ। ଆପଣ ଅନ୍ୟ ଏକ ପାଇବେ ନାହିଁ। ସେଠାରେ ଆଉ କୌଣସି ରୋଗ ହେବ ନାହିଁ, ଆପଣ ଉଭୟେ, ଭଲ ହୋଇଯିବେ।

300 ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କୁ, ସେ ମାଗିଥିବା ଏହି ଅନୁରୋଧକୁ ଦେଉଅଛି। ଆମେନ୍।

301 ପିତା ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମ ଭଉଣୀକୁ, ତାଙ୍କର ଏହି ଅନୁରୋଧ, ପ୍ରଦାନ କରନ୍ତୁ। ଆମେନ୍।

ଠିକ ଅଛି, ଭଉଣୀ, ଯାଆନ୍ତୁ, ଏହାକୁ ବିଶ୍ୱାସ କରନ୍ତୁ ।

302 ପିତା, ଯେତେବେଳେ ଏହି ସ୍ତ୍ରୀଲୋକଟି ଏହି ସ୍ଥାନ ଦେଇ ଅତିକ୍ରମ କରି ଯାଆନ୍ତି, ମୁଁ ପ୍ରାର୍ଥନା କରେ ଯେ ତୁମେ ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କ ଅନୁରୋଧ ପ୍ରଦାନ କରିବ । ଆମେନ୍ ।

303 ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହି ସ୍ତ୍ରୀଲୋକଟିକୁ ତାଙ୍କ ଅନୁରୋଧ ପ୍ରଦାନ କରୁଛି । ଆମେନ୍ । ଏଥିରେ ସନ୍ଦେହ କରନ୍ତୁ ନାହିଁ ।

304 [ଜଣେ ଭଉଣୀ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା ।] କଅଣ ଆପଣ ବିଶ୍ୱାସ କରୁଛନ୍ତି ଯେ ଆପଣ ଏହାକୁ ଗ୍ରହଣ କରିବାକୁ ଯାଉଛନ୍ତି? ["ହଁ ।"] ତାହାହେଲେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମୋତେ ପ୍ରଦତ୍ତ କାର୍ଯ୍ୟଭାର ମାଧ୍ୟମରେ ଦିଆଯାଇଥିବା ଶକ୍ତି, ଏବଂ ସାକ୍ଷ୍ୟ ଅନୁସାରେ ମୁଁ ଆପଣଙ୍କୁ ଆପଣଙ୍କର ଅନୁରୋଧକୁ ପ୍ରଦାନ କରେ…?…ଯାଆନ୍ତୁ, ଏବଂ—ଏବଂ ପରମେଶ୍ୱର ଆପଣଙ୍କ ସହିତରେ ରହିବେ ।

305 ଭାଇ ଫ୍ରେଡ୍, ଆପଣଙ୍କ ହୃଦୟରେ କଅଣ ଅଛି? [ଭାଇ ସୋଥମ୍ୟାନ୍ ଭାଇ ବ୍ରାନହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା ।] ଭାଇ ଫ୍ରେଡି ସୋଥମ୍ୟାନ୍, ମୁଁ ଆପଣଙ୍କ ଶରୀରରେ ଥିବା ସେହି ବିଷକୁ ଧମକ ଦେଉଅଛି । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହା ଆପଣଙ୍କୁ ଛାଡି ଚାଲିଯାଉ । ଆମେନ୍ ।

306 ଭାଇ କଲିନ୍ସ । [ଭାଇ କଲିନ୍ସ ଭାଇ ବ୍ରାନହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା ।]

307 ପ୍ରଭୁ, ଏହି ମୂଲ୍ୟବାନ ଭାଇ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଲୋଡନ୍ତି । ପ୍ରଭୁ, ମୋ ଭିତରେ ଥିବା ସମସ୍ତକିଛି ବିଷୟ ସହିତ, ମୁଁ ମୋର ଭାଇ କଲିନ୍ସଙ୍କ ଉପରେ ଏହି ଆଶୀର୍ବାଦକୁ ଘୋଷଣା କରୁଛି । ଏହାକୁ ଅନୁମୋଦନ କର । ଏହା ହେଉ ଯେ ପବିତ୍ରଆତ୍ମା ତାଙ୍କ ଉପରକୁ ଆସନ୍ତୁ, ଏବଂ ସେ ସେହି ପବିତ୍ରଆତ୍ମା ଦ୍ୱାରା ପରିପୂର୍ଣ୍ଣ ହୁଅନ୍ତୁ! ଆମେନ୍ ।

308 ଭାଇ କଲିନ୍ସ, ଆପଣଙ୍କୁ ଏହା ଗ୍ରହଣ କରିବାକୁ ହେବ, ଏହାକୁ ତ ଠିକ ଆସିବାକୁ ହିଁ ଅଛି । ପରମେଶ୍ୱର କେବଳ ଆମକୁ ପରୀକ୍ଷା କରନ୍ତି ।

309 ପ୍ରଭୁ, ତାଙ୍କର ଅନୁରୋଧକୁ ପ୍ରଦାନ କର । ଏଗା ହେଉ ଯେ ସେ ତୁମର ସେବା କରନ୍ତୁ, ଏବଂ ତାଙ୍କ ପରିବାର ସେମାନଙ୍କର ସମସ୍ତ ହୃଦୟ ସହିତ, ତୁମର ସେବା କରନ୍ତୁ ।

310 ପରମେଶ୍ୱର, ଆମ ଭଉଣୀକୁ ତାଙ୍କ ଅନୁରୋଧ ପ୍ରଦାନ କର । କାରଣ ଯାହାସବୁ ସେ ମାଗିଛନ୍ତି, ଏହା ହେଉ ଯେ ସେ ତାହା ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ, ପ୍ରାପ୍ତ ହେଉନ୍ତୁ । ଆମେନ୍ ।

311 ପ୍ରଭୁ, ଏହି ଭାଇଙ୍କୁ ତାଙ୍କ ମଣ୍ଡଳୀକୁ ସାହାଯ୍ୟ କରିବା ହେତୁ ଶକ୍ତି ପ୍ରଦାନ କର । ଏହା ହେଉ ଯେ ଏହା ଅନୁମୋଦନ କରାଯାଉ । ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ, ମୁଁ ତାଙ୍କୁ ଏହି ଶକ୍ତି ପ୍ରଦାନ କରୁଛି । ଆମେନ୍ ।

312 [ଜଣେ ଭଉଣୀ ଭାଇ ବ୍ରାନହମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା ।] ଭଉଣୀ, ଏହା ଏକ ଭୟଙ୍କର ଜିନିଷ ଅଟେ ଯାହା ଆପଣଙ୍କର ରହିଛି, ଅଧୀରତା । କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ମୁଁ ଆପଣଙ୍କୁ ଯାହା କହିବି ତାହା ସତ୍ୟ ଅଟେ? [“ହଁ, ମୁଁ ବିଶ୍ୱାସ କରେ ।”] କଅଣ ଆପଣ ତାହା ବର୍ତ୍ତମାନ ବିଶ୍ୱାସ କରନ୍ତି ଯେ ମୁଁ—ମୁଁ ଆପଣଙ୍କୁ ଯାହା କହିଛି ତାହା ସତ ଅଟେ? [“ହଁ” ।] ତାହାହେଲେ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମ ଜରିଆରେ, ଆପଣଙ୍କୁ ଆପଣଙ୍କର ଆରୋଗ୍ୟତା ପ୍ରଦାନ କରୁଛି । ଠିକ ଯେତିକି ସୁନିଶ୍ଚିତ ଭାବରେ ମୁଁ ଏହି ପ୍ରଚାର ମଞ୍ଚରେ ଛିଡା ହୋଇଅଛି, ସେତିକି ସୁନିଶ୍ଚିତ ଆପଣଙ୍କର ଅଧୀରତା ଆପଣଙ୍କଠାରୁ ଚାଲିଯାଇଛି ।

313 [ଜଣେ ଭାଇ ଭାଇ ବ୍ରାନହାମ୍‌ଙ୍କ ଭାଇ ସହିତ କଥା ହୁଅନ୍ତି—ସମ୍ପା ।]…?…ଏହା ଆପଣଙ୍କ ଉପରେ, ସର୍ବତ୍ର ବାହାରି ଅଛି ।

314 ପ୍ରଭୁ ପରମେଶ୍ୱର, ଏଠାରେ ଥିବା ମୋର ମୂଲ୍ୟବାନ ଛୋଟ ଭାଇକୁ, ତାଙ୍କ ଆତ୍ମାର ଗଭୀରତା ଏବଂ ଗହ୍ୱରତା ଏପରି ଡାକ ପକାଉଛି ଯେପରିକି ଏକ ଗଭୀର ଅନ୍ୟ ଗଭୀରକୁ ଡାକଇ । ସେ ପବିତ୍ରଆତ୍ମା ଚାହାଁନ୍ତି । ପ୍ରଭୁ, ସେ ତୁମର ସେବାକୁ ପ୍ରତ୍ୟେକ ଉପାୟରେ ସମ୍ମାନିତ କରିଛନ୍ତି, ଯେତିକି ସେ ତାହା କରିପାରିଥିଲେ । ପବିତ୍ରଆତ୍ମାଙ୍କ ଶକ୍ତି ଦ୍ୱାରା, ଏହା ମୋ ଭାଇ ଉପରେ ଆସୁ, ଏବଂ ସେ ପରମେଶ୍ୱରଙ୍କ ଶକ୍ତି ଏବଂ ଅନୁଗ୍ରହ, ସେହି ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତୁ । ତାଙ୍କୁ ଗ୍ରହଣ କର, ଯେତେବେଳେ ମୁଁ ତାଙ୍କୁ ସେଥିରେ ସମର୍ପଣ କରେ….

60-0417M ଯାଅ, କୁହ

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org